
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୦୧ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 01 April 2026
Vol.No. 36 ■ No.87 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଆମେରିକା ସହାୟତା କରିବନି: ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ଟ୍ରମ୍ପ ଦେଲେ ଚେତାବନୀ ବାର୍ତ୍ତା

ନୂଆଦିଲ୍ଲୀ,୩୧/୩ : ମଧ୍ୟପ୍ରାଚ୍ୟ ବିବାଦ ମଧ୍ୟରେ ତୈଳ ସଙ୍କଟର ସମ୍ମୁଖୀନ ହେଉଥିବା ଦେଶଗୁଡ଼ିକ ପାଖରେ କେବଳ ଦୁଇଟି ବିକଳ୍ପ ରହିଛି। ସେମାନେ ଆମେରିକା ଠାରୁ ତୈଳ କିଣନ୍ତୁ କିମ୍ବା ଇରାନ ଅବରୋଧ କରିଥିବା ହର୍ମୁଜରେ ଯୋଗାଣକୁ ସ୍ୱାଭାବିକ କରନ୍ତୁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୂରା ବିଶ୍ୱକୁ ଏପରି ପରାମର୍ଶ ଦେଇଛନ୍ତି। ଇରାନ ସହ ଚାଲିଥିବା ଯୁଦ୍ଧରେ ଆମେରିକାର ସାଥ ଦେବାକୁ ମନା କରିଥିବା ସହଯୋଗୀମାନଙ୍କୁ ମଧ୍ୟ ଟ୍ରମ୍ପ ତୀବ୍ର ସମାଲୋଚନା କରିଛନ୍ତି। ବିଭିନ୍ନ ରାଷ୍ଟ୍ର ଏଣିକି କେମିତି ନିଜ ପାଇଁ ଏକାକୀ ଲଢ଼ିବେ, ସେକଥା ଚିନ୍ତା କରନ୍ତୁ। କାରଣ ଆମେରିକା ସବୁବେଳେ ସେମାନଙ୍କୁ ସହାୟତା କରିବାକୁ ନଥିବ। ଆମେରିକା ଆଉ ସେମାନଙ୍କୁ ସହାୟତା କରିବ ନାହିଁ ବୋଲି ଟ୍ରମ୍ପ ଧମକ ଦେଇଛନ୍ତି। ସେ କହିଛନ୍ତି, "ଷ୍ଟ୍ରେଟ ଅଫ ହର୍ମୁଜ ଅବରୋଧ ଯୋଗୁ ଯେଉଁ ସମସ୍ତ ରାଷ୍ଟ୍ର ତେଲ ପାଉ ନାହାନ୍ତି, ବ୍ରିଟେନ ଭଳି ଇରାନର ଅନ୍ତରେ ସାମିଲ ହେବାକୁ ମନା କରୁଛନ୍ତି, ସେମାନଙ୍କ ପାଇଁ ମୋ ପାଖରେ ୨ଟି ପରାମର୍ଶ ରହିଛି। ୧- ସେମାନେ ଆମେରିକା ଠାରୁ ତେଲ କିଣନ୍ତୁ, କାରଣ ଆମ ପାଖରୁ ବହୁତ ରହିଛି। ୨- ସେମାନେ ବିଳମ୍ବରେ ସାହାସ ଦେଖାଇ ଷ୍ଟ୍ରେଟ ଅଫ ହର୍ମୁଜ ଯାଆନ୍ତୁ ଓ ସେଠାରୁ ତେଲ ଆଣନ୍ତୁ।" ବିଶ୍ୱର ୨୦% ତୈଳ ରପ୍ତାନୀ ହେଉଥିବା ଷ୍ଟ୍ରେଟ ଅଫ ହର୍ମୁଜକୁ ଇରାନ ଯୁଦ୍ଧ ଆରମ୍ଭ ହେବା ଦିନ ଠାରୁ ବନ୍ଦ କରି ରଖିଛି। ଏଥିଯୋଗୁ ତୈଳ ଯୋଗାଣ



ପୂରା ବିଶ୍ୱରେ ପ୍ରଭାବିତ ହୋଇଛି। ଅଶୋଧିତ ତୈଳର ବ୍ୟାରେଲ ପିଛା ଦାମ ମଧ୍ୟ ୧୧୦ ଡଲାର ପାର କରି ଯାଇଛି। ଷ୍ଟ୍ରେଟ ଅଫ ହର୍ମୁଜକୁ ଖୋଲିବା ପାଇଁ ଟ୍ରମ୍ପ ବାରମ୍ବାର ଇରାନକୁ ଧମକ ଦେଉଥିଲେ ହେଁ ଏହା ଏଯାଏ ସଫଳତା ମିଳିନି। ହର୍ମୁଜକୁ ଖୋଲିବା ପାଇଁ ସେ ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ଯୁଦ୍ଧ ତୋପ ପଠାଇବାକୁ ଅନୁରୋଧ କରିଥିଲେ। କିନ୍ତୁ ଏହାକୁ କେହି ବି ଖାତିର କରି ନାହାନ୍ତି। ଏଥିରେ କ୍ଷୁବ୍ଧ ହୋଇ ଏବେ ଟ୍ରମ୍ପ ହର୍ମୁଜ ବନ୍ଦ ଦ୍ୱାରା ପ୍ରଭାବିତ ହୋଇଥିବା ରାଷ୍ଟ୍ରଗୁଡ଼ିକ ନିଜ କଥା ନିଜେ ବୁଝିବାକୁ କହିଛନ୍ତି। ସେ କହିଛନ୍ତି, "ତୁମେମାନେ ସମସ୍ତେ କେମିତି ନିଜ ପାଇଁ ନିଜେ ଲଢ଼ିବାକୁ ହୁଏ, ତା'କୁ ଶିଖିବା ଆରମ୍ଭ କରନ୍ତୁ। ଆମେରିକା ଆଉ ସେଠାରେ ତୁମମାନଙ୍କୁ ସହାୟତା କରିବାକୁ ନଥିବ। ଯେମିତି ତୁମେମାନେ ଆମ ପାଇଁ ନାହଁ, ଠିକ ସେମିତି ଆମେରିକା ମଧ୍ୟ ତୁମମାନଙ୍କ ପାଇଁ ରହିବ ନାହିଁ।" ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନ ଏବେ ସଂପୂର୍ଣ୍ଣ ଧରାଶାୟୀ ହୋଇ ସାରିଛି। ଏବେ ବିଭିନ୍ନ ରାଷ୍ଟ୍ର ସେଠାକୁ ଯାଇ ନିଜ ନିଜର ତୈଳ ଆଣନ୍ତୁ।

## ବଜେଟ୍ ହିସାବରେ ବଢୁନି ରାଜସ୍ୱ: ହ୍ରାସ ପାଉଛି ଅଣଟିକସ ରାଜସ୍ୱ, ଖର୍ଚ୍ଚ ହୋଇପାରୁନି ବଜେଟ୍ ଟଙ୍କା

ଭୁବନେଶ୍ୱର, ୩୧/୩ (ନି.ପ୍ର): ପ୍ରତିବର୍ଷ ରାଜ୍ୟ ବଜେଟର ପରିମାଣ ପ୍ରାୟ ୭ରୁ ୮ ପ୍ରତିଶତ ବୃଦ୍ଧି ପାଉଛି । କିନ୍ତୁ ସେହି ହିସାବରେ ବୃଦ୍ଧି ପାଉନି ରାଜସ୍ୱ । ସିଏଜିଙ୍କ ରିପୋର୍ଟ ଅନୁସାରେ ୨୦୨୪-୨୫ରେ ରାଜସ୍ୱ ସଂଗ୍ରହ ୨.୪୩ ପ୍ରତିଶତ ବୃଦ୍ଧି ପାଇଛି । ନିଜସ୍ୱ କର ୨ ହଜାର କୋଟିରୁ ଅଧିକ ବୃଦ୍ଧି ପାଇଥିବା ବେଳେ ଅଣଟିକସ ରାଜସ୍ୱ ୧୭୯୦ କୋଟି ଟଙ୍କା ହ୍ରାସ ପାଇଛି । ମୋଟ ରାଜ୍ୟ ଘରୋଇ ଉତ୍ପାଦ ୧୩.୩୦ ପ୍ରତିଶତ ଚକ୍ରବୃଦ୍ଧି ବାର୍ଷିକ ଅଭିବୃଦ୍ଧି ହାରରେ ବୃଦ୍ଧି ହୋଇଛି ।୨୦୨୦-୨୧ରେ ୫ ଲକ୍ଷ ୪୦ ହଜାର ୧୮୫ କୋଟି ଟଙ୍କା ଥିବା ବେଳେ ୨୦୨୪-୨୫ରେ ୮ ଲକ୍ଷ ୯୦ ହଜାର ୩୮ କୋଟିରେ ପହଞ୍ଚିଛି । ସେହିପରି ୨୦୨୪-୨୫ରେ ୨୨ ହଜାର ୬୫୧ କୋଟି ଟଙ୍କାର ରାଜସ୍ୱ ବଳକା ହୋଇଥିବା ବେଳେ ରାଜସ୍ୱ ନିଅଣ୍ଟ ୨୫ ହଜାର ୪୨ କୋଟି ଟଙ୍କା ଥିଲା। ଏହିବର୍ଷରେ ପରିଚାଳନା ଗତ ତ୍ରୁଟି ଯୋଗୁଁ ଖର୍ଚ୍ଚ ହୋଇନପାରିନଥିଲା ପ୍ରାୟ ୫୬ ହଜାର କୋଟିରୁ ଅଧିକ ଟଙ୍କା । ୨୦୨୦ରୁ ୨୩ ମଧ୍ୟରେ ଅନୁମୋଦିତ ପରିମାଣର ଅଧିକ ଖଣି ଉତ୍ତୋଳନ କରାଯାଇଛି । ଆଉ ଏଥିପାଇଁ ସରକାର ପ୍ରାୟ ୪୦ କୋଟି ଟଙ୍କା ରାଜସ୍ୱ ହରାଇଛନ୍ତି । ବିଳମ୍ବିତ ରୟାଲିଟି ଆଦାୟ ଯୋଗୁ ୯୦ କୋଟି ଟଙ୍କାର ସୁଧ ହରାଇଛନ୍ତି ସରକାର ।

## ୪ ସାଂଗଠନିକ ଜିଲ୍ଲା ପାଇଁ ସଭାପତି ଘୋଷଣା କଲା କଂଗ୍ରେସ

ଭୁବନେଶ୍ୱର, ୩୧/୩ (ନି.ପ୍ର): ଗଜପତି, ଗଞ୍ଜାମ ପଶ୍ଚିମ , କଟକ ସିଟି ଓ ବୌଦ୍ଧ ପାଇଁ ନୂଆ ଜିଲ୍ଲା ସଭାପତି ଘୋଷଣା କରିଛି ଏଆଇସିସି। ଗଜପତି ଜିଲ୍ଲା ପାଇଁ ଶଙ୍କର ପ୍ରଧାନ, ଗଞ୍ଜାମ ପଶ୍ଚିମ ପାଇଁ ଦଣ୍ଡପାଣି ପାତ୍ର, କଟକ ସିଟି ପାଇଁ ସନ୍ତାୟମ ମିଶ୍ର ଓ ବୌଦ୍ଧ ପାଇଁ ଅବଦୁଲ କଲିମ ଖାନଙ୍କ ନା ଘୋଷଣା କରାଯାଇଛି। ସୂଚନାଯୋଗ୍ୟ ଯେ ନିକଟରେ ଶେଷ ହୋଇଥିବା ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଙ୍ଗ ପାଇଁ କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦୋଷ, ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଓ ମୋହନା ବିଧାୟକ ଦାଶରଥି ଗମାଙ୍ଗୋଙ୍କୁ ନିଲମ୍ବନ କରିଥିଲା ।

## ଭିଜିଲାନ୍ସ ଜାଲରେ ଓପିଏଚ୍‌ଡବ୍ଲୁସି ଡେପୁଟି ମ୍ୟାନେଜର



ଭୁବନେଶ୍ୱର, ୩୧/୩ (ନି.ପ୍ର): ଭିଜିଲାନ୍ସ ଜାଲରେ ପୁଲିସ ବିଭାଗର ଆଉ ଏକ ବଡ଼ ଅଧିକାରୀ ଧରାଦେଇଛନ୍ତି। ଲାଞ୍ଚ ଟଙ୍କା ସଂଗ୍ରହ କରି ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଓପିଏଚ୍‌ଡବ୍ଲୁସିର ଡେପୁଟି ମ୍ୟାନେଜର ବିଦ୍ୟୁତ୍ ରଞ୍ଜନ ଭୋଇଙ୍କ ନିକଟରୁ ନଗଦ ୫ଲକ୍ଷ ଟଙ୍କା ଜବତ କରିଛି। ଏହାପରେ ତାଙ୍କର ଘର ଓ ସମ୍ପର୍କୀୟଙ୍କ ଘରେ ଚଢ଼ାଉ କରାଯାଇ ପ୍ରାୟ ୪୦ଲକ୍ଷ ଟଙ୍କା ନଗଦ ଜବତ କରାଯାଇଛି। ସୂଚନାନୁସାରେ, ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ୱାରେଣ୍ଟ ବଳରେ ଭିଜିଲାନ୍ସ ଟିମ୍ ସମ୍ବଲପୁର ରେଳ ଷ୍ଟେସନ୍‌ରେ ଅଟକାଇ ଯାଞ୍ଚ କରିଥିଲେ। ଶ୍ରୀଭୋଇଙ୍କ ନିକଟରୁ ୫ଲକ୍ଷ ଟଙ୍କା ନଗଦ ମିଳିଥିଲା। ଏହି ଟଙ୍କାର ସେ ଲାଞ୍ଚ ନେଇଥିବା ସନ୍ଦେହ କରାଯାଉଛି। ଏହାପରେ ତାଙ୍କର ସମ୍ବଲପୁର, ଭୁବନେଶ୍ୱର ଓ ଭଞ୍ଜନଗର ଥିବା ବାସଭବନରେ ଚଢ଼ାଉ କରାଯାଇଛି।

## ସରିଲା ନକ୍ସଲ ମୁକ୍ତ ଭାରତ ଅଭିଯାନ ଡେଡଲାଇନ୍: ଆଜିଠୁ ସରେଣ୍ଡର ନୁହେଁ, ସିଧା ଏନକାଉଣ୍ଟର୍

ଭୁବନେଶ୍ୱର, ୩୧/୩ (ନି.ପ୍ର): ମାଓ ମୁକ୍ତ ଭାରତ ଅଭିଯାନ କଣ୍ଟର ଆଜି ଶେଷ ଦିନ। ତେବେ ଓଡ଼ିଶା ଏଥିରୁ ମୁକ୍ତ ହୋଇ ସାରିଥିବା କହିଛନ୍ତି ଆଣ୍ଟି ନକ୍ସଲ ଅପରେସନ୍ ଇଓଏ। ହେଲେ ମାଓବାଦୀ ଲୁଟିଥିବା ସବୁ ଅସ୍ତ୍ର ଫେରି ନଥିବାରୁ ଏହାକୁ ଫେରାଇ ଆଣିବାକୁ ହେବ ପ୍ରୟାସ। ଏହାଛଡ଼ା ମାଓଗତିବିଧି ଯେପରି ପୁଣି ମୁଣ୍ଡ ନଟେକେ ସେଥିପାଇଁ ୨ ବର୍ଷ ଯାଏଁ କଡ଼ା ନଜର ରଖିବେ ସୁରକ୍ଷାକର୍ମୀ। ତେବେ ଓଡ଼ିଶାରେ କେତେ ଛାତିଥରା ଥିଲା ଦୁଇ ଦଶନ୍ଧିର ମାଓହିଂସା। ଲାଲବାହିନୀଙ୍କ ଦୌରାତ୍ମ୍ୟରୁ ଦେଶବାସୀଙ୍କୁ ନିସ୍ତାର ଦେବାକୁ ଗତବର୍ଷ ଫେବ୍ରୁଆରୀରେ ମୋଦି



ସରକାରଙ୍କ ପଣର ଆଜି ସରୁଛି କଣ୍ଟ। ସଂସଦରୁ ବି ଗୃହମନ୍ତ୍ରୀ ଗତକାଲି ଶେଷ ଚେତାବନୀ ଦେଇ କହିଛନ୍ତି ହିଂସା ନୁହେଁ କେବଳ ଶାନ୍ତି ହିଁ ସାଜିବ ପ୍ରଗତିର ରାସ୍ତା। ତେବେ ଏଠି ପ୍ରଶ୍ନ- କେନ୍ଦ୍ରର ଏ ଡେଡଲାଇନ୍ ଭିତରେ ଓଡ଼ିଶାକୁ ଆଉ ନାହିଁ ତ ବିପଦ ? ଉତ୍ତରରେ ଆଣ୍ଟି ନକ୍ସଲ ଅପରେସନ୍ ଇଓଏ ସଞ୍ଜୀବ ପଣ୍ଡା ଓଟିଭିକୁ ଋଢଉଖଟଝଓଠର ସୂଚନା ଦେଇ କହିଛନ୍ତି-୨୦୨୫ରେ ରାଜ୍ୟର ୯ ଜିଲ୍ଲା ମାଓ ପ୍ରଭାବିତ ଥିଲା, ସେଥିରୁ ୮ଟି ମୁକ୍ତ ହୋଇଛି। କେବଳ କନ୍ଧମାଳରେ ହାତ ଗଣତି ନକ୍ସଲ ଅଛନ୍ତି, କାଲିଠୁ ସରେଣ୍ଡର ସୁଯୋଗ ମିଳିବନି, ସିଧା ଏନକାଉଣ୍ଟର।

## ବିରୋଧୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କଟାକ୍ଷ: 'ବିଶେଷ ବାବୁ'ଙ୍କ ଇସାରାରେ ଏବେବି ନାଚୁଛନ୍ତି, ଭାଇଭାଇ ସାଜିଛନ୍ତି ବିଜେଡି-କଂଗ୍ରେସ

ଭୁବନେଶ୍ୱର, ୩୧/୩ (ନି.ପ୍ର): ବିରୋଧୀ ଦଳ ସଦସ୍ୟଙ୍କ କକ୍ଷତ୍ୟାଗ ମଧ୍ୟରେ 'ଓଡ଼ିଶା ବ୍ୟୟମଞ୍ଜୁରୀ ବିଲ-୨୦୨୬' ଗୃହରେ ପାରିତ ହୋଇଛି। ଏହାସହିତ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଦିନରୁ ଅର୍ଥାତ୍ ଆସନ୍ତାକାଲିଠୁ ବଜେଟ୍ ଅର୍ଥ ଖର୍ଚ୍ଚ କରିବାକୁ ରାଜ୍ୟ ସରକାରଙ୍କୁ ବିଧାନସଭାରୁ ଅନୁମତି ମିଳିଛି। ଏହି ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନାରେ ଭାଗ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀଙ୍କ ଉପରେ ବର୍ଷିଛନ୍ତି। ବିଧାନସଭା ଭିତରେ ଓ ବାହାରେ ବିରୋଧୀ ଦଳର ଆଚରଣକୁ ତୀବ୍ର ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟବାସୀ ସବୁ ଦେଖୁଛନ୍ତି ଓ ଆଗାମୀ ନିର୍ବାଚନରେ



ଲୋକେ ନିଶ୍ଚିତ ଏହାର ଉଚିତ୍ ଜବାବ ଦେବେ। ଗୋଟିଏପଟେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସରକାରଙ୍କ ରୋଡମ୍ୟାପକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୃହକୁ ଅବଗତ କରିଥିବାବେଳେ ଅନ୍ୟପଟେ ବିରୋଧୀଙ୍କ ନୈତିକତା ଓ କାର୍ଯ୍ୟଶୈଳୀକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଜେଡି ସରକାରଙ୍କୁ ଟାର୍ଗେଟ୍ କରି କହିଛନ୍ତି ଯେ, ସମୟ ଥିଲା ଯେତେବେଳେ ଅଫିସରମାନେ ହିଁ ସରକାରଙ୍କ ପାଇଁ ନିଷ୍ପତ୍ତି ନେଉଥିଲେ।ଆଉ ଛୋଟ ଛୋଟ ଘଟଣାରେ ମନ୍ତ୍ରୀମାନଙ୍କୁ ବଳି ପକାଯାଉଥିଲା। ଅଫିସର ଯାହା ଚାହୁଁଥିଲେ ସେୟା ହେଉଥିଲା। ଏପରିକି ସେହି 'ବିଶେଷ ବାବୁ'ଙ୍କ ଦ୍ୱାରା ଆଜିବି ବିରୋଧୀ ଦଳ ପରିଚାଳିତ ହେଉଛି। ଏକଥା ତାଙ୍କ ଦଳର ବିଧାୟକମାନେ ଚର୍ଚ୍ଚା କରୁଛନ୍ତି। ପରି, ମମିତା ମେହେର, ମାହାଙ୍ଗା ଡବଲ ହତ୍ୟାକାଣ୍ଡ ଓ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଭଳି ସଙ୍ଗୀନ ଘଟଣା ସମୟରେ ବିରୋଧୀଙ୍କ ନୈତିକତା କୁଆଡ଼େ ଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଶ୍ନ କରିଛନ୍ତି। କଟକ ଏସସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ବିରୋଧୀଙ୍କ ହୋ-ହାଲ୍ଲାକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ଣ୍ଣାଙ୍ଗ ରିପୋର୍ଟ ଆସିଲେ ହିଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ସେତେବେଳେ ଜଣାପଡ଼ିବ କିଏ ପ୍ରକୃତରେ ସବଳ।




### ପବିତ୍ର ଓଡ଼ିଶା ଦିବସ-୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଓଡ଼ିଶା ଦିବସ-୨୦୨୬ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR: 15001/13/2526

### ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଜୟ ଜଗନ୍ନାଥ!

ଆଜି ଓଡ଼ିଶା ଦିବସ । ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଅସ୍ମିତା ଓ ସ୍ୱାଭିମାନର ଦିବସ । ଏହି ଅବସରରେ ଓଡ଼ିଶା ତଥା ଦେଶ ଓ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ତ୍ୟାଗ ଓ ବଳିଦାନ ରଖିଥିବା ସମସ୍ତ ବରପୁତ୍ରମାନଙ୍କ ନୀତି ଓ ଆଦର୍ଶ ଆମକୁ ପିଢ଼ି ପରେ ପିଢ଼ି ଅନୁପ୍ରାଣିତ କରି ଆସୁଛି ଓ ଆସୁଥିବ । ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡ଼ିଶା ଆଜି ନୂଆ ଆଶା, ନୂଆ ଭରସା ଓ ଗଭୀର ଆତ୍ମବିଶ୍ୱାସର ସହିତ ଆଗକୁ ବଢୁଛି । ୨୦୩୬ ସୁଦ୍ଧା ଆମେ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ରଖିଛୁ । ଆଗାମୀ ଦଶ ବର୍ଷ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ସଂକଳ୍ପର ବର୍ଷ ହେଉ ।

ଆସନ୍ତୁ, ଆମେ ସମସ୍ତେ, ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ ପାଇଁ ଦୃଢ଼ ସଂକଳ୍ପବଦ୍ଧ ହୋଇ କାମ କରିବା ।

ବନ୍ଦେ ଉତ୍କଳ ଜନନୀ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/2526

# ଡା.କେଶବ ବଲୀରାମ ହେଡ଼ଗେୱାର: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠାତା



## ସୌର ଚନ୍ଦ୍ର ମହାପାତ୍ର

ଭାରତୀୟ ସଂସ୍କୃତି, ପରମ୍ପରା ଓ ଆଦର୍ଶ ଅନୁଯାୟୀ ସଂଯୁକ୍ତ ଭାରତ ଗଢ଼ିବା ଲକ୍ଷ୍ୟରେ ମରାଠା ସ୍ୱାଧୀନତା ସଂଗ୍ରାମୀ, ଚିନ୍ତାନାୟକ ଡା.କେଶବ ବଲୀରାମ ହେଡ଼ଗେୱାର ୧୯୨୫ ରେ ନାଗପୁରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ଥାପନ କରିଥିଲେ। ସେ ହିଁ ଆରଏସ୍ଏସ୍‌ର ପ୍ରଥମ ସରସଂଘଚାଳକ ବା ମୁଖ୍ୟ ନେତା। ସ୍ୱାମୀ ବିବେକାନନ୍ଦ, ଶ୍ରୀଅରବିନ୍ଦ ଓ ବିନାୟକ ଦାମୋଦର ସାଓ୍ୱରକରଙ୍କ ସାମାଜିକ ଆଧ୍ୟାତ୍ମିକ ଚିନ୍ତାଧାରା ଆଧାରରେ ସେ ଆର୍‌ଏସ୍‌ଏସ୍‌ର ଦର୍ଶନ ବିକଶିତ କରିଥିଲେ। ଡା.ହେଡ଼ଗେୱାରଙ୍କ ପିତା ଥିଲେ ଜଣେ ସାଧାରଣ ରକ୍ଷଣଶୀଳ ପୂଜକ। ତେର ବର୍ଷ ବୟସରେ ପ୍ଲେଗରେ ଉଭୟ ପିତା ଓ ମାତାଙ୍କୁ ହରାଇ ସେ ଅନାଥ ହୋଇଥିଲେ। ତେବେ ଅତ୍ୟଧିକ ଆତ୍ମ-ସମ୍ମାନବୋଧ ଯୋଗୁଁ ଚଳିବା ପାଇଁ କାହା ପାଖରେ ହାତ ପତାଇ ନଥିଲେ କି କାହାର ସାହାଯ୍ୟ ଭିକ୍ଷା କରି ନଥିଲେ। ନାନା ସମସ୍ୟା ମଧ୍ୟରେ ବିଦ୍ୟାର୍ଥୀ ଜୀବନକୁ ଆଗକୁ ବଢ଼ିଥିଲା। ନାଗପୁରର ନୀଲ ସିଟି ହାଇ ସ୍କୁଲରେ ପଢ଼ୁଥିବା ବେଳେ ବ୍ରିଟିଶ ସରକାର ନିଷେଧାଦେଶ ସତ୍ତ୍ୱେ ସେ ବିଦ୍ୟାଳୟ ପରିସରରେ ବନ୍ଦେ ମାତରଂ ଗାନ କରି ବହିଷ୍କୃତ ହୋଇଥିଲେ। ତାହାପରେ ୟୱତମାଲ ଓ ପୁଣେରେ ବିଦ୍ୟାଳୟ ଶିକ୍ଷା ସାରି ହିନ୍ଦୁ ମହାସଭାର ଜାତୀୟ ସଭାପତି ଡା.ବାଳକୃଷ୍ଣ ଶିବରାମ ମୁଂଜେଙ୍କ ସାହାଯ୍ୟରେ ଡାକ୍ତରୀ ପଢ଼ିବା ପାଇଁ କାଲକାତା ଯାଇଥିଲେ।

୧୯୧୫ରେ ଡାକ୍ତର ହୋଇ ଫେରିଥିଲେ ନାଗପୁର। ସେତେବେଳେ ଡା.ହେଡ଼ଗେୱାରଙ୍କ ପରିବାରର ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ ଥିଲା। ସେ ଚିକିତ୍ସା ବ୍ୟବସାୟ ଦ୍ୱାରା ପରିବାରର ଆର୍ଥିକ ସ୍ଥିତି ସୁଧାରିବେ ବୋଲି ଭାଇମାନେ ଆଶା କରୁଥିଲେ। ତେବେ ସେ, ତାହା ନକରି ଜାତୀୟ କଂଗ୍ରେସର ବାଲ ଗଙ୍ଗାଧର ତିଲକ ଗୋଷ୍ଠୀରେ ଯୋଗ ଦେଇଥିଲେ। କଂଗ୍ରେସ ସହ ତାଙ୍କର ସଂପର୍କ ଦୀର୍ଘସ୍ଥାୟୀ ହୋଇପାରି ନଥିଲା। ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ପର୍ଯ୍ୟାୟରେ କଂଗ୍ରେସ ନେତା ଭାବେ ଦୁଇ ଦୁଇ ଥର ଜେଲ ଯାଇଥିଲେ ହେଁ ପରେ ଉକ୍ତ ଦଳ ସହ ସଂପର୍କ ଛିନ୍ନ କରି ଡା.ମୁଂଜେଙ୍କ ପରାମର୍ଶରେ ଆରଏସ୍ଏସ୍ ଗଢ଼ିଥିଲେ। ଡା.ମୁଂଜେଙ୍କୁ ତାଙ୍କ ପ୍ରକୃତ ଗୁରୁ କୁହାଯାଏ। ଆରଏସ୍ଏସ୍ ସଂଗଠନ ତାଙ୍କ ସମୟରେ ବେଶ ସଂପ୍ରସାରିତ ହୋଇପାରିଥିଲା। ୧୯୩୬ରେ ଏହାର ମହିଳା ଶଶଖା ଖୋଲିଥିଲା। ସ୍ୱୟଂ ସେବକମାନେ ଡା.ହେଡ଼ଗେୱାରଙ୍କୁ ଡକ୍ଟରଜୀ ସଂବୋଧିତ କରୁଥିଲେ। ୧୯୪୦ ବେଳକୁ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିଯିବାରୁ ସେ ମାଧବ ସଦାଶିବ ଗୋଲଓ୍ୱଲକରଙ୍କୁ ସଂରସଂଘଚାଳକର ଦାୟିତ୍ୱ ହସ୍ତାନ୍ତରିତ କରିବା ଆରମ୍ଭ କରିଥିଲେ। ଜୁନ୍ ୧୯୪୦ରେ ଡା.ହେଡ଼ଗେୱାରଙ୍କ ଦେହାନ୍ତ ପରେ ଗୋଲଓ୍ୱଲକର ସରସଂଘଚାଳକ ଭାବେ ନିଯୁକ୍ତି ହୋଇଥିଲେ। ୧୮୮୯ ଏପ୍ରିଲ ଆଜିର ଦିନରେ ଡା.ହେଡ଼ଗେୱାର ଜନ୍ମ ହୋଇଥିଲେ।

+ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ
ମୋ : ୯୪୩୭୦୦୪୪୬୬

# ମହାନ ଓ ଗରିମା ସମ୍ପନ୍ନ ପ୍ରଗତିର ଓଡ଼ିଶା

## ଡକ୍ଟର ସୁରେଶ କୁମାର ନାୟକ

ନବେ ବର୍ଷରେ ପହଞ୍ଚିଛି ଆମ ଓଡ଼ିଶା। ପରିବର୍ତ୍ତନର ଢ଼େଉରେ ଆମ ଦେଶର ବିଭିନ୍ନ କ୍ଷେତ୍ରରେ ଆମର ଏହି ସୁନାର ଓଡ଼ିଶା ଯାହା ପ୍ରାଚୀନତମ ଉତ୍କଳ ବା କଳିଙ୍ଗ ନିଜସ୍ୱ ବହୁମୂଲ୍ୟ ଅବଦାନ ରଖିଆସିଛି। ଏହି ରାଜ୍ୟ ନିଜସ୍ୱ ପରିଚୟ କେବଳ ବଜାୟ ରଖିନି, ଭାଷା, ସଂସ୍କୃତି, ସାହିତ୍ୟ ଠାରୁ ପ୍ରାକୃତିକ ସମ୍ପଦ ବିନିଯୋଗ ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ଅନେକ ଦୁର୍ଦ୍ଦିନ ପ୍ରାକୃତିକ ବିପର୍ଯ୍ୟୟକୁ ମୁହଁ କରି ହାରି ଯାଇନି କି ପଛେଇ ଯାଇନି ବରଂ ଆତ୍ମନିର୍ଭର ପଥରେ ଅନେକ ଅମଡ଼ା ବାଟକୁ ଅତିକ୍ରମ କରି ପାଇଛି ବିକଶିତ ଉପଲବ୍ଧି। ସେହିପରି ଉତ୍କୃଷ୍ଟ କଳାର ଦେଶ ଉତ୍କଳ, ଆମ ରାଜ୍ୟ କଳା ସଂସ୍କୃତିର ରାଜ୍ୟ। ଆମ ସଂସ୍କୃତି ଯେତେ ପ୍ରାଚୀନ ଆମ କଳାକାରିଗରୀ ସେତେ ମହାନ। ସ୍ୱତନ୍ତ୍ର କଳାର ସୃଜନ ହେତୁ ପଥର ଦେହରେ ନିହଣ ମୁନରେ ଓଡ଼ିଶାର ଶିଳ୍ପ କିମ୍ବଦନ୍ତୀ ରଚିଛନ୍ତି ବାନ୍ଧକଳା ହେଉ କି ତାରକୋସୀ, ଡୋକ୍ରା ହେଉ କି ଶିଳାଲିପି ଆମ ଉତ୍କଳୀୟ ମନ୍ଦିର ବି ଗାଏ ଓଡ଼ିଆ ଶିଳ୍ପୀଙ୍କ ଗୌରବ ଗାଥା। ଭାରତର ଗୌରବମୟ ଇତିହାସରେ ଏକ ସ୍ୱର୍ଣ୍ଣିମ ପୃଷ୍ଠା ମଣ୍ଡନ କରେ ଓଡ଼ିଶା। ଏହି ପବିତ୍ର ମାଟିର ସ୍ପର୍ଶରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ। ଅନେକ ପୌରାଣିକ କାହାଣୀର ସମ୍ବନ୍ଧ ରହିଛି ଏହି ମାଟି ସହ। ଦ୍ୱାରିକାରୁ ଶାପଗ୍ରସ୍ତ ଶାମ୍ବ ଶାପ ମୁକ୍ତ ହେବାକୁ ଅର୍କ ଭୂମି କୋଣାର୍କରେ ସୂର୍ଯ୍ୟଙ୍କ ଆରାଧନା କରିବା ପରେ ଶାପମୁକ୍ତ ହୋଇଥିଲେ। ସେହିପରି ପୁରାଣରେ ଆହୁରି ବର୍ଣ୍ଣିତ ମହାଭାରତ ଯୁଦ୍ଧ ପରେ ପାପକ୍ଷୟ ପାଇଁ ଏହି ପୂଣ୍ୟ ପାବନ ଭୂମିକୁ ପାଣ୍ଡବମାନେ ଆସିଥିଲେ। ଲୋମଶ ମୁନୀଙ୍କ ପରାମର୍ଶ କ୍ରମେ ମହାମାୟାଙ୍କ ନାଭି ପୀଠ ବିରଜା କ୍ଷେତ୍ରକୁ ଆସି ଦେବୀ ଆରାଧନା, ପିତୃ ତର୍ପଣ କରି ପାପଭାରରୁ ମୁକ୍ତ ହୋଇଥିଲେ। ସେହିପରି ମହାଭାରତର ମାୟାକୁ ଡେଇଁ ଏହି ମାଠିର ମହାନତା ରାମାୟଣର ରାମଗାଥାକୁ ମଧ୍ୟ ନିଜ ଅଙ୍କରେ ଧାରଣ କରିଛି। ଋଷିପୁତ୍ର ଉଚ୍ଚ ବ୍ରାହ୍ମଣ ବଂଶରେ ଜନ୍ମିତ ରାବଣକୁ ବଧ କରିଥିଲେ। ଏହାପରେ ରଘୁବୀର ଲିଙ୍ଗରାଜଙ୍କୁ ରାବଣକୁ ବଧ କରିଥିବା ଧନୁ ଅର୍ପଣ ପୂର୍ବକ ନିଜକୁ ସମର୍ପଣ କରିଥିଲେ। ଏହାର ପ୍ରମାଣ ସ୍ୱରୂପ ଏକମାତ୍ର ଶୈବପୀଠ ଭାବରେ ଲିଙ୍ଗରାଜ ଚୂଡ଼ାରେ ଶୋଭା ପାଏ ଏହି ଧନୁ। ମହାନ ଉତ୍କଳୀୟ ଚେତନା ଭିତରେ ପୌରାଣିକ କଥାବସ୍ତୁ ଅନୁଯାୟୀ ଆଦିକବି ସାରଳା ଦାସ ତାଙ୍କ ରଚିତ ମହାଭାରତର ମଧ୍ୟ ପର୍ବରେ ସୂଚାଇଛନ୍ତି ଯେ, ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ତାଙ୍କ ଗୁରୁ ସନ୍ଦିପନୀଙ୍କ ଠାରୁ ୬୪ଟି ଭାଷା ଶିକ୍ଷା କରିଥିଲେ। ତା ମଧ୍ୟରେ ଥିଲା ଓଡ଼ିଆ। ସାରଳା ଦାସଙ୍କ ନିମ୍ନୋକ୍ତ ପଂକ୍ତି ତାହା ସୂଚାଏ - 'ଓଡ଼ିଆ, ତେଲଙ୍ଗୀ ଆଉ ନାଗରୀ ଦକ୍ଷିଣୀ, କନଉଜ ଦ୍ରାବିଡ଼ ଯେ ଆଦି ଭାଷା ଘେନି। ଏହିପରି ଲେଖିଲେ ଯେ ଭାଷା ଚଉଷଠି ନବଦିନେ ଲେଖିଲେ ଯେ ତାଳପତ୍ର ଚିଠି।' କେବଳ ସେତିକି ନୁହେଁ, ବୌଦ୍ଧ ଓ ଜୈନ ଧର୍ମର ଗ୍ରନ୍ଥ ଗୁଡ଼ିକରେ ବି ଏକଥାର ସ୍ପଷ୍ଟ ଉଲ୍ଲେଖ ରହିଛି। ବୌଦ୍ଧ ଧର୍ମଗ୍ରନ୍ଥ 'ଲଳିତ ବିସ୍ତର'ରେ କୁହାଯାଇଛି, ବୁଦ୍ଧଦେବ ୬୪ ପ୍ରକାର ଲିପି ଶିକ୍ଷା କରିଥିଲେ। ସେଥିରୁ ଗୋଟିଏ ଥିଲା ଉଡ୍ରଲିପି। ଜୈନ ଧର୍ମଗ୍ରନ୍ଥ 'ସମବାୟ ସୂତ୍ର', 'ପ୍ରଜ୍ଞାପନୀ ସୂତ୍ର', 'ନନ୍ଦୀ ସୂତ୍ର' ଉଡ୍ରଲିପି ଓ ଉଡିୟା ଭାଷାର ଉଲ୍ଲେଖ ଅଛି।

ଆମ ମହାନ ଉତ୍କଳର ପରିଚୟ କେବଳ ଭୌଗୋଳିକ ସୀମାବଦ୍ଧ ଏକ ଭୂଖଣ୍ଡ ନୁହେଁ। ମହାପ୍ରଭୁ ପରମବ୍ରହ୍ମ ଜଗନ୍ନାଥଙ୍କୁ କୋଳରେ ଧରିଛି ଏ ଭୂମି। ଦେଶରେ ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଗଠିତ ହୋଇଥିଲା ରତ୍ନଗର୍ଭା, ବିଭବମୟୀ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ। ସାରା ପୃଥିବୀରେ ଯେତେବେଳେ ପ୍ରଶ୍ନ କରେ ଓଡ଼ିଶା କ'ଣ? ସେଇଠି ଓଡ଼ିଆର ସ୍ୱାଭିମାନ ସଗର୍ବେ ଉତ୍ତର ଦେଇଥାଏ 'ଆମ ରାଇଜ ଓଡ଼ିଶା କେବଳ କଳା ଓ ସଂସ୍କୃତିର ସୁବର୍ଣ୍ଣ କ୍ଷେତ୍ର ନୁହେଁ, କିମ୍ବା ମାନଚିତ୍ରରେ ସ୍ଥାନିତ କେବଳ ଏକ ଭୂଭାଗ ନୁହେଁ। ଏ ମାଟିର ମହକ ସାତ ଦରିଆ ପାରି ହୋଇ ବି ମହକି ଉଠେ, ବିଶ୍ୱ ପ୍ରସିଦ୍ଧି ବିଭବର ସମ୍ଭାରରେ ସଂପୂର୍ଣ୍ଣ ଏ ଭୂମି। ଏହାର କେତେ ଯେ ବିଭବ ବିଶ୍ୱକୁ ମନ୍ତ୍ରମୁଗ୍ଧ କରିଛି ତାହାର ଠିକଣା ନାହିଁ। ନବେ ବର୍ଷର ବିକଶିତ ଅଭିବୃଦ୍ଧି ସମ୍ପନ୍ନ ଓଡ଼ିଶା ପାହାଚ ପରେ ପାହାଚ ସଫଳତାର ଗାଥାକୁ ଧରି ଆଗେଇ ଚାଲିଛି। ବିଶେଷକରି ଶିକ୍ଷା କ୍ଷେତ୍ରକୁ ଦେଖିଲେ ଓଡ଼ିଶାରେ ବିଭିନ୍ନ ସରକାରୀ ଓ ଅନେକ ଉଚ୍ଚଗୁଣାତ୍ମକ ଶିକ୍ଷା ସଂସ୍ଥାନ ରହିଛି। ଜାତୀୟ ଶିକ୍ଷାନୁଷ୍ଠାନ ଗୁଡ଼ିକ ଓଡ଼ିଶାର ଅନେକ ସ୍ଥାନରେ ଖୋଲି ସାରିଛି। ଗବେଷଣା ଠାରୁ ସ୍ୱାସ୍ଥ୍ୟ ସେବା, ଉଚ୍ଚତର ଅଧ୍ୟୟନ ଠାରୁ ସୁପରଟେକ୍ନୋଲୋଜି ଅନେକ ସୁବିଧା ପାଇଁ ବ୍ୟାପକ ଶିକ୍ଷାନୁଷ୍ଠାନ ନିରନ୍ତର ସେମାନଙ୍କର କାର୍ଯ୍ୟକ୍ରମକୁ ନେଇ ଆଗେଇ ଚାଲିଛନ୍ତି। ରାଉରକେଲାରେ ଏନଆଇଟି (ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି), ଭୁବନେଶ୍ୱରରେ ନାଇଜର (ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ ଏଜୁକେସନ ଆଣ୍ଡ ରିସର୍ଚ୍ଚ), ସମ୍ବଲପୁରରେ ଆଇଆଇଏମ (ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ), କୋରାପୁଟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରେ ଏନସିଇଆରଟି ପକ୍ଷରୁ ରିଜିଓନଲା ଇନଷ୍ଟିଚ୍ୟୁଟ ଅଫ ଏଜୁକେସନ ଆରଇସି ଓ ବ୍ରହ୍ମପୁରରେ ଆଇଜର (ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ ଏଜୁକେସନ ଆଣ୍ଡ ରିସର୍ଚ୍ଚ) ସମେତ ସିଆଇଇଟି (ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ ଏଜୁକେସନାଲ ଟେକ୍ନୋଲୋଜି) ଓ ଅନ୍ୟାନ୍ୟ ଜାତୀୟ ସଂସ୍ଥାନ ଓଡ଼ିଶାକୁ ଦେଶର ଶିକ୍ଷା ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଭାବେ ପରିଗଣିତ କରିଛନ୍ତି। ମତ୍ସ୍ୟଚାଷ କ୍ଷେତ୍ରରେ ଭୁବନେଶ୍ୱରର ସିଫା ଓ କଟକ ବିଦ୍ୟାଧରପୁରର ଧାନ ଗବେଷଣା କେନ୍ଦ୍ରର ଅବଦାନ କାହାକୁ ଅଛପା ନୁହେଁ। ଆଇନ ଶିକ୍ଷା ପାଇଁ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓ ମ୍ୟାନେଜମେଣ୍ଟ ଶିକ୍ଷା ପାଇଁ ଜାଭିୟର ପଥ ପ୍ରଦର୍ଶକ ସାବ୍ୟସ୍ତ ହୋଇଛନ୍ତି। କିମସ୍, ସମ ଓ ହାଇଟେକ ଭଳି କେତେକ ଘରୋଇ ଡାକ୍ତରୀ ଶିକ୍ଷା ସଂସ୍ଥାନ ସହ ସରକାରୀ ଡାକ୍ତରୀ ସଂସ୍ଥା ଏ ଦିଗରେ ଉନ୍ନତମାନର ଶିକ୍ଷା ପ୍ରଦାନ କରି ଆସୁଥିବା ବେଳେ ଅନେକ ଜାତୀୟସ୍ତରର ଘରୋଇ ହସ୍ପିଟାଲ ଓଡ଼ିଶାରେ ସେମାନଙ୍କ ଡାକ୍ତରଖାନା ପ୍ରତିଷ୍ଠିତ କରିସାରିଲେଣି। ହଜାର ବର୍ଷର ସହର କଟକର ଶିକ୍ଷା ମାନଚିତ୍ରକୁ ଦେଖିଲେ ଶିକ୍ଷାକୁ ଭଲ ପାଉଥିବା ଓ ଓଡ଼ିଶାବାସୀଙ୍କ ପାଇଁ ସ୍ୱଳ୍ପ ସାଧନ ଭିତରେ ପିଲାମାନଙ୍କୁ ଶିକ୍ଷାର ଉଚ୍ଚତର ସେବା ଯୋଗାଇବା ପାଇଁ ଶିକ୍ଷାବିତ୍ ଡକ୍ଟର ମେଘନା ମିଶ୍ରଙ୍କ ଉଦ୍ୟମରେ କଟକ ସିଡ଼ିଏ ଠାରେ ସିମରିଂ ଷ୍ଟାର ପ୍ଲେ ସ୍କୁଲ ଗଢ଼ି ଉଠିଛି ଯେଉଁଠି ନର୍ସରୀରୁ ୟୁକେଜି ଓ ଏସେଲ୍ସ ପବ୍ଲିକ ସ୍କୁଲ ଗଢ଼ି ଉଠିଛି ଷ୍ଟାଣ୍ଡାର୍ଡ଼ ୱାନରୁ ସିନିୟର ସେକେଣ୍ଡାରୀ ଶିକ୍ଷା ନିମିତ୍ତ। ତିନୋଟି ବିଶାଳ କ୍ୟାମ୍ପସ ବିଶିଷ୍ଟ ଏହି ଶିକ୍ଷାନୁଷ୍ଠାନ କଟକ ସହରର କେବଳ ନୁହେଁ ଓଡ଼ିଶାର ଅନ୍ୟତମ ଉତ୍କୃଷ୍ଟ ଶିକ୍ଷାକେନ୍ଦ୍ର କହିଲେ ଅତ୍ୟୁକ୍ତି ହେବନାହିଁ।

ଉତ୍କଳୀୟ ଭାଷା, ଆଧ୍ୟାତ୍ମିକତା, ବିଭବ, ସଂସ୍କୃତି ଓ ପରମ୍ପରା ଭିତରେ ଜାନିଯାତ, ରଙ୍ଗମଞ୍ଚ ମଧ୍ୟ ଗୌରବମୟ ଜାତିର ଚିର ଗର୍ବ। ବିଶ୍ୱର ସର୍ବବୃହତ୍ତ ମୁକ୍ତାକାଶ ରଙ୍ଗମଞ୍ଚ ରୂପେ ଗ୍ରୀନିଜ ବୁକ୍ ଅଫ ୱାର୍ଲ୍ଡରେ ରେକର୍ଡ଼ରେ ସ୍ଥାନିତ ଧନୁ ଯାତ୍ରା ହେଉଛି ଲୋକପରମ୍ପରା, ଆଧ୍ୟାତ୍ମିକ ଲୀଳା ଓ ଲୋକନାଟକର ଏକ ଅନନ୍ୟ ପରିକଳ୍ପନା। ପ୍ରତିବର୍ଷ ପୌଷ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରୁ ଏହି ଯାତ୍ରା ଆରମ୍ଭ ହୋଇଥାଏ। ସେହିପରି ଉତ୍କଳୀୟ ମହାନ ଜାତିର ପରିଚୟ ପ୍ରଭୁ ଜଗନ୍ନାଥ ନବ ଦିନାତ୍ମକ ପତିତପାବନ ଯାତ୍ରାରେ ରଥଯାତ୍ରା ନିମିତ୍ତ ରାଜା ହୋଇ ପ୍ରଜା ପାଳନ କରୁଥିବାରୁ ଭକ୍ତ ସ୍ୱରୂପ ପ୍ରଜାଙ୍କର ଦୁଃଖ ଶୁଣିବା ସହ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଦର୍ଶନ ଦେବା ପାଇଁ ନୀଳକନ୍ଦରରୁ ବାହାରକୁ ଆସିଥାନ୍ତି। ସେହିପରି ଓଡ଼ିଶାର ସାଧବ ସଂସ୍କୃତି ଓ ବାଣିଜ୍ୟ ପରମ୍ପରାର ମହାନତାକୁ ପାଳନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ କଟକର ଗଡ଼ଗଡ଼ିଆ ଘାଟ ଠାରେ କାର୍ତ୍ତିକ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇଥାଏ ଐତିହାସିକ ବାଲିଯାତ୍ରା। ଓଡ଼ିଶାର ରସଗୋଲା ହେଉ ବା ପୋଡ ପିଠା, ପଖାଳ କଂସା ହେଉ ବା ଓଡ଼ିଶା ହସ୍ତତନ୍ତ। ଅନେକ କିଛି ଉତ୍କଳୀୟ ସ୍ୱାଭିମାନ ଓ ସମ୍ମାନର ଗର୍ବ ଓ ଗୌରବ।

ବାସ୍ତବରେ ନବେ ବର୍ଷର ବିକଶିତ ଶିକ୍ଷା ସମ୍ପନ୍ନ ସ୍ୱତନ୍ତ୍ର ଓଡ଼ିଶା କଥା ଭାବିଲାବେଳକୁ ଅନୁଭବ କରୁଛୁ ସତରେ ମୋ ପ୍ରିୟ ଓଡ଼ିଶା କେତେ ମହାନ, କେତେ ଗରୀୟାନ, କେତେ ବିଭବଶାଳୀ।

+ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସିଡ଼ିଏ, କଟକ
ମୋ : ୯୪୩୭୨୨୫୫୯୨

# ଝାଡ଼ଖଣ୍ଡ, ଉତ୍କଳ ଆସୋସିଏସନ ଓ ଉତ୍କଳ ଦିବସ

## ଇନ୍ଦୁଭୂଷଣ ଭୂୟାଁ

ଓଡ଼ିଆ ଭାଷା ହେଉଛି ଆମ ପ୍ରାଣ, ଆମ ମନ ଏବଂ ଆମ ଆତ୍ମାର ଭାଷା। ଓଡ଼ିଆ ଭାଷା ପ୍ରତି ପ୍ରତିଟି ଓଡ଼ିଆଙ୍କର ଯେଉଁପରି ଆଦର ଓ ଆତ୍ମୀୟତା ତାହା ଅନ୍ୟ ଭାଷା ପ୍ରତି କଦାପି ହୋଇପାରିବ ନାହିଁ। ଉତ୍କଳ ଦିବସ ଆସିଗଲେ ଦେହ ଭିତରେ ଏକ ପ୍ରକାର ପ୍ରାଣ ଉଲ୍ଲାସ ଭରି ଯାଏ। ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ଆସିଯାଇଛି ଉତ୍କଳ ଦିବସ। ଉତ୍କଳ ଦିବସ ଆସିଲେ ଏଠାକାର ଓଡ଼ିଆଏ ଉତ୍କଳ ଆସୋସିଏସନ ମୁହାଁ ହୁଅନ୍ତି। ଏଠାକାର ସାକଚୀ, ସିଦ୍ଧଗୋଡ଼ା, ବାରିଡିହ, ସୋନାରୀ, କଦମା, ବିଷ୍ଟୁପୁର, ମାନଗୋ, ଆଦିତ୍ୟପୁର ଅଞ୍ଚଳର ଲୋକ ଏ ନେଇ ନାନା ସାଂସ୍କୃତିକ କାର୍ଯ୍ୟକ୍ରମ, ଅତିଥି, ଖାଦ୍ୟପେୟ, କାହା କାହାକୁ ସମ୍ମାନିତ କରାହେବ ଏ ନେଇ ନାନାଦି ପ୍ରସ୍ତୁତିରେ ଥାଆନ୍ତି। ଚଳିତ ବର୍ଷ ମୁଖ୍ୟ ଅତିଥି ଭାବରେ ୟୁରାନିୟମ କର୍ପୋରେସନ ଅଫ ଇଣ୍ଡିଆ ଯଦୁଗଡ଼ାର ଅର୍ଥ ବିଭାଗର ଡାଇରେକ୍ଟର ବିକ୍ରମ କେଶରୀ ଦାସ ଯୋଗଦେଉଛନ୍ତି। ଟ୍ରଷ୍ଟି ମନୋରଞ୍ଜନ ଦାସ ଓ ଡାକ୍ତର ସୀମାଞ୍ଚଳ ରାଉଳ, ସଭାପତି ଡାକ୍ତର ଶ୍ରୀଧର ରାଉଳ, ଦୁଇ ଉପସଭାପତି ସଞ୍ଜୟ ପାତ୍ର, ବାଦଲ ଭୂୟାଁ, ସମ୍ପାଦକ ତରୁଣ କୁମାର ମହାନ୍ତି, କୋଷାଧ୍ୟକ୍ଷ ମନୀଷ ଦାସ, ସଙ୍ଗୀତା ବେହେରା, ପ୍ରତିଭା ମହାନ୍ତି, ସସ୍ମିତା ପାତ୍ର, ଅଶୋକ ମହାପାତ୍ର, ନିରଞ୍ଜନ ନାୟକ, ମନୋରଞ୍ଜନ ପଶାୟତ, ଜେ.ପି. ଲେଙ୍କା, ମନୋରଞ୍ଜନ ଗୌଡ଼, ବିଜୟ ମିଶ୍ର, ମନୋଜ କୁମାର ସ୍ୱାଇଁ, ବୈଜ୍ଞାନିକ ଡକ୍ଟର ନରେନ୍ଦ୍ର କୁମାର ସେଠୀ, ସୌମେନ୍ଦ୍ର ଭୂୟାଁ, ପ୍ରଶାନ୍ତ ମହାନ୍ତି, ମନୋରମା ମହାପାତ୍ରା, ଗୀତା ଗୌଡ଼, ନିରୂପମା ପୃଷ୍ଟି, ମୀନତି ମହାପାତ୍ର, ସଂଘମିତ୍ରା ନାୟକ, ସ୍ନିଗ୍ଧା ମହାନ୍ତି, ସୁଶୀଳା ଆଚାର୍ଯ୍ୟ, ଜୟଶ୍ରୀ ମହାନ୍ତି, ନିବେଦିତା, ସାଧନା, କୁମୁଦିନୀ, ସୁଜାତା, ପବିତ୍ର, ଅଶୋକ, ବିଭୂତି, କିଶୋର ଆଦି। ଓଡ଼ିଶା ସରକାରଙ୍କ ତରଫରୁ ନୃତ୍ୟାଙ୍ଗନା ନୃତ୍ୟ ଦଳ ସମ୍ବଲପୁରୀ ଓ ଓଡ଼ିଶୀ ନୃତ୍ୟ ପରିବେଷଣ ପାଇଁ ଏଠାକୁ ଆସୁଛନ୍ତି। ଆଇନଜୀବୀ ଅବନିଶ ପ୍ରସାଦ ମିଶ୍ର, ସମାଜ ସେବୀ ଅବିନାଶ ଦାସ, ପର୍ବତାରୋହୀ ଆସ୍ଥାରାଣୀ ଭୂୟାଁ, ଗାୟକ ଡକ୍ଟର ସନାତନ ଦୀପ ଓ ବିଶିଷ୍ଟ ଖେଳୁଆଡ଼ କୁନ୍ଦନ ଗୋପଙ୍କୁ ସମ୍ମାନିତ କରାଯାଏ। ବିରଞ୍ଚି ନାରାୟଣ ପରିଡ଼ାଙ୍କ ଦ୍ୱାରା ଗୀତ ଗାୟନର କାର୍ଯ୍ୟକ୍ରମ ରହିଛି।

ତଥାପି ଦୁଇବର୍ଷ ବାକି ଥାଏ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବାକୁ। ୧୯୩୪ ମସିହାରେ ସାକଚୀ ଠାରେ ଝାଡ଼ଖଣ୍ଡ ପ୍ରଦେଶର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ ଉତ୍କଳ ଆସୋସିଏସନ ମୁଣ୍ଡ ଟେକିଥିଲା। ସେତେବେଳକାର ସ୍ୱଳ୍ପ ବେତନ ଭୋଗୀ ଓଡ଼ିଆ ମାନଙ୍କ ସହଯୋଗରେ ଏ ଅନୁଷ୍ଠାନ ଜାମସେଦପୁର ସହରର ହୃଦୟସ୍ଥଳୀ ଠାରେ ଦଣ୍ଡାୟମାନ। ଏଠି ପ୍ରତିବର୍ଷ ଦୁର୍ଗାପୂଜା, ରଜ, ରଥଯାତ୍ରା, ସରସ୍ୱତୀ ପୂଜା, ଉତ୍କଳ ଦିବସ ବିଭିନ୍ନ ମହାପୁରୁଷ ମାନଙ୍କ ଜନ୍ମ ଜୟନ୍ତୀ ଓ ପଣା ସଂକ୍ରାନ୍ତି ଉତ୍ସାହ ଉଦ୍ଦୀପନାର ସହ ପାଳିତ ହୁଏ। ଉତ୍କଳ ଆସୋସିଏସନ ସହିତ ଗୋଲମୁରୀ, ଉତ୍କଳ ସମାଜ, ଶାସ୍ତ୍ରୀ ନଗରର ବାନ୍ଧବ ସମିତି, ବାରିଡ଼ିହର ଆମ ଓଡ଼ିଶା ସଂସ୍ଥା ତରଫରୁ ଉତ୍କଳ ଦିବସ ହର୍ଷୋଲ୍ଲାସର ସହିତ ଲୌହ ନଗରୀ ପାଳନ କରେ। ଏହି ଅନୁଷ୍ଠାନକୁ ଅନେକ ଓଡ଼ିଆ ସାହିତ୍ୟିକ, କବି, ଲେଖକ, ସଂଗୀତଜ୍ଞ, ରାଜନେତା ଓ ସାମ୍ବାଦିକ ଏଠାକୁ ଆସି ଏ ସଂସ୍ଥାର ମାନ ସମ୍ମାନକୁ ଦ୍ୱିଗୁଣିତ କରିଛନ୍ତି। ପାଖାପାଖି ଦୁଇ ଏକର ଜମିର ପରିଧିରେ ବ୍ୟାପ୍ତ ଉତ୍କଳ ଆସୋସିଏସନର କାୟା। ଏହାରି ଭିତରେ ଅଛି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମନ୍ଦିର। ଗୋପବନ୍ଧୁ ସଦନ ସମ୍ମୁଖରେ ଉତ୍କଳ ଗୌରବ ଓ ଦୀନବନ୍ଧୁ ଗୋପବନ୍ଧୁଙ୍କ ମୂର୍ତ୍ତି। ଦ୍ୱିତୀୟ ମହଲାରେ ସୁଦୃଶ୍ୟ ଲାଇବ୍ରେରୀ। ହତାର ଚାରିପାଖରେ ବଉଳ ବନର ମାୟା, ଗୋଟିଏ ଜାଗାରେ ମହ ମହ କାଠ ଚମ୍ପାଫୁଲର ମାୟା ମଣିଷକୁ ଆନମନା କରେ। ଏମିତି ଏକ ପରିବେଶ ଭିତରେ ଆମ ଉତ୍କଳ ଆସୋସିଏସନର ଅବସ୍ଥିତି।



ଉତ୍କଳୀୟ ଚେତନା, ଓଡ଼ିଶାଠୁ କିଛି ଦୂର ଝାଡ଼ଖଣ୍ଡର ଟାଟା ନଗରରେ ଆମେ ଉତ୍କଳ ଦିବସରେ ଦିନଟିକୁ ଅତିବାହିତ କଲାବେଳକୁ ମନ ଭିତରେ ଉଙ୍କି ମାରୁଛି ଅନେକ କଥା। ବାସ୍ତବରେ ଭାଷା ହିଁ ଗୋଟିଏ ଜାତିର ଆତ୍ମ ପରିଚୟ। ଯେଉଁ ଜାତିର ଭାଷା ଯେତେ ଉନ୍ନତ ସେ ଜାତି ସେତେ ମାର୍ଜିତ ଓ ସମୃଦ୍ଧ ଯାହାକୁ ଗୁରୁତ୍ୱ ଦେଇଥିଲେ ଓଡ଼ିଶାର ବରପୁତ୍ରମାନେ। ଭାଷା ବଞ୍ଚିବା ପାଇଁ ଭାଷାର ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି। ଓଡ଼ିଆ ଭାଷାକୁ ଅଧିକ ସମୃଦ୍ଧ କରିବା ପାଇଁ ଅଗ୍ରଣୀ ଭୂମିକା ନେଇଥିଲେ ଓଡ଼ିଶାର ବରପୁତ୍ରମାନେ। ଆଜିବି ଉତ୍କଳ ଆସୋସିଏସନ ପରି ଅନେକ ରାଜ୍ୟରେ ରହିଥିବା ଓଡ଼ିଆ ସଂଗଠନମାନେ ମଧ୍ୟ ଏହି ଦିବସଟିକୁ ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳନ କରୁଛନ୍ତି। ୧୯୦୩ରେ ପ୍ରାତଃ ସ୍ମରଣୀୟ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ଉତ୍କଳ ସମ୍ମିଳନୀର ମୂଳଲକ୍ଷ୍ୟ ରହିଥିଲା ସମସ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବା। ସେହିପରି ୧୯୭୨ରେ ସ୍ୱର୍ଗତଃ ରାଜକିଶୋର ଦାସଙ୍କ ନେତୃତ୍ୱରେ ଓଡ଼ିଶାରେ ସ୍ଥାପିତ ଏକ ଜାତୀୟ ସ୍ତରର ଜନପ୍ରିୟ ପୁରାତନ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ହେଉଛି ନୀଳଶୈଳ। ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି, ଶ୍ରୀଜଗନ୍ନାଥ ଚେତନା ଏବଂ ଓଡ଼ିଶାର ଐତିହ୍ୟର ପ୍ରଚାର ପ୍ରସାର ଦିଗରେ ଏହା ନିରବଚ୍ଛିନ୍ନ କାର୍ଯ୍ୟରତ। ସେହିପରି ୧୯୭୦ ମସିହାରେ ଭାଷା ସାହିତ୍ୟ ଓ ସଂସ୍କୃତି ପାଇଁ କାର୍ଯ୍ୟ କରୁଥିବା ସୁପରିଚିତ ଅନୁଷ୍ଠାନ ହେଉଛି ନୀଳଚକ୍ର ଯାହାର ପ୍ରାଣ ପ୍ରତିଷ୍ଠାତା ହେଉଛନ୍ତି ବ୍ରହ୍ମାନନ୍ଦ ପଣ୍ଡା। ସେହିପରି ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଦାବୀକୁ ନିରବଚ୍ଛିନ୍ନ ଭାବେ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରି ଏହାକୁ ଗୋଟିଏ ଆନ୍ଦୋଳନର ରୂପ ଦେବା ଆଶାରେ ଉତ୍କଳ ପ୍ରାଣ ସଚ୍ଚିଦାନନ୍ଦ ମିଶ୍ର ପ୍ରତିଷ୍ଠା କରିଥିଲେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ। ସେହିପରି ଶହେ ବର୍ଷରୁ ଊର୍ଦ୍ଧ୍ୱ କଟକରେ ଥିବା ଭାଷା ସାହିତ୍ୟ ଅନୁଷ୍ଠାନ ହେଉଛି ଉତ୍କଳ ସାହିତ୍ୟ ସମାଜ। ୧୯୦୩ ମସିହା ମେ ୭ ତାରିଖରେ ଏହା ଗଠନ ହୋଇଥିଲା ଓ ଏହାର ପ୍ରଥମ ସଭାପତି ଥିଲେ ମଧୁସୂଦନ ରାଓ।

ଓଡ଼ିଆଙ୍କ ଭାବଚେତନା ଓ ଭାଷା ଐତିହ୍ୟକୁ ସୁଦୃଢ଼ କରୁଥିବା ଉତ୍କଳ ଦିବସ ଏବଂ ଓଡ଼ିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ୯୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ଏହିପରି ଏକ ପବିତ୍ର ଦିନରେ ମନେ ପଡୁଛି କବି କିଶୋର ଚନ୍ଦ୍ର ଦେବଙ୍କ କବିତାର ଧାଡ଼ିଟି - 'ଓଡ଼ିଆ ଆମ ମାତୃଭାଷା, ଓଡ଼ିଆ ଆମ ପ୍ରାଣ, ଓଡ଼ିଶା ଦେଶରେ ଜନ୍ମ ଆମର ଓଡ଼ିଆର କରୁ ଟାଣ। ଆସ ଆସ ଭାଇ ମନପ୍ରାଣ ଦେଇ ରଖିବା ଓଡ଼ିଆ ମାନ, କହିବା ଓଡ଼ିଆ, ପଢ଼ିବା ଓଡ଼ିଆ, ଗାଇବା ଓଡ଼ିଆ ଗାନ।'

+ ପ୍ରତିଷ୍ଠାତା ସମ୍ପାଦକ
'ସିଂହଭୂମ', ୪ଜି ପ୍ରତାପ
ଆପାର୍ଟମେଣ୍ଟ,
୭ ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର

# ଏକ ହିଁ ଧ୍ୱନି 'ବନ୍ଦେ ଉତ୍କଳ ଜନନୀ'

## ହେମନ୍ତ କୁମାର ଗନ୍ତାୟତ

ପରମ ପାବନ ହେଉଛି ଆମ ଭାରତବର୍ଷ । ଏହି ଭାରତବର୍ଷରେ ସୁଶୋଭିତ ଏ ଉତ୍କଳ ଦେଶ ଭୂଖଣ୍ଡ । ଏପରି ଭୂଖଣ୍ଡ ଏ ମହୀତଳେ ଦେଖିବା ଅତ୍ୟନ୍ତ ବିରଳ। ତେଣୁ କପିଳ ସଂହିତାରେ କୁହା ଯାଇଛି ଯେ:

ବର୍ଷାଣାଂ ଭାରତ ଶ୍ରେଷ୍ଠ
ଦେଶାନାଂ ଉତ୍କଳ ସ୍ମୃତଃ ।
ଉତ୍କଳସ୍ୟ ସମୋ ଦେଶୋ,
ଦେଶଃ ନାସ୍ତି ମହୀତଳେ ?

ଏହି ଭୂମି ଜାତି ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ରଖିଛି। ଯେଉଁ ଭୂମି ଦିନେ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ରୂପାନ୍ତରିତ କରିଦେଇଥିଲା, ତେଣୁ ଏ ଧର୍ମର ଭୂମି। କେବଳ ଏ ଭୂମି ଧର୍ମର ଭୂମି ନୁହେଁ; ଅପିତୁ ତ୍ୟାଗର ଭୂମି, ତପଃର ଭୂମି, ଜ୍ଞାନର ଭୂମି, ବିଜ୍ଞାନର ଭୂମି, ବୀରଙ୍କର ଭୂମି, ଶକ୍ତି, ଭକ୍ତି ଓ ମୁକ୍ତିର ଭୂମି ଏବଂ ସର୍ବାଦୌ ମହାପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିତ୍ୟ ମାନବୀୟ ଲୀଳାର ଭୂମି। ଏହାର ଇତିହାସ, ସଂସ୍କୃତି ଓ ପରମ୍ପରା ଅତୀବ ପ୍ରଚୀନ। ଯାହାର ଦୃଷ୍ଟାନ୍ତ ମହର୍ଷି ବେଦବ୍ୟାସଙ୍କ ବିରଚିତ ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡରେ ଦେଖିବାକୁ ମିଳେ:

ଉତ୍କଳୋନାମ ଦେଶୋଽସ୍ତି ଖ୍ୟାତଃ
ପରମପାବନଃ ।
ଯତ୍ର ତୀର୍ଥାନ୍ୟନେକାନି
ପୁଣ୍ୟାନ୍ୟାୟତନାନି ଚ (୨)

ଏହି ଶ୍ଳୋକରେ ଜୈମିନି ମୁନି ଉତ୍କଳ ଦେଶର ମହିମା ବର୍ଣ୍ଣନାକରି କହିଛନ୍ତି ଯେ, ଉତ୍କଳ ନାମରେ ଏ'ପରି ଏକ ପରମ ପାବନ ଦେଶ ରହିଛି, ଯା'ର ଖ୍ୟାତି ଚତୁର୍ଦ୍ଦିଗରେ ସୁବିଦିତ। ଯେଉଁଠାରେ ଅନେକ ଗୁଡ଼ିଏ ପବିତ୍ର ତୀର୍ଥସ୍ଥାନ ଏବଂ ପୁଣ୍ୟମୟ ଦେବାଳୟାଦି ମଧ୍ୟ ରହିଆସିଛି । ତା' ସହିତ ସ୍ଥାନ ଓ ପାତ୍ରର ମଧ୍ୟ ବିଶେଷତା କହିଛନ୍ତି।

ଦକ୍ଷିଣସ୍ୟୋଦଧେସ୍ତୀରେ
ସ ତୁ ଦେଶଃ ପ୍ରତିଷ୍ଠିତଃ ।
ଯତ୍ର ସ୍ଥିତା
ବୈପୁରୁଷାଃ ସଦାଚାରନିଦର୍ଶନାଃ
(୩)

ଏହି ଭୂଖଣ୍ଡ ଭାରତବର୍ଷର ଦକ୍ଷିଣ ସମୁଦ୍ର କୂଳରେ ଅବସ୍ଥିତ। ଯେଉଁଠାରେ ବସବାସ କରୁଥିବା ମନୁଷ୍ୟମାନେ ଅତ୍ୟନ୍ତ ସଦାଚାର ବା ଉତ୍ତମ ଆଚରଣର ଜ୍ୱଳନ୍ତ ନିଦର୍ଶନ ଅଟନ୍ତି । ସେ'ପରି ପ୍ରାଚୀନ ବୌଦ୍ଧ ସାହିତ୍ୟ ଯଥା 'ମହାଗୋବିନ୍ଦ ସୁତ୍ତାନ୍ତ' ଏବଂ ବିଭିନ୍ନ 'ଜାତକ' ଗଳ୍ପରେ ଉତ୍କଳ ଓ କଳିଙ୍ଗର ବର୍ଣ୍ଣନା ରହିଛି। ଏ ପ୍ରଦେଶର ଲିଖିତ ଇତିହାସ ଆରମ୍ଭ ହେବା ପୂର୍ବରୁ, ଏହା ଏକ ଶକ୍ତିଶାଳୀ ଜନପଦ ଭାବରେ ପ୍ରତିଷ୍ଠିତ ହୋଇ ରହିଥିଲା। ଯା'ର ଉତ୍କୃଷ୍ଟ କଳା ଏବଂ ଶିଳ୍ପ ନୈପୁଣ୍ୟତା ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିବା ଯୋଗୁଁ ଏହାର ନାମ ଉତ୍କଳ ବୋଲି କୁହାଯାଇଛି। ଇତିହାସ ପୃଷ୍ଠାରେ ଦେଖିବାକୁ ମିଳେ ଯେ, ସୂର୍ଯ୍ୟବଂଶୀୟ ଗଜପତି କପିଳେନ୍ଦ୍ରଦେବଙ୍କ ସମୟରେ ଓଡ଼ିଶାର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ସୁବିସ୍ତୃତ ରହିଥିଲା। ପୁରୁଷୋତ୍ତମ ଦେବ ଏବଂ ପ୍ରତାପରୁଦ୍ର ଦେବ ମଧ୍ୟ ଏହି ବଂଶର ମହାନ ଶାସକମାନେ ଥିଲେ। ପରନ୍ତୁ ମୁକୁନ୍ଦ ଦେବଙ୍କ ପରେ ଏ ରାଜ୍ୟ ଆଫଗାନ ଏବଂ ତା'ପରେ ମୋଗଲ ମାନଙ୍କ ଅଧୀନକୁ ଚାଲିଯାଇଥିଲା। ଏହାପରେ ମରହଟ୍ଟାମାନେ ଓଡ଼ିଶାକୁ ଦଖଲ କରିଥିଲେ କିନ୍ତୁ ସେମାନଙ୍କ ଶାସନ ସମୟରେ ଚାରିଆଡ଼େ ଅରାଜକତା ଦେଖାଦେବାକୁ ଲାଗିଲା, ଏହାର ସୁଯୋଗ ନେଇ ବ୍ରିଟିଶମାନେ ୧୮୦୩ ମସିହାରେ ମରହଟ୍ଟାମାନଙ୍କୁ ପରାସ୍ତ କରି ଓଡ଼ିଶାକୁ ଦଖଲ କରିଥିଲେ। ବ୍ରିଟିଶ ପ୍ରଶାସନ ଫଳରେ ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଏକ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ଇତିମଧ୍ୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଗୁଡ଼ିକ ବିଭିନ୍ନ ପଡୋଶୀ ପ୍ରଦେଶ ସହ ମିଶି ଯାଇଥିଲା।

ବର୍ତ୍ତମାନର ଭାଷାଭିତ୍ତିକ ଓଡ଼ିଆ ପ୍ରଦେଶ ବ୍ରିଟିଶ ଶାସନ କାଳରେ, ଏହାର କେତେକ ଅଞ୍ଚଳ ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଓ ମାଡ୍ରାସ ପ୍ରେସିଡେନ୍ସିର ଅଧୀନରେ ବିଭାଜିତ ହୋଇ ରହିଥିଲା। ଏହି ପ୍ରଦେଶର ଭାଷା ଓ ପରିଚୟକୁ ବଞ୍ଚାଇବା ପାଇଁ ତତ୍କାଳୀନ ଉତ୍କଳର ବରପୁତ୍ରମାନେ ଯଥା: ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ମଣି ଗୋପବନ୍ଧୁ ଦାଶ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ବ୍ୟାସକବି ଫକୀର ମୋହନ ସେନାପତି, ରାଧାନାଥ ରାୟ ଓ ଗଙ୍ଗାଧର ମେହେର ପ୍ରଭୃତି ସଙ୍ଘର୍ଷ କରିଥିଲେ। ଯା'ର ପ୍ରଥମ ଲକ୍ଷ ଥିଲା ବିଚ୍ଛିନ୍ନ ଓଡ଼ିଶାକୁ ଏକ ଭାଷା ଭିତ୍ତିକ ସ୍ୱତନ୍ତ୍ର ରାଜ୍ୟରେ ପରିଣତ କରିବା। ତେଣୁ ମଧୁସୂଦନ ଦାସଙ୍କ ଦ୍ୱାରା ୧୯୦୩ ମସିହାରେ ଏହାର ପ୍ରଥମ ସମ୍ମିଳନୀ କଟକର ଇଦଗା ପଡିଆରେ ଅନୁଷ୍ଠିତ ହୋଇଥିଲା । ଏହି ଅନୁଷ୍ଠାନର ପ୍ରମୁଖ ନେତୃବର୍ଗଙ୍କ ନେତୃତ୍ୱ ଦ୍ୱାରା ଦୀର୍ଘ ବର୍ଷର ସଂଘର୍ଷ ପରେ, ୧୯୩୬ ମସିହା ଅପ୍ରେଲ ମାସର ୧ ତାରିଖ ଦିନ ଓଡ଼ିଶା ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଗଠିତ ହେଲା। ଯା'ଫଳରେ ଏ ପ୍ରାଚୀନ ସମୃଦ୍ଧ ଓଡ଼ିଆ ଭାଷା, ବିଶ୍ୱ ଦରବାରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଲା। ଏହି ଭାଷାର ମହତ୍ତ୍ୱକୁ ହୃଦୟଙ୍ଗମ କରି ୨୦ ଫେବୃଆରୀ ୨୦୧୪ ତାରିଖ ଦିନ କେନ୍ଦ୍ର ସରକାର ଓଡ଼ିଆ ଭାଷାକୁ ଶାସ୍ତ୍ରୀୟତାର ମାନ୍ୟତା ଦେଇଥିଲେ ଏବଂ ମାର୍ଚ୍ଚ ୧୧ତାରିଖ ଦିନ, ଏ ନେଇ ଗାଜେଟ ନୋଟିଫିକେସନ ଜାରି କରାଯାଇଥିଲା। ସଂସ୍କୃତ, ତାମିଲ, ତେଲୁଗୁ, କନ୍ନଡ ଏବଂ ମାଲାୟାଲମ୍ ଭାଷା ପରେ ଏହି ଗୌରବ ଅର୍ଜନ କରିଥିବା ଷଷ୍ଠ ଭାରତୀୟ ଭାଷା ହେଉଛି ଓଡ଼ିଆ। ଯା'ର ସାହିତ୍ୟ ଅତ୍ୟନ୍ତ ବ୍ୟାପକ ଅଟେ। ତେଣୁ କୁହାଯାଉଛି:

ଶାସ୍ତ୍ରୀୟ ମୋ ଭାଷା
ଅତୀବ ସରସା
ଉଡ଼ାଏ ସଂସାରେ ନେତ
ସାହିତ୍ୟ ଯାହାର ନାହିଁ ପଟାନ୍ତର
ଜଗନ୍ନାଥ ଭାଗବତ
କହଇ ହେମନ୍ତ ଗର୍ବେ
ଓଡ଼ିଆର କବି ଅତି ଅନୁଭବି
ଭଞ୍ଜ ବଳଦେବ ସର୍ବେ ।

ସାରଳା ଦାସଙ୍କ ମହାଭାରତ ଓ ଜଗନ୍ନାଥ ଦାସଙ୍କ ଭାଗବତ ଠାରୁ ଆରମ୍ଭ କରି ବଳରାମ ଦାସଙ୍କ ଜଗମୋହନ ରାମାୟଣ ଏବଂ ଉପେନ୍ଦ୍ର ଭଞ୍ଜଙ୍କ ରୀତି ସାହିତ୍ୟ ପର୍ଯ୍ୟନ୍ତ ସବୁକିଛି ଓଡ଼ିଆ ଭାଷାର ଶାସ୍ତ୍ରୀୟତାକୁ ପ୍ରମାଣିତ କରେ। ଆଧୁନିକ ଯୁଗରେ ଫକୀର ମୋହନ ସେନାପତି, ରାଧାନାଥ ରାୟ ଏବଂ ଗଙ୍ଗାଧର ମେହେରଙ୍କ ଭଳି କବି ଓ ଲେଖକମାନେ ଏହି ପରମ୍ପରାକୁ ଆଗକୁ ନେଇଛନ୍ତି।

ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା କେବଳ ଓଡ଼ିଶା ବା ଓଡ଼ିଆଙ୍କ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱର ଭାଷାବିତ୍‌ମାନଙ୍କ ପାଇଁ ଏକ ଗର୍ବ ଓ ଗୌରବପୂର୍ଣ୍ଣ ବିଷୟ। ଏହା ଦ୍ୱାରା ଏ ଭାଷାର ଗବେଷଣା ଏବଂ ପ୍ରଚାର ପ୍ରସାର ପାଇଁ ଅଧିକ ସୁଯୋଗ ସୃଷ୍ଟି ହୋଇପାରିଛି। ଆମ ସମସ୍ତଙ୍କର ଦାୟିତ୍ୱ ହେଉଛି ଆମର ଏହି ମହାନ ଶାସ୍ତ୍ରୀୟ ଭାଷାକୁ ସମ୍ମାନ ଦେବା ଏବଂ ଏହାର ସୁରକ୍ଷା ପାଇଁ ଯତ୍ନବାନ ହେବା। କାରଣ ଭାଷା ବଞ୍ଚିଲେ ସାହିତ୍ୟ ବଞ୍ଚିବ ଏବଂ ସାହିତ୍ୟ ବଞ୍ଚିଲେ ଏ ସଂସ୍କୃତି ତା'ର ଧ୍ୱଜା ଉଡ଼ାଇ ଚାଲିଥିବ ଏବଂ ଏ ସଂସ୍କୃତି ଉତ୍ତର ଦାୟଦମାନଙ୍କ ମୁହଁରେ ଏକ ହିଁ ଧ୍ୱନି ଥିବ 'ବନ୍ଦେ ଉତ୍କଳ ଜନନୀ' ।

+ଖଗେଶ୍ୱରୀ ପାଟଣା
ଆସିକା, ଗଞ୍ଜାମ
ମୋ: ୯୮୬୧୩୩୪୮୬୮



## ଓଡ଼ିଶା ମୋ ଓଡ଼ିଶା

**ଦିଲ୍ଲୀପ କୁମାର ସାହୁ**

ଓଡ଼ିଆରେ ଆମେ ଓଡ଼ିଆ
ସବୁତ ଆମରି ବଢିଆ
ଆମ ମାଟି ପାଣି ପବନ
ସରଳ ଆମରି ଜୀବନ
ଗଉରବ ଭରା ଅତୀତ
ମାଆ ଆମ ବିଶ୍ୱବନ୍ଦିତ
ଭାରି ମିଠା ଆମ ଭାଷାଟି
ଶାସ୍ତ୍ରୀୟ ଭାଷାତ ସେହିଟି
ଆମ ଗଉରବ କାହାଣୀ ବଖାଣେ
ବାରବାଟି କିଲ୍ଲାପଡିଆ....।

ଉତ୍କର୍ଷ କଳାର ରାଜ୍ୟଟି
ଉତ୍କଳ ତେଣୁ ତା ନାମଟି
କଳିଙ୍ଗ ପୁଣି ସେ ଓଡିଶା
ଅମୃତ ହୁଅଇ ବରଷା
ଜଗନ୍ନାଥ ଧାମ ନାମରେ
ଜଗତ ତା ଯଶ ଗାଏରେ
ଅପୂର୍ବ ଆମ ଏ ମାଟିରେ
ଲୀଳାତ ରଚନ୍ତି ଠାକୁରେ
ଭକ୍ତିରେ ଯାଚିଲେ ଭକତ ହାତରୁ
ଠାକୁର ନିଅନ୍ତି ନଡ଼ିଆ....।

କେତେ ପୋଥି କେତେ ପୁରାଣ
ଆମ କଥା ଗାଥା ବର୍ଣ୍ଣନ
ଭାଗବତ ସ୍କନ୍ଦପୁରାଣ
ମହାଭାରତରେ ବର୍ଣ୍ଣନ
ପୁତ ପବିତ୍ର ଏ ଭୂଇଁଟି
ରାମାୟଣେ ଅଛି ଲେଖାଟି
ଚଣ୍ଡାଶୋକ ଧର୍ମାଶୋକରେ
ପରିଣତ ହେଲେ ଏଠିରେ
ଖାରବେଳଙ୍କର ବୀରତା ବଖାଣେ
ଓଡ଼ିଆ ମାନେ ତ ଲଢୁଆ...।

ପାହାଡ ପର୍ବତ ଝରଣା
ବନରାଜି ଫୁଲ ଅଗଣା
ନଦ ନଦୀ ଜଳ ପ୍ରପାତ
ଶୁଣାନ୍ତି ମଧୁର ସଙ୍ଗୀତ
ଆଦିବାସୀ ଭାଇ ଭଉଣୀ
ପକୃତିର କଥା କାହାଣୀ
ହୃଦୟକୁ ଯାଏ ଛୁଇଁ ରେ
ସାଗର ର ବେଳା ଭୂଇଁରେ
ସୁଷମା ମଣ୍ଡିତ ଶ୍ୟାମଳ କେଦାର
କଇଁଫୁଲେ ଭରା ଗଡିଆ....।

ଆମ ସ୍ନେହ ଶ୍ରଦ୍ଧା ସଂପ୍ରୀତି
ଜଗତରେ ଆଣେ ଜାଗୃତି
ଭାଇଚାରା ଭାବ ବନ୍ଧନ
ଆମ ପ୍ରଗତିର ଇନ୍ଧନ
ହାତରେ ମିଶାଇ ହାତରେ
ଝୁମୁ ସଂହତିର ସ୍ରୋତରେ
ଗୀର୍ଜା ଗୁରୁଦ୍ୱାର ମନ୍ଦିର
ମଠ ମସଜିଦ ସୁନ୍ଦର
ସଦ୍ଭାବନା ଆମ ସଂସ୍କୃତିର ମନ୍ତ୍ର
ଛଳନା ଆମକୁ ଅଡୁଆ...।

ସାହାସୀ ଓଡ଼ିଆ ସାଧବ
ଆମ ଗଉରବ ଗରବ
ବାଲି ବରୋନିଓ ସୁମାତ୍ରା
ବିପଦ ସଂକୁଳ ସେ ଯାତ୍ରା
ସାତ ସମୁଦ୍ରର ସେପାରେ
ଯାଉଥିଲେ ପୋତ ମେଲିରେ
ବଣିଜ ବେପାର କରିଟି
ଆଣୁଥିଲେ ଧନ ବୋହିଟି
ସେଦିନର ସ୍ମୃତି ରଖିଛି ସାଇତି
ବାଲିଯାତ୍ରା ଗଡଗଡିଆ....।

ଆମରି ପୂରୁବ ପୁରୁଷ
ଅସୀମ ତାଙ୍କରି ସାହସ
ଥରି ଉଠୁଥିଲା ଦୁନିଆ
ଅରୀ ହେଉଥିଲେ ଛାନିଆ
ଦୁର୍ଦ୍ଧଷ ଓଡ଼ିଆ ପାଇକ
ଡରୁଥିଲେ ଗୋରା ସୈନିକ
ରାଜଗୁରୁଙ୍କର ନେତୃତ୍ୱ
ଜଗବନ୍ଧୁଙ୍କର ବୀରତ୍ୱ
ଗୋରା ପଲଟଣ ବୁଝିପାରିଥିଲେ
କମାଣଠୁ ଖଣ୍ଡା ଦାଢୁଆ...।

ଆମ ସ୍ୱାଧୀନତା ସଂଗ୍ରାମୀ
ପାଦରେ ତାଙ୍କର ନମାମି
ଗୋପବନ୍ଧୁ ମଧୁସୂଦନ
ବିରଶା, ସହିଦ ଲକ୍ଷ୍ମଣ
ନେତାଜୀ ସୁଭାଷ ବୋଷ୍ ଯେ
ବିଦେଶୀଙ୍କ ସାଥେ ଲଢିଯେ
ଦେଶକୁ କରିଲେ ସ୍ୱାଧୀନ
ଏବେ ଆମେ ଆମ ଅଧୀନ
ଆମରି ନାଆର ଆମେତ ନାଉରୀ
ଜୟ ଆମ ବଡବଡୁଆ....।

କବି ସୂର୍ଯ୍ୟ କବି ସମ୍ରାଟ
ବୈଷ୍ଣବ ପଠାଣୀ ସାମନ୍ତ
ଅଭିମନ୍ୟୁ ଜୟଦେବ ଯେ
ଶୁଦ୍ରମୁନି ଜଗନ୍ନାଥେ ଯେ
ଆମ କବି ଆମ ପଣ୍ଡିତ
ତାଙ୍କ ଲାଗି ଆମେ ବିଖ୍ୟାତ
ଦୁର୍ଦ୍ଦିନ ଏମିତି ଆସିଲା
ଭାଷାକୁ ବିପତ୍ତି ପଡିଲା
ବ୍ୟାସକବି ମଧୁବାବୁଙ୍କ ପାଇଁକି
ସୁରକ୍ଷିତ ଆମେ ଓଡ଼ିଆ....।

ଛତିଶି ଏପ୍ରିଲ ପହିଲା
ଓଡ଼ିଶା ସ୍ୱତନ୍ତ୍ର ହୋଇଲା
ମହା ମନିସୀଙ୍କ ପାଇଁକି
ଭାଷା ଆମ ଅଛି ଜୀଇକି
ଭାଷା ପାଇଁ ଆମ ଗରବ
ଭାଷା ପରା ଆମ ଗୌରବ
ଭାଷାକୁ ଯିବାନି ଭୁଲିରେ
ଯିଏ ବା ଯେଉଁଠି ରୁହରେ
ଓଡ଼ିଆ କହିବା ଓଡିଆ ଲେଖିବା
ହୁଅ ଯେତେ ପାଠ ପଢୁଆ....।

ଚାଷବାସ ଆମ ଜୀବନ
କ୍ଷେତରେ ସାଇତା ସପନ
ଖରା ବରଷାକୁ ସହିଟି
ଚାଷୀ ଭାଇମାନେ ଖଟନ୍ତି
ସଭିଙ୍କୁ ଯୋଗାନ୍ତି ଆହାର
ସହି ସେ ସମୟ ପାହାର
ରାତି ପାହି ଆସେ ସକାଳ
ସୁଆଦିଆ ଶାଗ ପଖାଳ
ପିଇଦେଲେ ପେଟେ ପଖାଳ
ତୋରାଣି
ଦିନଟା ଲାଗଇ ବଢିଆ...।

କୋଇଲା ତମ୍ବା ବକ୍ସାଇଟ
ସିଲିକା ଲୁହା କ୍ରୋମାଇଟ୍
ମାଟି ତଳେ ରତ୍ନ ଭଣ୍ଡାର
ପ୍ରକୃତିର ଦାନ ଅପାର
ଶୀଘ୍ର କାରଖାନା ବସୁଛି
ରାଇଜ ତ ଆମ ହସୁଛି
ସମୁଦ୍ର କୂଳରେ ବନ୍ଦର
ବଣିଜ ବେପାର ସୁନ୍ଦର
ସାଗର ଆମର ସାଇତି ରଖିଛି
ଅମୃତରେ ଭରା କୋଡୁଆ...।

ଚାରୁ କାରୁ କଳା କିରତି
ମଠ ମନ୍ଦିରରେ ଭରାଟି
ପୁରୀ କୋଣାରକ ଏକାମ୍ର
ହଜାର ବର୍ଷର ମନ୍ଦିର
ଯାହାକୁ ଦେଖିବା ପାଇଁକି
ବିଦେଶୀ ଆସନ୍ତି ଧାଇଁକି
ଶିଳ୍ପୀର କାଉଁରୀ ସ୍ପର୍ଶେଟି
ପଥର ବି କଥା କହେଟି
ସାଗର ବେଳାରେ ବାଲିର ବର୍ଣ୍ଣାଳି
ସୁନ୍ଦର ପିପିଲି ଚାନ୍ଦୁଆ...।

ରସଗୋଲା କ୍ଷୀର ସାଗର
କ୍ଷୀର ସର ମିଠା ଆବର
ଚିତୋଉ ଚକୁଳି ଆରିଶା
ମଣ୍ଡା ପୋଡପିଠା କ୍ଷୀରିଶା
ଆମ କ୍ଷିରୀ ପୁରି କାକରା
ସୁଆଦ ତ ତାର ନିଆରା
ଆମ ପରମ୍ପରା ସଂସ୍କୃତି
ଆମ ପାଇଁ ସିଏ ସମ୍ପତି
ବାରମାସେ ତେର ପରବ ଆମର
ମନ ଲାଗେ ନବରଙ୍ଗିଆ...।

ମହାପ୍ରଭୁ କଳା ବଦନ
ପ୍ରତି ଓଡ଼ିଆଙ୍କ ପରାଣ
ଆମ ନାଚଗୀତ ଭଜନ
କରେ ତାଙ୍କ ଗୁଣ କୀର୍ତ୍ତନ
ତାଙ୍କରି ଅସୀମ କରୁଣା
ଆମ ଚଲାପଥେ ପ୍ରେରଣା
ଚାହିଁଛନ୍ତି ଚକାଆଖିରେ
ସାହା ଆମ ସୁଖ ଦୁଃଖରେ
ମହାପ୍ରଭୁଙ୍କର ପାଦରେ ମିନତି
ନରହୁ କହାର ଅଡୁଆ....।

+ଶଙ୍କରପୁର, ଚାରବାଟିଆ, କଟକ
ମୋ:-୭୦୭୭୨୦୬୯୭୭

# ସ୍ୱାଭିମାନର ନବ ଜାଗରଣ- ଓଡ଼ିଆ ପକ୍ଷ



**ଡି ଶୁଭମ୍**

ଓଡ଼ିଆ – କେବଳ ଏକ ଭାଷା ନୁହେଁ, ଏହା ପ୍ରତିଟି ଓଡ଼ିଆଙ୍କ ଛାତି ତଳେ ଚାପି ରହିଥିବା ସେହି ଅଖଣ୍ଡ ଶକ୍ତିଟିଏ। ଐକ୍ୟ ଓ ଅଖଣ୍ଡତାର ସମାହାରରେ ପୁଷ୍ପିତ ଏ ଭୂଖଣ୍ଡ। ଆର୍ଯ୍ୟଋଷିମାନଙ୍କ ଉଦାର ମାନବିକତାର ଏକ ଶ୍ରେଷ୍ଠ ଉଚ୍ଚାରଣ ଏ ମାଟି। ବସୁଧୈବ କୁଟୁମ୍ବକମର ବାଣୀରେ ସମୃଦ୍ଧ ଏହାର ପ୍ରତିଟି ପ୍ରାଣ।

ପଣ୍ଡିତ ଗୋଦାବରୀଶ ମହାପାତ୍ରଙ୍କ ଭାଷାରେ :

ଦୁର୍ଗମ ଗିରି ଦୁର୍ଗ ପ୍ରାଚୀର
ଜୀର୍ଣ୍ଣ ଦୁଆରେ ବସି
ଡାକେ ତାନ୍ତ୍ରିକ ମନ୍ତ୍ର ସାଧନେ
ଜାଗ୍ରତ ପୁରବାସୀ
ପୃଥ୍ୱୀ ବିଦାରି ବାରବାଟୀ ମଡ଼ା
ଉଠ ଉଠ ଚଂଚଳ,
ଖୋରଧାର ଶତ ସରଦାର
ଶିର କର ଉନ୍ନତତର।

ସତରେ ଏହାର କଳେବରରେ ଭରି ରହିଛି ଏକ ନୂତନ ସ୍ପନ୍ଦନ। ଏହାର ସଭ୍ୟତାର ପରିଭାଷା ସ୍ୱଚ୍ଛନୀରା ମନ୍ଦାକିନୀର ଧାରା ପରି ପବିତ୍ର। ଶ୍ରମ,ସାଧନା ଓ ସମର୍ପଣର ଉପାଦାନରେ ପରିସ୍ଫୁଟ ଆମ ଓଡ଼ିଶା ପ୍ରଦେଶ ଏକ ମହାଭାରତୀୟ ଚେତନାର ଆଦ୍ୟରୂପ। ଏଠି ଗାଁର ମଧୁମୟ ପରିବେଶ ସାଙ୍ଗକୁ ପରିବାରର ପ୍ରେମପ୍ରଣୟ ବେଶ ଜୀବନ୍ତ ହୋଇଉଠେ। ଓଡ଼ିଆର ମନ୍ତ୍ରଧ୍ୱନିରେ ଧ୍ୱନିତ ଓଡ଼ିଶା। ଓଡ଼ିଆଟିଏ ଯେଉଁଠି ରହୁ ନା କାହିଁ କେଉଁଠି ନା କେଉଁଠି ଉତ୍କଳ , ଉଡ୍ର , କଳିଙ୍ଗ ନାଁ ଶୁଣିଲେ ମନ ଭିତରେ ଥିବା ଆବେଗପଣ ଆଉ ଟିକେ ଜୀବନ୍ତ ହୋଇଉଠେ। ନିଜ ଭାଷାକୁ ନେଇ ଗର୍ବ କରିବାକୁ ମନେ ହୁଏ। ନିଜ ପ୍ରଦେଶ ପାଇଁ ପ୍ରେମ ଆଉ ପ୍ରଣୟ ମହକିଉଠେ। ବାର ମାସରେ ତେରପର୍ବ ର ଏ ମହାମିଳନ। ଆମ ରାଜ୍ୟର ସାମାଜିକ ଓ ସାଂସ୍କୃତିକ ମାନଚିତ୍ରକୁ ଆଙ୍କିଥାଏ ଏହି ଓଡ଼ିଆ ପକ୍ଷ। ୨୦୩୬ ଶତାୟୁ ଓଡ଼ିଶାର ବିକାଶର ନକ୍ସା କୁ ପରିପୂର୍ଣ୍ଣ କରାଇବାର ଆଉ ଏକ ପ୍ରୟାସ ଓଡ଼ିଆ ପକ୍ଷ।

ପ୍ରାୟ ଦୁଇ ହଜାର ବର୍ଷରୁ ଉର୍ଦ୍ଧ୍ୱ ଏ ଜାତିର ସଂସ୍କୃତି କେବଳ ଇତିହାସରେ ଲିପିବଦ୍ଧ ହୋଇନାହିଁ ବରଂ ଦେଶର କୋଣ ଅନୁକୋଣରେ ଓଡ଼ିଶାର ସଂସ୍କୃତି ଆଉ ସଭ୍ୟତାକୁ ପହଁଚାଇବାର ଦାୟିତ୍ୱ ଓଡ଼ିଆଙ୍କର। ଓଡ଼ିଶାର ସୁବର୍ଣ୍ଣ ଇତିହାସ କେବଳ ଆମ ରାଜ୍ୟର ବ୍ୟକ୍ତି ମାନଙ୍କ ଭିତରେ ନରହି ପ୍ରତ୍ୟେକଟି ଓଡ଼ିଆ ରହୁଥିବା ସ୍ଥାନରେ ପହଁଚୁ। ଓଡ଼ିଆ ପକ୍ଷ ଓଡ଼ିଆ ମାନଙ୍କ ସୃଜନଶୈଳୀକୁ ନୂଆ ପରିଚୟ ଦେବାର ଅପୂର୍ବ ମାଧ୍ୟମ। ଏ କେବଳ ଏକ ପକ୍ଷ ନୁହେଁ ବରଂ ଓଡ଼ିଆଙ୍କ ମଧ୍ୟରେ ଓଡ଼ିଆପଣର ଭାବନାକୁ ବିକଶିତ କରିବାର ଏକ ଉନ୍ମୁକ୍ତ ମାର୍ଗ। ଆମ ରାଜ୍ୟର ସାଂସ୍କୃତିକ ମୂଲ୍ୟବୋଧ, ଚାଲି ଚଳଣି, ପ୍ରଥା ପରମ୍ପରା,ଆମ ଓଡ଼ିଆ ପରିଚୟ ,ଓଡ଼ିଆ ଅସ୍ମିତାକୁ ବିଶ୍ୱ ବିଦିତ କରିବାରେ ଏହା ଏକ ସଫଳ ଫର୍ଦ୍ଦ। ଓଡ଼ିଶାର ବିଭିନ୍ନ ବ୍ଲକ ସ୍ତରରୁ ନେଇ ରାଜ୍ୟ ସ୍ତର ଯାଏଁ ଓଡ଼ିଶା ସରକାରଙ୍କ ତରଫରୁ ଏହା ଆୟୋଜନ କରାଯାଇ ଓଡ଼ିଆଙ୍କ ମଧ୍ୟରେ ସେହି ମାନବୀୟ ଚେତନାର ପରିସର ବୃଦ୍ଧି କରାଯାଉଛି। ଆମ ଆରାଧ୍ୟ ମହାପ୍ରଭୁ ଜଗନ୍ନାଥ। କୋଟି ଓଡ଼ିଆଙ୍କ ମଉଡ଼ମଣି , ସେ ଭାବର ଠାକୁର। ସେ ଭକ୍ତିର ଠାକୁର। ଆମ ପ୍ରଦେଶ ଧର୍ମଠୁ ଆରମ୍ଭ କରି ଐତିହ୍ୟର ଗୁଣଗାନ କରେ। ସଂଗ୍ରାମ ଆଉ ବୀରତ୍ୱର ମାଟି ଓଡ଼ିଶା। ବଳିଦାନର ମାଟି ଓଡ଼ିଶା ସଂଗ୍ରାମୀ ମାନଙ୍କର ଗୁଣଗାନ କରେ। ଆମ ଖାଦ୍ୟ ପରମ୍ପରା ଠୁ ନେଇ ପୂଜା ପର୍ବାଣୀ, ରୀତିନୀତି , ହସ୍ତତନ୍ତ ଠୁ ନେଇ ହସ୍ତଶିଳ୍ପ , କୃଷି ଠୁ ନେଇ ମତ୍ସ୍ୟ ସବୁକିଛି ସ୍ୱତନ୍ତ୍ର। ସେଥିପାଇଁ ତ ଏ ଓଡ଼ିଆ ପକ୍ଷର ମଂଚ। ଯେଉଁଠି ଓଡ଼ିଶାର ଅତୀତ ଠୁ ନେଇ ବର୍ତ୍ତମାନ ପୁଣି ଭବିଷ୍ୟତର ପାଣ୍ଡୁଲିପି ସବୁକିଛିକୁ ବେଶ ନିଖୁଣ ଭାବେ ସଜାଯାଏ। ଏପ୍ରିଲ ୧ ଓଡ଼ିଶା ଦିବସ ରୁ ଆରମ୍ଭ ହୋଇ ଏପ୍ରିଲ ୧୪ ମହାବିଷୁବ ସଂକ୍ରାନ୍ତି ଯାଏଁ ଚାଲିବାକୁ ଥିବା ଏହି ଓଡ଼ିଆ ପକ୍ଷରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଏ। ଅମୃତ ପିଢ଼ୀର ସନ୍ତାନ ମାନଙ୍କ ମଧ୍ୟରେ ନିଆରା ଜାଗରଣ ସୃଷ୍ଟି କରିବାର ଏହା ଏକ ଅପୂର୍ବ ମାଧ୍ୟମ। ଓଡ଼ିଶା ଦିବସ , ଖଡ଼ିଛୁଆଁ ଦିବସ,ଆମ ପୋଷାକ ଆମ ପରିଚୟ, ସଡ଼ିଆ ନାମ ଫଳକ ଅଭିଯାନ, ଐତିହ୍ୟ ଗଣଦୌଡ଼, ସ୍ୱଚ୍ଛତା ଅଭିଯାନ,ଗପଟିଏ କହୁଁ, ରକ୍ତଦାନ ଅଭିଯାନ, ଆସ ବହିଟିଏ କିଣିବା, ଲୋକକଳା, ଯୁବ ଲେଖକ ସମ୍ମିଳନୀ, ବନ୍ଦନୀୟ ବରପୁତ୍ର, ଆମ ରୁଚି ଆମ ଖାଦ୍ୟ ଏବଂ ଓଡ଼ିଆ ନବବର୍ଷ ପାଳନ କରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଆମ ଭାଷାର ମାଧୁର୍ଯ୍ୟକୁ ପହଁଚାଇବାର ଏକ ଅନନ୍ୟ ଅଭିଯାନ। ଓଡ଼ିଶାର ଇତିହାସଠୁ ନେଇ ସଂସ୍କୃତି ଓ ପରମ୍ପରାର ମହାମିଳନକୁ ପୁଣି ଥରେ ଓଡ଼ିଆଙ୍କ ପାଖରେ ପହଁଚାଇବାର ଏ ଉଦ୍ୟମ। ଆମ ଖାଦ୍ୟପେୟକୁ ନେଇ ଆମେ ବେଶ ପରିଚିତ। ଠିକ ସେମିତି



ଏହି ପକ୍ଷରେ ଆମ ରୁଚି ଆମ ଖାଦ୍ୟ ମାଧ୍ୟମରେ ଆମ ରାଜ୍ୟର ଲୋକପ୍ରିୟ ଖାଦ୍ୟ ଗୁଡ଼ିକୁ ମଧ୍ୟ ଲୋକଲୋଚନକୁ ଅଣାଯାଏ। ସେ କଟକର ଦହିବରା ହେଉ ନୟାଗଡ଼ର ଛେନାପୋଡ଼ , ଭଦ୍ରକର ପାଲୁଅଲଡୁ ହେଉ ଅବା ବାରିପଦାର ମୁଢ଼ି ମାଂସ , ବଲାଙ୍ଗୀରର ଚାଉଳବରା ହେଉ ଅବା ସମ୍ବଲପୁରର ସରସତିଆ ପୁଣି କେନ୍ଦ୍ରାପଡ଼ାର ରସାବଳୀ ହେଉ ଆବା ନିମାପଡ଼ାର ଛେନାଝିଲ୍ଲୀ ଏସବୁକୁ ଆମ ଖାଦ୍ୟର ପ୍ରସିଦ୍ଧିର କଥା କହେ। ଓଡ଼ିଆଙ୍କ ପାଖରେ ଓଡ଼ିଆ ଖାଦ୍ୟ ସବୁବେଳେ ଗୋଟେ ଇମୋସନ। ସାଧାରଣତଃ ଓଡ଼ିଆ ମାନେ ଖାଦ୍ୟପ୍ରିୟ କାହିଁକି ନା ସାଢ଼େ ଚାରି କୋଟି ଓଡ଼ିଆଙ୍କ ଇଷ୍ଟ ମହାବାହୁ ମଧ୍ୟ ଖାଦ୍ୟପ୍ରିୟ। ଜାତୀୟ ମଂଚରେ ଓଡ଼ିଆ ଖାଦ୍ୟର ଲୋକପ୍ରିୟତା ବି ଏବେ ଅନନ୍ୟ। ଆମ ପୋଷାକ ଆମ ପରିଚୟ ମାଧ୍ୟମରେ ଆମ ହସ୍ତତନ୍ତ ଆଉ କଳା କାରିଗରୀର ଗୁଣଗାନ କରାଯାଏ। ଠିକ୍ ସେମିତି ସମ୍ବଲପୁରୀ ପଶାପାଲିରୁ ଆରମ୍ଭ କରି ବରଗଡ଼ର ହସ୍ତତନ୍ତ , କୋରାପୁଟର କୋଟପାଡ଼ ପାଟ ଠୁ ନେଇ ଟସର ପୋଷାକ ଯାଏଁ ଏସବୁକୁ ଓଡ଼ିଆଙ୍କ ନିକଟରେ ଉପସ୍ଥାପନ କରାଯାଏ। ଓଡ଼ିଆ ଲୋକଗୀତ ଠୁ ନେଇ ଓଡ଼ିଆ ସାହିତ୍ୟ ଓ କିମ୍ବଦନ୍ତୀ ବି ଜୀବନ୍ୟାସ ପାଏ।

କଥାରେ ଅଛି ଭାଷା ହିଁ ଜୀବନ ଶକ୍ତି ଜୀବ ମାନଙ୍କର, ଯେଉଁ ଜାତି ଭାଷାହୀନ ସେ ଜାତି ବର୍ବର । ସମୟର ଗତାନୁଗତିକ ପରିବର୍ତ୍ତନ ସହିତ ଆଜି ଓଡ଼ିଆ ମାନେ ନିଜ ମାତୃଭାଷାକୁ କହିବା ପାଇଁ ବି ଲାଜ କରୁଛନ୍ତି। ବିଶ୍ୱସ୍ତରରେ ପରିଚିତ ଆମ ଓଡ଼ିଶା ଭାଷା। ମା' ର ଭାଷା ହିଁ ମାତୃଭାଷା। ଏହା ଯେତେ ସୁନ୍ଦର ସରସ ସାବଲୀଳ ଅନ୍ୟ କୌଣସି ଭାଷା କେବେ ଏହାର ସମକକ୍ଷ ହୋଇପାରିବ ନାହିଁ । ମାତୃଭାଷାରେ ଗୋଟିଏ ଜାତିର ସ୍ୱାଭିମାନ୍ ପ୍ରକଟିତ। ଆମ ମାତୃଭାଷା ଆଉ ମାତୃଭୂମିକୁ ଲୋକଙ୍କ ପାଖରେ ପୁନର୍ଜୀବିତ କରିବାର ଏ ସୁଦୀର୍ଘ ପଥ ହେଉଛି ଓଡ଼ିଆ ପକ୍ଷ।

ସାହିତ୍ୟ,ସଂଗୀତ,ପାରମ୍ପରିକ ନୃତ୍ୟରେ ବିଭୋର ହୋଇ ଏ ପର୍ବ କେବଳ ଏକ ପକ୍ଷରେ ସୀମିତ ନୁହେଁ ବରଂ କିଛି ଭିତରେ ଅନେକ କୁ ଅନୁଭବ କରିବାର ଏକ ନିଆରା ସମ୍ଭାବନା। ଯେଉଁ ରାଜ୍ୟର ଭାଷା ଯେତେ ଉନ୍ନତ ସେ ରାଜ୍ୟ ସେତେ ବିକଶିତ। କୌଣସି ଉନ୍ନତ ରାଜ୍ୟର ସାହିତ୍ୟ ଓ ସଂରକ୍ଷଣ ତାହାର ଭାଷା ଦ୍ୱାରା ପ୍ରଭାବିତ ହୋଇଥାଏ। ଫଳରେ ସେ ରାଜ୍ୟର ଶିକ୍ଷା ଓ ସଂସ୍କୃତି ଆପେଆପେ ବିକଶିତ ହୁଏ। ମଣିଷ ନିଜ ସ୍ୱାଭିମାନକୁ ନେଇ ବଂଚେ। ମାତୃଭାଷା ଆମ ମନର ସେହି ସ୍ୱାଭିମାନ ସୃଷ୍ଟି କରେ। ଏହାକୁ ଉଜ୍ଜୀବିତ କରିବା ଏକାନ୍ତ କାମ୍ୟ। ଓଡ଼ିଆ ପକ୍ଷ ମାତୃଭାଷା ଓ ମାତୃଭୂମିର ତୂର୍ଯ୍ୟନାଦ କରୁ , ସଂସ୍କୃତିର ପଥିକ ସାଜୁ, ଓଡ଼ିଆଙ୍କ ଭିତରେ ଓଡ଼ିଶାକୁ ନେଇ ଅପରୂପ ମୂର୍ଚ୍ଛନା ସୃଷ୍ଟି କରୁ। ଆସନ୍ତୁ ଓଡ଼ିଶାର ପୁରପଲ୍ଲୀରୁ ଏହି ପକ୍ଷର ଶୁଭାରମ୍ଭ କରିବା , ଆମ ଭାଷାକୁ ନେଇ ଗର୍ବ କରିବା, ଆମ ଅସ୍ମିତାକୁ ବାରମ୍ବାର ଦୋହରାଇବା।

+ଜୈବ ନିରୀକ୍ଷକ,
ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା,
ଭୁବନେଶ୍ୱର
ମୋ - ୯୪୩୮୪୬୭୦୭୯

# ଓଡ଼ିଆ ପକ୍ଷ: ଆମ ଅସ୍ମିତାର ଅନନ୍ୟ ପର୍ବ



**ଅଖିଳ ତରାଇ**

ଭାଷା ହିଁ ଜାତିର ଜୀବନୀ ଶକ୍ତି। ଜଣେ ବ୍ୟକ୍ତିର ପ୍ରକୃତ ପରିଚୟ ତା'ର ମାତୃଭାଷାରୁ ହିଁ ଆରମ୍ଭ ହୋଇଥାଏ। ଓଡ଼ିଶାର ଶାସ୍ତ୍ରୀୟ ଭାଷା 'ଓଡ଼ିଆ'ର ଗୌରବକୁ ଅକ୍ଷୁଣ୍ଣ ରଖିବା ଏବଂ ନୂତନ ପିଢ଼ି ମଧ୍ୟରେ ଏହାର ଆଦୃତି ବଢ଼ାଇବା ପାଇଁ 'ଓଡ଼ିଆ ପକ୍ଷ' ପାଳନ କରାଯାଉଛି। ଏହା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଆମ ଅସ୍ମିତା, ପରମ୍ପରା ଏବଂ ସ୍ୱାଭିମାନର ଏକ ସମ୍ମିଳିତ ଉତ୍ସବ। ଇତିହାସର ପୃଷ୍ଠା ଓଲଟାଇଲେ ଓଡ଼ିଶାର ବୀରତ୍ୱ, କଳା ଏବଂ ସାହିତ୍ୟର ଏକ ଗୌରବମୟ ଚିତ୍ର ଆଖି ଆଗରେ ନାଚିଉଠେ। କିନ୍ତୁ କେବଳ ଅତୀତର ଗର୍ବରେ ବଞ୍ଚିବା ଯଥେଷ୍ଟ ନୁହେଁ, ବରଂ ସେହି ଗୌରବକୁ ପାଥେୟ କରି ଏକ ସ୍ୱାଭିମାନୀ ଭବିଷ୍ୟତ ଗଢ଼ିବା ହିଁ ଆଜିର ଆବଶ୍ୟକତା। ଏହି ଲକ୍ଷ୍ୟକୁ ସାକାର କରିବା ପାଇଁ ଓଡ଼ିଶା ସରକାରଙ୍କ 'ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ' ପକ୍ଷରୁ 'ଓଡ଼ିଆ ପକ୍ଷ ୨୦୨୬' ର ପରିକଳ୍ପନା କରାଯାଇଛି। ଏପ୍ରିଲ ୧ (ଓଡ଼ିଶା ଦିବସ) ରୁ ଏପ୍ରିଲ ୧୪ (ମହାବିଷୁବ ସଂକ୍ରାନ୍ତି ବା ଓଡ଼ିଆ ନବବର୍ଷ) ପର୍ଯ୍ୟନ୍ତ ଏହି ୧୪ ଦିନ ହେଉଛି ଆମ ଇତିହାସ ଓ ପରିଚୟର ଏକ ମହାନ ପର୍ବ। ଏହା ସାଢ଼େ ୪ କୋଟି ଓଡ଼ିଆଙ୍କ ଭାବନା ଏବଂ ଆତ୍ମସମ୍ମାନର ଏକ ସମ୍ମିଳିତ ଗଣ-ଆନ୍ଦୋଳନ। ଓଡ଼ିଶାର ପ୍ରତିଟି କୋଣ ଅନୁକୋଣରେ ଓଡ଼ିଆ ଭାଷା ଓ ସଂସ୍କୃତିର ଜୟଗାନ କରିବା ହିଁ ଏହି ମହାନ ପକ୍ଷର ପ୍ରକୃତ ଉଦ୍ଦେଶ୍ୟ।

ଓଡ଼ିଆ ପକ୍ଷର ଶୁଭାରମ୍ଭ ହୁଏ ଏପ୍ରିଲ ୧, 'ଓଡ଼ିଶା ଦିବସ' ରୁ। ୧୯୩୬ ମସିହାରେ ଭାଷା ଭିତ୍ତିରେ ଗଠିତ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ବିଶ୍ୱ ଦରବାରରେ ଯେଉଁ ସ୍ୱତନ୍ତ୍ର ପରିଚୟ ପ୍ରତିଷ୍ଠା କରିଥିଲା, ତାହାକୁ ସମ୍ମାନ ଜଣାଇ ଆମେ ଏହି ଦିନକୁ ଉତ୍ସବ ଭାବେ ପାଳନ କରୁ। ଏହା ପରେ ଏପ୍ରିଲ ୨ ରେ 'ଖଡ଼ିଛୁଆଁ ଦିବସ' ମାଧ୍ୟମରେ ଆମର ପାରମ୍ପରିକ ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଏ। ଶିଶୁର ପ୍ରଥମ ଅକ୍ଷର ଶିକ୍ଷା ହିଁ ତାର ଜୀବନର ମୂଳଦୁଆ, ଯାହା ତାକୁ ନିଜ ମାତୃଭାଷା ସହ ଯୋଡ଼ିଥାଏ। ଏହି ଆରମ୍ଭ ହିଁ ଜଣେ ସ୍ୱାଭିମାନୀ ନାଗରିକ ଗଢ଼ିବାରେ ପ୍ରଥମ ସୋପାନ।

ଏପ୍ରିଲ ୩ ତାରିଖରେ 'ଆମ ପୋଷାକ ଆମ ପରିଚୟ' କାର୍ଯ୍ୟକ୍ରମ ଆମର ସମ୍ବଲପୁରୀ, ମଣିଆବନ୍ଧି ଓ ଖଣ୍ଡୁଆ ଭଳି ଅନନ୍ୟ ହସ୍ତତନ୍ତ ବସ୍ତ୍ରକୁ ବିଶ୍ୱସ୍ତରରେ ଆଦୃତ କରାଇବାର ଏକ ସଂକଳ୍ପ। ଜଣେ ଓଡ଼ିଆର ପରିଚୟ ତା'ର ପରିଧାନରୁ ହିଁ ପ୍ରତିଫଳିତ ହୁଏ। ଭାଷାକୁ ଅଧିକ ଶାଣିତ କରିବା ପାଇଁ ଏପ୍ରିଲ ୪ ରେ 'ଓଡ଼ିଆରେ ନାମ ଫଳକ ଲେଖା ଅଭିଯାନ' ହାତକୁ ନିଆଯାଇଛି। ନିଜ ମାତୃଭାଷାରେ ନିଜର ପରିଚୟ ଲେଖିବା କୌଣସି ସଂକୀର୍ଣ୍ଣତା ନୁହେଁ ବରଂ ଏହା ଆମର ମୌଳିକ ସ୍ୱାଭିମାନ। ଯେଉଁ ଜାତି ନିଜ ଭାଷାକୁ ସମ୍ମାନ ଦିଏ, ସେହି ଜାତିକୁ ବିଶ୍ୱ ଦରବାରରେ ସମ୍ମାନ ମିଳିଥାଏ। ଓଡ଼ିଆ ଭାଷାରେ ନିଜର ପରିଚୟ ସୃଷ୍ଟି କରିବା ପାଇଁ ଆମେ ସମସ୍ତେ ଗର୍ବର ସହ ଆଗକୁ ଆସିବା ଉଚିତ।

ଏପ୍ରିଲ ୫ ରେ 'ଐତିହ୍ୟ ଗଣଦୌଡ଼' ଯୁବଶକ୍ତିକୁ ଆମ ଗୌରବମୟ ଅତୀତ ସହ ଯୋଡ଼ିବାର ଏକ ସେତୁ। ଆମର କୋଣାର୍କ ଓ ଲିଙ୍ଗରାଜ ମନ୍ଦିର ଆମ ପୂର୍ବପୁରୁଷଙ୍କ ପଥରରେ ଖୋଦିତ ଏକ ଅମ୍ଳାନ ଗାଥା, ଯାହା ଆମର ସ୍ଥାପତ୍ୟ କଳାକୁ ବିଶ୍ୱବିଦିତ କରିଛି। ସେହିପରି ଏପ୍ରିଲ ୬ ରେ 'ସ୍ୱଚ୍ଛତା ଅଭିଯାନ' ମାଧ୍ୟମରେ ଓଡ଼ିଆ ଜାତି ତାର ସେବା ମନୋଭାବ ପ୍ରଦର୍ଶନ କରେ। 'ସେବା ହିଁ ପରମ ଧର୍ମ'—ଏହି ମନ୍ତ୍ରକୁ ନେଇ ଆମେ ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ କରିବା ପାଇଁ ସଂକଳ୍ପବଦ୍ଧ ହେବା ଆବଶ୍ୟକ। ସ୍ୱଚ୍ଛତା ହିଁ ଏକ ସୁସଂସ୍କୃତ ଜାତିର ସର୍ବଶ୍ରେଷ୍ଠ ଗୁଣ।

ଏପ୍ରିଲ ୭ ର 'ଶିଶୁ କଥା ଦିବସ' ମାଧ୍ୟମରେ ଆମେ ଆଗାମୀ ପିଢ଼ି ମଧ୍ୟରେ ଗଳ୍ପ ଓ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରୁଛୁ। ଯେତେବେଳେ ଜଣେ ଶିଶୁ ନିଜ ମାତୃଭାଷାରେ ଗଳ୍ପ ଶୁଣେ, ସେତେବେଳେ ତା' ମନରେ ନୈତିକ ମୂଲ୍ୟବୋଧ ଜାଗ୍ରତ ହୁଏ। ଏହା ପରେ ଏପ୍ରିଲ ୮ ରେ 'ରକ୍ତଦାନ ଅଭିଯାନ' ସମାଜ ପ୍ରତି ଆମର ଉତ୍ତରଦାୟିତ୍ୱକୁ ଦର୍ଶାଏ। ମୁମୂର୍ଷୁ ରୋଗୀକୁ ରକ୍ତ ଦେଇ ଜୀବନ ବଞ୍ଚାଇବା ହିଁ ପ୍ରକୃତ ଓଡ଼ିଆତ୍ମା ଓ ଜଗନ୍ନାଥ ସଂସ୍କୃତିର ସାରତତ୍ତ୍ୱ। ରକ୍ତଦାନ ଭଳି ମହାନ କାର୍ଯ୍ୟ ମାଧ୍ୟମରେ ଆମେ ମାନବିକତାର ଏକ ନୂତନ ଉଦାହରଣ ସୃଷ୍ଟି କରିପାରିବା।

ବର୍ତ୍ତମାନର ଡିଜିଟାଲ ଯୁଗରେ ସ୍କ୍ରିନ୍‌ଠାରୁ ଦୂରେଇ ବହି ସହ ଯୋଡ଼ି ହେବା ପାଇଁ ଏପ୍ରିଲ ୯ ରେ 'ଆସ ବହିଟିଏ କିଣିବା' ଅଭିଯାନ ଏକ ଯୁଗୋପଯୋଗୀ ପ୍ରୟାସ। ବହି ହିଁ ମଣିଷର ପ୍ରକୃତ ବନ୍ଧୁ ଏବଂ ଜ୍ଞାନର ସର୍ବଶ୍ରେଷ୍ଠ ଭଣ୍ଡାର। ଏପ୍ରିଲ ୧୦ ରେ 'ଲୋକକଳା ପାଇଁ ଦିନଟିଏ' ଉତ୍ସର୍ଗ କରି ଆମେ ଆମର ପାଲା, ଦାସକାଠିଆ ଓ ଓଡ଼ିଶୀ ଭଳି ଅମୂଲ୍ୟ ସମ୍ପଦକୁ ସମ୍ମାନିତ କରୁଛୁ। ଏହି କଳା ହିଁ ଆମ ଜାତିର ଜୀବନ୍ତ ଇତିହାସ ଏବଂ ଏହାର ସଂରକ୍ଷଣ ହିଁ ଆମର ପ୍ରାଥମିକ ଦାୟିତ୍ୱ। ଆମର ଆଞ୍ଚଳିକ କଳାକାରମାନଙ୍କୁ ପ୍ରୋତ୍ସାହିତ କରିବା ଦ୍ୱାରା ହିଁ ଓଡ଼ିଶାର ସାଂସ୍କୃତିକ ଧାରା ଅବ୍ୟାହତ ରହିବ।

ଏପ୍ରିଲ ୧୧ ର 'ଅମୃତଭିତ୍ତି ସାରସ୍ୱତ ସମାରୋହ' ଆମର ବୌଦ୍ଧିକ ଓ ସାଂସ୍କୃତିକ ଦିଗନ୍ତକୁ ଅଧିକ ପ୍ରଶସ୍ତ କରେ। ଭାଷାର ଶାଣିତ ପ୍ରୟୋଗ ଓ ସାହିତ୍ୟର ନୂତନ ଚିନ୍ତାଧାରା ଉପରେ ଚର୍ଚ୍ଚା କରିବା ଦ୍ୱାରା ଆମେ ଆମର ଚିନ୍ତନକୁ ବିକଶିତ କରିପାରିବା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏପ୍ରିଲ ୧୨ର 'ବନ୍ଦନୀୟ ବରପୁତ୍ର' ଦିବସ। ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଭଳି ମହାନାୟକଙ୍କ ତ୍ୟାଗ ଯୋଗୁଁ ଆଜି ଆମେ ଏକ ସ୍ୱାଧୀନ ପରିଚୟ ପାଇଛୁ। ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ହିଁ ସେମାନଙ୍କ ପ୍ରତି ପ୍ରକୃତ ସମ୍ମାନ ଏବଂ ସେମାନଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗରେ ଚାଲିବା ହିଁ ଆମର କର୍ତ୍ତବ୍ୟ। ଏପ୍ରିଲ ୧୩ ରେ 'ଆମ ରୁଚି ଆମ ଖାଦ୍ୟ' ମାଧ୍ୟମରେ ଆମେ ଆମର ପାରମ୍ପରିକ ପଖାଳ, ଡାଲମା ଓ ପିଠାପଣାକୁ ପୁନର୍ଜୀବିତ କରିବାର ପ୍ରୟାସ କରୁଛୁ। ଆମର ଖାଦ୍ୟ କେବଳ ପେଟ ପାଇଁ ନୁହେଁ, ଏହା ଆମ ଶରୀର ଓ ଆଞ୍ଚଳିକ ପରିବେଶ ପାଇଁ ମଧ୍ୟ ଅତ୍ୟନ୍ତ ଉପଯୋଗୀ। ଶେଷରେ ଏପ୍ରିଲ ୧୪, 'ଓଡ଼ିଆ ନବବର୍ଷ' ବା ମହାବିଷୁବ ସଂକ୍ରାନ୍ତି ସହ ଏହି ୧୪ ଦିନିଆ ଯାତ୍ରାର ସମାପ୍ତି ଘଟୁଛି। କିନ୍ତୁ ଏହା ଶେଷ ନୁହେଁ ବରଂ ଏହା ଏକ ନୂତନ ବିଶ୍ୱାସ, ନୂତନ ଶକ୍ତି ଏବଂ ସଂକଳ୍ପର ଶୁଭାରମ୍ଭ। ପାଞ୍ଜି ପୂଜା ଓ ପଣା ସେବନ ମାଧ୍ୟମରେ ଆମେ ଏକ ସକାରାତ୍ମକ ବର୍ଷର ଆରମ୍ଭ କରିଥାଉ।

ଓଡ଼ିଆ ପକ୍ଷ ଆମକୁ ଶିଖାଏ ଯେ, ଆମେ ଆମର ଅତୀତକୁ ନେଇ ଗର୍ବ କରିବା ଉଚିତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ରହିବା ଆବଶ୍ୟକ। ଏହି ୧୪ ଦିନ ଆମ ଭିତରେ ଥିବା ସୁପ୍ତ ସ୍ୱାଭିମାନକୁ ଜାଗ୍ରତ କରିବା ପାଇଁ ଏକ ଅନନ୍ୟ ସୁଯୋଗ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଏହି ପ୍ରୟାସ ପ୍ରଶଂସନୀୟ। ଆସନ୍ତୁ, ଆମେ ସମସ୍ତେ ସାମିଲ ହେବା ଏହି ଅଭିଯାନରେ ଏବଂ ସଂକଳ୍ପ ନେବା ଯେ ଆମେ ଓଡ଼ିଆରେ କହିବା, ଓଡ଼ିଆରେ ଲେଖିବା ଏବଂ ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟ ଭାବେ ଗଢ଼ିବାରେ ସହାୟକ ହେବା। ଜଣେ ସ୍ୱାଭିମାନୀ ଓଡ଼ିଆ ଭାବେ ନିଜର ପରିଚୟକୁ ନେଇ ଗର୍ବ କରିବା ହିଁ ଏହି ପକ୍ଷ ପାଳନର ପ୍ରକୃତ ସାର୍ଥକତା। ଆମର ଏହି ଏକତା ଓ ସଂହତି ହିଁ ଆଗାମୀ କାଲିର ସୁନ୍ଦର ଓଡ଼ିଶା ଗଢ଼ିବାରେ ସହାୟକ ହେବ।

+ ଗଞ୍ଜାମ, ମୋ: ୭୭୮୭୦୦୧୦୦୧

## ଇଏ ହିଁ ମୋ ମାଟି

**ଇନ୍ଦୁମତୀ ପାତ୍ର**

ଯେଉଁ ମାଟିରେ ସୁନା ଫଳେ
ଚିର ବସନ୍ତର ହାଟ ବସେ
ପ୍ରକୃତି କୋଳରେ,
ଯେଉଁ ମାଟିର ମଣିଷ
ମାଟିକୁ ମା ମାନି ନିଏ
ସିଏ ହିଁ ମୋର ଉତ୍କଳ।
ଏଠି ପବନ ଦୋଳାରେ
ଝୁଲୁଥାଏ ମହ ମହ ବାସ
ଗଛରେ ପତ୍ରରେ ଭରିଥାଏ
ଅଖଣ୍ଡ ବିଶ୍ୱାସ,
ଏଠି ଶିଳା ବି ଶାଳଗ୍ରାମ
କାଠର ଦେବତା କଥା କହେ
ସାରା ବିଶ୍ୱକୁ ସାଉଁଟି ଆଣେ
ଭରସାରେ ବିଶ୍ୱାସରେ ।
ଏଠି ଇରମ ମାଟି ହେଉ
କି ଖୋର୍ଦ୍ଧା ଗଡ଼
ସବୁଠି ଉଜାଗର ଥାଏ
ବୀର ସହିଦର ପ୍ରାଣ
ସାଧବ ପୁଅ ର ସ୍ମୃତିକୁ ମନେ ପକାଇ
କରୁଥାଏ ବୋଇତ ବନ୍ଦାଣ ।
ମଧୁ କି ଗୋପ
ସଭିଏଁ ତ ଏ ମାଟି ପାଇଁ
ଥିଲେ ଦିବ୍ୟ ଦେବ ଦୂତ
ସ୍ୱତନ୍ତ୍ର ଓଡିଶା ଗଠନ ରେ
ନ ଥିଲେ କେତେ ବରପୁତ୍ର
ଭାଷା ଜନନୀର
ରଖିଲେ ମହତ ।
ଏଠି ପଖାଳ କଂସାଏ ଅମୃତ ମଣୋହି
ବାର ମାସରେ ତେର ପର୍ବ
ଭାଇଚାରାର ବଣ୍ଟା କୁଣ୍ଟା ସ୍ନେହ
ଏକତାର ସୂତ୍ରେ ସଭିଙ୍କୁ ବାନ୍ଧଇ ।
କିଏ ଅମୀର କିଏ ଫକୀର
ସଭିଙ୍କର ତ ବାଦଶାହୀ ମନ
ଦାତାପଣରେ ଏମାଟି
ସଦା ଗରୀୟାନ ।
ଏଠି ଐତିହ୍ୟ ହେଉ କି ସାହିତ୍ୟ
ସବୁଠି ଅଛି ଜାତି ଇତିହାସ
ପୂର୍ବଜଙ୍କ ପୁନରାବୃତ୍ତି
କରୁଥାଏ ଏ ମାଟିର
ସୁଯୋଗ୍ୟ ଦାୟାଦ।

+ ଗୌର ତୋଟା ସାହି
କେନ୍ଦୁଝର ଗଡ଼ ।
(ମୋ) ୯୮୬୧୬୪୯୦୨୯

# ବିଶ୍ୱବ୍ୟାପୀ ସଙ୍କଟ ସତ୍ତ୍ୱେ ସୁନାର ଚମକ ଫିକା କାହିଁକି ?

ସାଧାରଣତଃ ବିଶ୍ୱବ୍ୟାପୀ କୌଣସି ରାଜନୈତିକ, ସାମରିକ କିମ୍ବା ଅର୍ଥନୈତିକ ସଙ୍କଟ ଦେଖାଦେଲେ ନିବେଶକମାନେ ସୁନାକୁ ଏକ ନିରାପଦ ଆଶ୍ରୟସ୍ଥଳୀ ଭାବରେ ବିବେଚନା କରିଥାନ୍ତି। ଅତୀତର ଇତିହାସକୁ ଦେଖିଲେ ଏହା ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ୨୦୦୮ ମସିହାର ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା, କୋଭିଡ-୧୯ ମହାମାରୀ ସମୟରେ ଅର୍ଥନୈତିକ ଅଚଳାବସ୍ଥା ଏବଂ ୨୦୨୨ ମସିହାରେ ରଷିଆ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ସୁନା ଦରରେ ଅଭୂତପୂର୍ବ ବୃଦ୍ଧି ଘଟିଥିଲା । ମାତ୍ର ବର୍ତ୍ତମାନର ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ରୂପ ନେଇଛି। ୨୦୨୬ ମସିହା ଫେବୃଆରୀ ୨୮ ତାରିଖରୁ ଆରମ୍ଭ ହୋଇଥିବା ପଶ୍ଚିମ ଏସିଆ ସଙ୍କଟ ବା ଯୁଦ୍ଧ ପରିପ୍ରେକ୍ଷୀରେ ସୁନା ଦର ଊର୍ଦ୍ଧ୍ୱଗାମୀ ହେବା ପରିବର୍ତ୍ତେ ଆଶ୍ଚର୍ଯ୍ୟଜନକ ଭାବରେ ତଳକୁ ଖସିବାରେ ଲାଗିଛି । ଭାରତୀୟ ବଜାରରେ ଏହାର ପ୍ରଭାବ ସ୍ପଷ୍ଟ ଭାବରେ ଦେଖିବାକୁ ମିଳିଛି । ଜାନୁଆରୀ ମାସ ଶେଷ ଆଡ଼କୁ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୧୦ ଗ୍ରାମ୍ ପ୍ରତି ପ୍ରାୟ ୧.୮ ଲକ୍ଷ ଟଙ୍କା ଥିବାବେଳେ ବର୍ତ୍ତମାନ ତାହା ହ୍ରାସ ପାଇ ପ୍ରାୟ ୧.୩ ଲକ୍ଷ ଟଙ୍କାରେ ପହଞ୍ଚିଛି । ଗୋଟିଏ ପଟେ ବିଶ୍ୱରେ ଯୁଦ୍ଧର ଭୟାବହତା ବୃଦ୍ଧି ପାଉଥିବା ବେଳେ ଅନ୍ୟ ପଟେ ସୁନା ପରି ଏକ ନିରାପଦ ସମ୍ପତ୍ତିର ମୂଲ୍ୟ ହ୍ରାସ ପାଇବା ଅର୍ଥନୀତିଜ୍ଞ ଏବଂ ନିବେଶକମାନଙ୍କ ପାଇଁ ଏକ ବିସ୍ମୟର କାରଣ ପାଲଟିଛି । ଏହି ଅପ୍ରତ୍ୟାଶିତ ଘଟଣାକ୍ରମ ପଛରେ ଥିବା କାରଣଗୁଡ଼ିକୁ ବିଶ୍ଳେଷଣ କଲେ ଅନେକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଏବଂ ଭୂ-ରାଜନୈତିକ ଦିଗ ସାମ୍ନାକୁ ଆସିଥାଏ ।

ପାରମ୍ପରିକ ଭାବରେ ସୁନା ଏବଂ ବିଶ୍ୱ ସଙ୍କଟ ମଧ୍ୟରେ ଏକ ସିଧାସଳଖ ସମ୍ପର୍କ ରହିଆସିଛି । ସୁନା ଏପରି ଏକ ସମ୍ପତ୍ତି ଯାହା ଉପରେ କୌଣସି ସୁଧ ମିଳିନଥାଏ । ତେଣୁ ଯେତେବେଳେ ବଜାରରେ ଆମେରିକୀୟ ସରକାରୀ ବଣ୍ଡ୍ ପରି ସୁରକ୍ଷିତ ସମ୍ପତ୍ତିରୁ ମିଳୁଥିବା ଲାଭାଂଶ କିମ୍ବା ସୁଧ ହାର ହ୍ରାସ ପାଏ, ସେତେବେଳେ ନିବେଶକମାନେ ସୁନା ଆଡ଼କୁ ଆକର୍ଷିତ ହୋଇଥାନ୍ତି । ଏହାବ୍ୟତୀତ ବିଶ୍ୱ ବଜାରରେ ସୁନାର କାରବାର ମୁଖ୍ୟତଃ ଆମେରିକୀୟ ଡଲାରରେ କରାଯାଇଥାଏ । ଯେତେବେଳେ ଡଲାରର ମୂଲ୍ୟ ହ୍ରାସ ପାଏ, ଅନ୍ୟ ଦେଶର ମୁଦ୍ରା ବ୍ୟବହାର କରୁଥିବା କ୍ରେତାମାନଙ୍କ ପାଇଁ ସୁନା ଶସ୍ତା ହୋଇଯାଏ, ଯାହା ଫଳରେ ଏହାର ଚାହିଦା ଏବଂ ଦର ବୃଦ୍ଧି ପାଇଥାଏ । ଅର୍ଥାତ୍ ଏକ ଦୁର୍ବଳ ଡଲାର ଏବଂ କମ୍ ସୁଧ ହାର ସର୍ବଦା ସୁନା ବଜାର ପାଇଁ ଅନୁକୂଳ ସାବ୍ୟସ୍ତ ହୋଇଥାଏ । କିନ୍ତୁ ୨୦୨୨ ମସିହା ପରଠାରୁ ଏହି ପାରମ୍ପରିକ ନିୟମରେ ପରିବର୍ତ୍ତନ ଦେଖାଦେଇଥିଲା ଏବଂ ବର୍ତ୍ତମାନର ପଶ୍ଚିମ ଏସିଆ ସଙ୍କଟ ସମୟରେ ଏହି ସମୀକରଣ ସମ୍ପୂର୍ଣ୍ଣ ଓଲଟି ଯାଇଛି । ସୁନା ଦରକୁ ସମର୍ଥନ କରୁଥିବା ସମସ୍ତ କାରକ ବର୍ତ୍ତମାନ ବିପରୀତ ଦିଗରେ ଗତି କରୁଛନ୍ତି, ଯାହା ଫଳରେ ସୁନା ବଜାରରେ ଏକ ବଡ଼ ଧରଣର ପତନ ଦେଖିବାକୁ ମିଳିଛି ।

ଏହି ପରିବର୍ତ୍ତିତ ସମୀକରଣର ସବୁଠାରୁ ବଡ଼ କାରଣ ହେଉଛି ଅଶୋଧିତ ତୈଳ ଦରରେ ଅତ୍ୟଧିକ ବୃଦ୍ଧି ଏବଂ ଏହା ସୃଷ୍ଟି କରୁଥିବା ମୁଦ୍ରାସ୍ଫୀତିର ଆଶଙ୍କା । ପଶ୍ଚିମ ଏସିଆରେ ସାମରିକ ସଂଘର୍ଷ ଆରମ୍ଭ ହେବା ମାତ୍ରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବ୍ୟାପକ ଭାବରେ ବୃଦ୍ଧି ପାଇ ବ୍ୟାରେଲ ପିଛା ୧୨୦ ଡଲାର ଅତିକ୍ରମ କରିଯାଇଥିଲା । ୨୦୨୨ ମସିହାରେ ରଷିଆ-ୟୁକ୍ରେନ ଯୁଦ୍ଧ ପରେ ପ୍ରଥମ ଥର ପାଇଁ ତୈଳ ଦର ଏତେ ଉଚ୍ଚ ସ୍ତରରେ ପହଞ୍ଚିଛି । ଆନ୍ତର୍ଜାତିକ ଶକ୍ତି ସଂସ୍ଥା (IEA)ର ରିପୋର୍ଟ ଅନୁଯାୟୀ, ଏହି ଯୁଦ୍ଧ ବିଶ୍ୱ ତୈଳ ବଜାରରେ ଏକ ବୃହତ୍ ଯୋଗାଣ ବାଧା ସୃଷ୍ଟି କରିଛି । ତୈଳ ଦର ବୃଦ୍ଧି ପାଇବା ଅର୍ଥ ହେଉଛି ପରିବହନ ଠାରୁ ଆରମ୍ଭ କରି ଉତ୍ପାଦନ ପର୍ଯ୍ୟନ୍ତ ପ୍ରାୟ ସମସ୍ତ ସାମଗ୍ରୀର ଦାମ୍ ବୃଦ୍ଧି ପାଇବା । ଏହା ସିଧାସଳଖ ବିଶ୍ୱବ୍ୟାପୀ ମୁଦ୍ରାସ୍ଫୀତିକୁ ବଢ଼ାଇବାର ଆଶଙ୍କା ସୃଷ୍ଟି କରିଛି । ଯୁଦ୍ଧ ପୂର୍ବରୁ ବିଶ୍ୱ ଅର୍ଥନୀତିରେ ମୁଦ୍ରାସ୍ଫୀତି ହ୍ରାସ ପାଉଥିଲା ଏବଂ ପ୍ରମୁଖ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁଧ ହାର ହ୍ରାସ କରିବାର ସଙ୍କେତ ଦେଉଥିଲେ । ମାତ୍ର ତୈଳ ଦରର ଏହି ଆକସ୍ମିକ ବୃଦ୍ଧି ସେହି ସମସ୍ତ ହିସାବନିକାଶକୁ ବଦଳାଇ ଦେଇଛି। ବର୍ତ୍ତମାନ ବଜାର ଆଶା କରୁଛି ଯେ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁଧ ହାରକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଉଚ୍ଚ ସ୍ତରରେ ରଖିବେ । ଏହି ଗୋଟିଏ ଆଶଙ୍କା ହିଁ ସୁନା ବଜାରର ଦିଗ ବଦଳାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି।

ସୁଧ ହାର ଉଚ୍ଚ ରହିବାର ଆଶଙ୍କା ସୁନା ପାଇଁ କିପରି କ୍ଷତିକାରକ ସାବ୍ୟସ୍ତ ହୋଇଛି, ତାହା ବୁଝିବା ନିତାନ୍ତ ଆବଶ୍ୟକ । ଯେତେବେଳେ ସୁଧ ହାର ଅଧିକ ରହେ, ସେତେବେଳେ ଆମେରିକୀୟ ଟ୍ରେଜେରୀ ବଣ୍ଡ୍ ପରି ସରକାରୀ ସମ୍ପତ୍ତିଗୁଡ଼ିକ ଅଧିକ ଲାଭଦାୟକ ମନେହୁଏ, କାରଣ ସେଥିରୁ ନିବେଶକମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଏବଂ ସୁରକ୍ଷିତ ଆୟ ମିଳିଥାଏ । ଏହାର ବିପରୀତରେ, ସୁନାରେ ନିବେଶ କଲେ କୌଣସି ନିୟମିତ ସୁଧ ମିଳିନଥାଏ । ତେଣୁ ଉଚ୍ଚ ସୁଧ ହାର ସମୟରେ ସୁନା ରଖିବାର 'ସୁଯୋଗ ମୂଲ୍ୟ' ବା ଅପରଚୁନିଟି କଷ୍ଟ୍ ବୃଦ୍ଧି ପାଇଥାଏ। ବିଶ୍ୱ ସ୍ୱର୍ଣ୍ଣ ପରିଷଦର ଭାରତ ପାଇଁ ଗବେଷଣା ମୁଖ୍ୟ କବିତା ଚାକୋଙ୍କ ମତରେ, କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ନୀତିଗତ ପଦକ୍ଷେପକୁ ନେଇ ବଦଳୁଥିବା ଆଶା ଏବଂ ଡଲାରର ମୂଲ୍ୟବୃଦ୍ଧି ସୁନା ଦର ଉପରେ ଗଭୀର ପ୍ରଭାବ ପକାଇଛି। ଯେତେବେଳେ ନିବେଶକମାନେ ଆମେରିକୀୟ ବଣ୍ଡ୍ ?ରେ ଅଧିକ ଅର୍ଥ ବିନିଯୋଗ କରନ୍ତି, ସେତେବେଳେ ଆମେରିକୀୟ ଡଲାର ଅଧିକ ଶକ୍ତିଶାଳୀ ହୋଇଥାଏ । ଏକ ଶକ୍ତିଶାଳୀ ଡଲାର ଅନ୍ୟ ଦେଶର ମୁଦ୍ରା ତୁଳନାରେ ସୁନାକୁ ଅଧିକ ମହଙ୍ଗା କରିଦିଏ, ଯାହା ଫଳରେ ଆନ୍ତର୍ଜାତିକ ସ୍ତରରେ ସୁନାର ଚାହିଦା ହ୍ରାସ ପାଏ ଏବଂ ଦର ତଳମୁହାଁ ହୁଏ।

ଏହି ମୌଳିକ କାରଣଗୁଡ଼ିକ ସହିତ ନିବେଶକମାନଙ୍କର ଲାଭ ଉଠାଇବା ମାନସିକତା ଏବଂ ବଜାରର ବୈଷୟିକ ଦିଗ ମଧ୍ୟ ସୁନା ଦର ହ୍ରାସ ପାଇଁ ଦାୟୀ । ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ସୁନା ଦର ଏକ ଐତିହାସିକ ଉଚ୍ଚସ୍ତରରେ ପହଞ୍ଚି ସାରିଥିଲା । ଆନ୍ତର୍ଜାତିକ ବଜାରରେ ଏହା ଟ୍ରୟ ଆଉନ୍ସ ପ୍ରତି ୫୦୦୦ ଡଲାର ଅତିକ୍ରମ କରିଥିବା ବେଳେ ଭାରତରେ ଏହା ୧.୮ ଲକ୍ଷ ଟଙ୍କା ଛୁଇଁଥିଲା। ବିଗତ ଦୁଇ ବର୍ଷ ଧରି ଭୂ-ରାଜନୈତିକ ଅସ୍ଥିରତା ଏବଂ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର କ୍ରମାଗତ ସୁନା କ୍ରୟ ଯୋଗୁଁ ସୁନା ଦର ପ୍ରାୟ ଦ୍ୱିଗୁଣିତ ହୋଇଯାଇଥିଲା। ତେଣୁ ଯେତେବେଳେ ଦର ସାମାନ୍ୟ ଖସିବା ଆରମ୍ଭ କଲା, ସେତେବେଳେ କ୍ଷତିକୁ ଏଡ଼ାଇବା ପାଇଁ ନିବେଶକମାନେ ପୂର୍ବରୁ ସେଟ୍ କରିଥିବା ଅଟୋମେଟିକ୍ ସେଲ୍ ଅର୍ଡର (ସ୍ୱୟଂଚାଳିତ ବିକ୍ରି ଆଦେଶ) ଗୁଡ଼ିକ କାର୍ଯ୍ୟକାରୀ ହେବାକୁ ଲାଗିଲା । ଏହା ବଜାରରେ ସୁନାର ଯୋଗାଣ ବଢ଼ାଇଦେଲା, ଯାହା ଦରକୁ ଆହୁରି ତଳକୁ ଠେଲିଦେଲା । ଏହା ସହିତ ଏକ ତରଳତା ସଙ୍କଟ ବା ଲିକ୍ୱିଡିଟି କ୍ରଞ୍ଚ୍ ମଧ୍ୟ ଦେଖାଦେଇଛି । ଦୀର୍ଘକାଳୀନ ଯୁଦ୍ଧ ଏବଂ ତୈଳ ଯୋଗାଣରେ ବାଧା ଆଶଙ୍କାରେ ଶେୟାର ବଜାରରେ ବ୍ୟାପକ ପତନ ଘଟିଛି । ଯେତେବେଳେ ନିବେଶକମାନେ ଶେୟାର ବଜାରରେ କ୍ଷତି ସହନ୍ତି, ସେତେବେଳେ ସେହି କ୍ଷତିର ଭରଣା କରିବା ପାଇଁ ସେମାନେ ନିଜର ଲାଭଦାୟକ ସମ୍ପତ୍ତିଗୁଡ଼ିକୁ ବିକ୍ରି କରି ନଗଦ ଅର୍ଥ ସଂଗ୍ରହ କରିଥାନ୍ତି । ବର୍ଷ ବର୍ଷ ଧରି ଲାଭ ଦେଇଆସିଥିବା ସୁନା ଏହି ପରିପ୍ରେକ୍ଷୀରେ ବିକ୍ରି ପାଇଁ ସବୁଠାରୁ ସହଜ ବିକଳ୍ପ ପାଲଟିଛି।

ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି ଯେ, କ'ଣ ଆମେରିକୀୟ ଡଲାର ବର୍ତ୍ତମାନ ସୁନାର ସ୍ଥାନ ନେଇ ଏକ ନିରାପଦ ଆଶ୍ରୟସ୍ଥଳୀ ପାଲଟିଛି ? ସ୍ୱଳ୍ପକାଳୀନ ଦୃଷ୍ଟିକୋଣରୁ ବିଚାର କଲେ ଏହାର ଉତ୍ତର ହଁ ବୋଲି କୁହାଯାଇପାରେ। ଯଦିଓ ବିଗତ ଦୁଇ ଦଶନ୍ଧି ମଧ୍ୟରେ ବିଶ୍ୱର ବୈଦେଶିକ ମୁଦ୍ରା ଭଣ୍ଡାରରେ ଡଲାରର ଅଂଶ ୭୧ ପ୍ରତିଶତରୁ ହ୍ରାସ ପାଇ ୬୦ ପ୍ରତିଶତ ତଳକୁ ଖସିଆସିଛି ଏବଂ ବିଭିନ୍ନ ଦେଶ ଡଲାର ଉପରୁ ନିର୍ଭରଶୀଳତା କମାଇବା ପାଇଁ ପ୍ରୟାସ କରୁଛନ୍ତି, ତଥାପି ବିଶ୍ୱ ବାଣିଜ୍ୟର ଏକ ତୃତୀୟାଂଶ କାରବାର ଆଜି ବି ଡଲାରରେ ହିଁ ହେଉଛି । ବିଶେଷ କରି ଅଶୋଧିତ ତୈଳ କିଣିବା ପାଇଁ ସମସ୍ତ ଦେଶକୁ ଡଲାରର ଆବଶ୍ୟକତା ପଡ଼ିଥାଏ । ତେଣୁ ଯେତେବେଳେ ତୈଳ ଦର ବୃଦ୍ଧି ପାଏ, ସେତେବେଳେ ଆମଦାନୀକାରୀ ଦେଶଗୁଡ଼ିକୁ ଅଧିକ ଡଲାରର ଆବଶ୍ୟକତା ପଡ଼େ, ଯାହା ଡଲାରର ଚାହିଦାକୁ ବହୁଗୁଣିତ କରିଥାଏ ।

ତେବେ ଏହାର ଅର୍ଥ ନୁହେଁ ଯେ ସୁନାର ଗୁରୁତ୍ୱ ସବୁଦିନ ପାଇଁ ଶେଷ ହୋଇଯାଇଛି । ସୁନା ବଜାରର ସବୁଠାରୁ ବଡ଼ ଏବଂ ସ୍ଥାୟୀ କ୍ରେତା ହେଉଛନ୍ତି ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ। ସେମାନେ ସୁନା କିଣିବା ଆଦୌ ବନ୍ଦ କରିନାହାନ୍ତି। ଯଦିଓ ୨୦୨୫ ମସିହାରେ ସୁନା କ୍ରୟ ପରିମାଣ ସାମାନ୍ୟ କମିଥିଲା, ତଥାପି ଏହା ଐତିହାସିକ ହାରାହାରି ଠାରୁ ଯଥେଷ୍ଟ ଅଧିକ ରହିଥିଲା। ବିଶ୍ୱ ସ୍ୱର୍ଣ୍ଣ ପରିଷଦର ତଥ୍ୟ ଅନୁଯାୟୀ ୨୦୨୬ ଫେବୃଆରୀ ମାସରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପୁଣିଥରେ ବ୍ୟାପକ ମାତ୍ରାରେ ସୁନା କିଣିବା ଆରମ୍ଭ କରିଛନ୍ତି । ଏହାର ଏକ ବଡ଼ କାରଣ ହେଉଛି ଭୂ-ରାଜନୈତିକ ସୁରକ୍ଷା। ୨୦୨୨ ମସିହାରେ ୟୁକ୍ରେନ ଆକ୍ରମଣ ପରେ ଯେତେବେଳେ ଆମେରିକା ଏବଂ ଏହାର ପାଶ୍ଚାତ୍ୟ ସହଯୋଗୀମାନେ ପାଶ୍ଚାତ୍ୟ ବ୍ୟାଙ୍କଗୁଡ଼ିକରେ ଥିବା ରଷିଆର ଆର୍ଥିକ ସମ୍ପତ୍ତିକୁ ଜବତ କରିଦେଲେ, ସେତେବେଳେ ବିଶ୍ୱର ଅନେକ ଦେଶ ଅନୁଭବ କଲେ ଯେ କେବଳ ଆର୍ଥିକ ସମ୍ପତ୍ତି ଉପରେ ନିର୍ଭର କରିବା ନିରାପଦ ନୁହେଁ। ସୁନା ହେଉଛି ଏକ ଭୌତିକ ସମ୍ପତ୍ତି ଯାହାକୁ କୌଣସି ବିଦେଶୀ ଶକ୍ତି ଜବତ କିମ୍ବା ବାସନ୍ଦ କରିପାରିବ ନାହିଁ । ତେଣୁ ନିଜର ଆର୍ଥିକ ସ୍ୱାଧୀନତା ଏବଂ ସୁରକ୍ଷା ବଜାୟ ରଖିବା ପାଇଁ ଦେଶଗୁଡ଼ିକ ନିଜର ବୈଦେଶିକ ମୁଦ୍ରା ଭଣ୍ଡାରରେ ସୁନାର ପରିମାଣ ବୃଦ୍ଧି କରିବାକୁ ଶ୍ରେୟସ୍କର ମଣୁଛନ୍ତି।

ଭାରତୀୟ ପ୍ରେକ୍ଷାପଟ୍ଟରେ ସୁନା ବଜାରର ସ୍ଥିତିକୁ ଅନୁଧ୍ୟାନ କଲେ ଏକ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳେ । ସୁନା ଦର ଅତ୍ୟଧିକ ବୃଦ୍ଧି ପାଇବା ଏବଂ ପରେ ଦ୍ରୁତ ଗତିରେ ଖସିବା କାରଣରୁ ସାଧାରଣ ଗ୍ରାହକମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି, ଯାହା ଫଳରେ ଅଳଙ୍କାର ବଜାରରେ ଭୌତିକ ସୁନାର ଚାହିଦା ସାମାନ୍ୟ ହ୍ରାସ ପାଇଛି। ମାତ୍ର ନିବେଶ ଦୃଷ୍ଟିକୋଣରୁ ଭାରତୀୟ ବଜାର ଏବେ ମଧ୍ୟ ବେଶ୍ ସକ୍ରିୟ ରହିଛି। ବିଶେଷ କରି ଗୋଲ୍ଡ ଏକ୍ସଚେଞ୍ଜ୍-ଟ୍ରେଡେଡ୍ ଫଣ୍ଡ୍ (ଇଟିଏଫ୍) ମାଧ୍ୟମରେ ସୁନାରେ ନିବେଶ କ୍ରମାଗତ ଭାବରେ ବୃଦ୍ଧି ପାଉଛି। ବିଶ୍ୱ ସ୍ୱର୍ଣ୍ଣ ପରିଷଦର ରିପୋର୍ଟ ଅନୁଯାୟୀ, ଫେବୃଆରୀ ମାସରେ କ୍ରମାଗତ ଦଶମ ମାସ ପାଇଁ ଭାରତୀୟ ଗୋଲ୍ଡ ଇଟିଏଫ୍‌ରେ ସକାରାତ୍ମକ ପୁଞ୍ଜି ନିବେଶ ଦେଖିବାକୁ ମିଳିଛି। ଯଦିଓ କିଛି ନିବେଶକ ଲାଭ ଉଠାଇବା ପାଇଁ ନିଜର ସୁନା ବିକ୍ରି କରିଛନ୍ତି, ତଥାପି ନୂତନ ନିବେଶକମାନେ ଏହି କମ୍ ଦରର ସୁଯୋଗ ନେଇ ବଜାରରେ ପ୍ରବେଶ କରୁଛନ୍ତି । ଜାନୁଆରୀ ତୁଳନାରେ ଫେବୃଆରୀରେ ସୁନା ଆମଦାନୀ ୩୮ ପ୍ରତିଶତ କମିଥିଲେ ମଧ୍ୟ ଗତ ବର୍ଷର ସମାନ ମାସ ତୁଳନାରେ ଏହା ୮୦ ପ୍ରତିଶତରୁ ଅଧିକ ରହିଛି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଭାରତୀୟଙ୍କ ମନରେ ସୁନା ପ୍ରତି ଥିବା ଆକର୍ଷଣ ଆଦୌ କମିନାହିଁ । ଦର ସ୍ଥିର ହେବା ମାତ୍ରେ ପୁଣିଥରେ କ୍ରେତାମାନଙ୍କର ଭିଡ଼ ଦେଖିବାକୁ ମିଳିବ ବୋଲି ବଜାର ବିଶେଷଜ୍ଞମାନେ ଆଶାବ୍ୟକ୍ତ କରିଛନ୍ତି। ଆଗାମୀ ଦିନରେ ସୁନା ବଜାରର ଗତିପଥ କେଉଁ ଆଡ଼କୁ ଯିବ, ତାହା ସମ୍ପୂର୍ଣ୍ଣ ଭାବରେ ପଶ୍ଚିମ ଏସିଆ ସଙ୍କଟର ଭବିଷ୍ୟତ ଉପରେ ନିର୍ଭର କରେ । ଯଦି ପରିସ୍ଥିତିରେ ସୁଧାର ଆସେ ଏବଂ ଅଶୋଧିତ ତୈଳ ଦର ସ୍ଥିର ହୁଏ କିମ୍ବା ତଳକୁ ଖସେ, ତେବେ ମୁଦ୍ରାସ୍ଫୀତିର ଆଶଙ୍କା ଦୂର ହେବ । ଏହା ଫଳରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁଧ ହାର ବୃଦ୍ଧି କରିବାର ସମ୍ଭାବନା କମିଯିବ ଏବଂ ସୁନା ପୁଣିଥରେ ନିବେଶକମାନଙ୍କ ପାଇଁ ଏକ ଆକର୍ଷଣୀୟ ବିକଳ୍ପ ପାଲଟିବ । ଅନ୍ୟପକ୍ଷରେ, ଯଦି ଯୁଦ୍ଧ ଆହୁରି ଭୟଙ୍କର ରୂପ ନିଏ ଏବଂ ତୈଳ ଦର ଆହୁରି ବୃଦ୍ଧି ପାଏ, ତେବେ ବିଶ୍ୱ ଅର୍ଥନୀତି 'ଷ୍ଟାଗଫ୍ଲେସନ୍' ବା ମନ୍ଥର ଅଭିବୃଦ୍ଧି ଏବଂ ଉଚ୍ଚ ମୁଦ୍ରାସ୍ଫୀତିର ଶିକାର ହେବାର ଆଶଙ୍କା ରହିଛି। ଐତିହାସିକ ଦୃଷ୍ଟିକୋଣରୁ ଦେଖିଲେ ଷ୍ଟାଗଫ୍ଲେସନ୍ ସମୟରେ ସୁନା ସର୍ବଦା ଭଲ ପ୍ରଦର୍ଶନ କରିଆସିଛି । ବଜାର ବିଶେଷଜ୍ଞମାନଙ୍କ ମତରେ ବର୍ତ୍ତମାନର ଦର ହ୍ରାସ ଏକ ସାମୟିକ ଏବଂ ସ୍ୱାଭାବିକ ପ୍ରକ୍ରିୟା ମାତ୍ର । କୌଣସି ବି ସମ୍ପତ୍ତିର ମୂଲ୍ୟ କ୍ରମାଗତ ଭାବରେ ବୃଦ୍ଧି ପାଇନଥାଏ; ଏଥିରେ ଉତ୍ଥାନ-ପତନ ଲାଗିରହିବା ସ୍ୱାଭାବିକ। ସ୍ୱଳ୍ପକାଳୀନ ଅବଧିରେ ବଜାରରେ ଅସ୍ଥିରତା ଲାଗିରହିଥିଲେ ମଧ୍ୟ ଦୀର୍ଘକାଳୀନ ଦୃଷ୍ଟିକୋଣରୁ ସୁନାର ମୂଲ୍ୟବୋଧ ଏବଂ ଗୁରୁତ୍ୱ ଅକ୍ଷୁର୍ଣ୍ଣ ରହିଛି । ଭବିଷ୍ୟତରେ ଏହି ମୂଲ୍ୟବାନ ଧାତୁ ନିଶ୍ଚିତ ଭାବରେ ନିଜର ହୃତ ଗୌରବ ଫେରିପାଇବ ଏବଂ ନିବେଶକମାନଙ୍କ ପାଇଁ ଏକ ନିରାପଦ ଓ ଲାଭଦାୟକ ସମ୍ପତ୍ତି ଭାବରେ ନିଜର ସ୍ଥାନ ବଜାୟ ରଖିବ ।

ଧ୍ୱନି ପ୍ରତିଧ୍ୱନି

# ପରିଜା ସାହେବ





## ଅକ୍ଷୟ କୁମାର ରାଉତ

ଯେଉଁ ବିଶ୍ୱବିଖ୍ୟାତ ବୈଜ୍ଞାନିକଗଣ ନିଜର ମହାନ୍ ଅବଦାନ ଦ୍ୱାରା ବିଜ୍ଞାନ ଜଗତକୁ ଋଦ୍ଧିମନ୍ତ କରି ମାନବସମାଜକୁ ବିପୁଳ ଜ୍ଞାନାଲୋକରେ ଉଦ୍ଭାସିତ କରିଯାଇଛନ୍ତି । ସେମାନଙ୍କ ମଧ୍ୟରେ ବାପ ମା' ଛେଉଣ୍ଡ ନିପଟ ମଫସଲ ଗାଁର ଦରିଦ୍ର ଓଡ଼ିଆ ପିଲା ପ୍ରାଣକୃଷ୍ଣ ପରିଜା ନିଜ ଗୋଡରେ ଠିଆ ହୋଇ କ୍ରେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଗବେଷଣାକରି ବିଶ୍ୱବିଖ୍ୟାତ ବୈଜ୍ଞାନିକ ହେବାର ଗୌରବ ଅର୍ଜନ କରିଥିଲେ । ପ୍ରାଣକୃଷ୍ଣ ପରିଜା ଆଦିକବି ଶାରଳା ଦାସଙ୍କ ବଂଶଜ ପରିଡା ବଂଶ ସାରୋଳ ଗ୍ରାମରୁ ଯାଇ ଜଗତ୍‌ସିଂହପୁରର ଖେରସ ଓ ବାଲିକୁଦାର ଇଛାପୁର ଗ୍ରାମରେ ବସତି ସ୍ଥାପନ କରିଥିଲେ । କ୍ରମେ ପରିଡା ବଂଶର ଲୋକେ ପରିଜା ସାଙ୍ଗିଆରେ ପରିଚିତ ହେଲେ ।

୧୮୯୧ ମସିହା ଏପ୍ରିଲ ପହିଲା ତାରିଖଦିନ ପ୍ରାଣକୃଷ୍ଣ ଇଛାପୁର ଗ୍ରାମର ବିଶ୍ୱନାଥ ପରିଜା ଓ ଜୟନ୍ତି ପରିଜାଙ୍କ ପୁତ୍ର ରୂପେ ଜନ୍ମ ଗ୍ରହଣ କରିଥିଲେ। ବିଶ୍ୱନାଥ ପରିଜା ପାଠ ପଢ଼ି ନଥିବାରୁ ମୟୁରଭଞ୍ଜରେ ଫରେଷ୍ଟଗାର୍ଡ ରୂପେ କାର୍ଯ୍ୟ କରୁଥିଲେ । ତେଣୁ ପ୍ରାଣକୃଷ୍ଣ ଗାଁ ଚାହାଳିରେ ନିଜର ପଢ଼ା ଆରମ୍ଭ କରିଥିଲେ। ଦିନଯାକ ଚାହାଳିରେ ପ୍ରାଣକୃଷ୍ଣ ପାଠ ପଢ଼ନ୍ତି ଓ ରାତିରେ ଭାଗବତ ଟୁଙ୍ଗୀରୁ ମହାଭାରତ, ରାମାୟଣ ଓ ଭାଗବତ ଶୁଣନ୍ତି । ଏହି ପୁରାଣର କାହାଣୀଗୁଡିକ ପ୍ରାଣକୃଷ୍ଣଙ୍କ ଉପରେ ବହୁତ ପ୍ରଭାବ ପକାଇଥିଲା । ଚାହାଳି ପାଠ ପଢ଼ା ଶେଷ ହେବାପରେ ତାଙ୍କ ମା ପ୍ରାଣକୃଷ୍ଣଙ୍କୁ ତାଙ୍କର ଧର୍ମ ମଉସା ଉଦୟନାଥ ପାଖକୁ ଚାକିରି ପାଇଁ ପଠାଇଦେଲେ । ମଉସା ଉଦୟନାଥ ଜଗତ୍‌ସିଂହପୁରର ଲାଲବଂଶୀୟ ମାନଙ୍କ ଜମିଦାରୀ ଅଧିନରେ ତହସିଲଦାର ରୂପେ କାର୍ଯ୍ୟ କରୁଥିଲେ । ପ୍ରାଣକୃଷ୍ଣ ଜମୀଦାରୀ କାଗଜପତ୍ର କାମ ସାଙ୍ଗକୁ କଚେରୀରେ କାମ ଶିଖନ୍ତି ଓ ନିଜେ ରୋଷେଇ କରି ଖାଆନ୍ତି । ବାପା ମୟୁରଭଞ୍ଜରୁ ଘରକୁ ଆସି ପ୍ରାଣକୃଷ୍ଣଙ୍କୁ ୧୯୦୧ ମସିହାରେ ବାଲିକୁଦା ମାଇନର ସ୍କୁଲରେ ନାମ ଲେଖାଇ ଦେଲେ । ସେଠାରେ ପ୍ରାଣକୃଷ୍ଣ ମନ ଲଗାଇ ପାଠପଢ଼ିଲେ । ଏହି ସମୟରେ ତାଙ୍କର ପିତା ଆରପାରିକୁ ଚାଲିଗଲେ । ମା ଜୟନ୍ତି ଦେବୀ ସ୍ୱାମୀଙ୍କୁ ଝୁରି ଝୁରି ଆଖି ବୁଜିଦେଲେ । ପ୍ରାଣକୃଷ୍ଣ ହୋଇଗଲେ ଅନାଥ ବାପା ମା ଛେଉଣ୍ଡ ପିଲା । ତାଙ୍କ ବାପାଙ୍କ ଦାଦା ରଘୁନାଥ ପ୍ରାଣକୃଷ୍ଣଙ୍କ ଲାଳନପାଳନ ଓ ପାଠପଢ଼ାର ଦାୟିତ୍ୱ ନେଲେ । ପାଠ ପଢ଼ିବା ପାଇଁ ପ୍ରତିଦିନ ପ୍ରାଣକୃଷ୍ଣଙ୍କୁ ୪ ମାଇଲ ଚାଲିବାକୁ ପଡୁଥିଲା । ୧୯୦୪ ମସିହାରେ ପ୍ରାଣକୃଷ୍ଣ ମଧ୍ୟ ଇଂରାଜୀ ପାଠ ଶେଷ କରିଥିଲେ । ପରୀକ୍ଷାରେ ସାରା ଓଡିଶାରେ ପ୍ରଥମ ହୋଇ ଚାରିଟଙ୍କା ବୃତି ପାଇଲେ । ଆଖପାଖରେ କେଉଁଠି ହାଇସ୍କୁଲ ନଥିବାରୁ ଜେଜେ ପ୍ରାଣକୃଷ୍ଣ ନାମ କଟକ ରେଭେନ୍ସା କଲେଜିଏଟ୍ ସ୍କୁଲର ଲେଖାଇଦେଲେ ।

ଗାଁରୁ କଟକ ଯିବା ଆସିବା କରିବା ପାଇଁ ସେତେବେଳ ବିଶେଷ କିଛି ସୁବିଧା ନଥିଲା । ବିଦ୍ୟାଳୟ ଛୁଟି ହେଲେ ପ୍ରାଣକୃଷ୍ଣ ପ୍ରାୟ ୩୪ ମାଇଲ ବାଟ ଚାଲି ଚାଲି ଆସନ୍ତି ଓ ଯାଆନ୍ତି । ପ୍ରାଣକୃଷ୍ଣ ବାଟୋଇ ମାନଙ୍କ ସହିତ ରାତ୍ରିଯାପନ କରନ୍ତି ଚଟିଘରେ । ସେ ବାବଦକୁ ମାଲିକଙ୍କୁ ଛ' ପଇସା ଦିଅନ୍ତି । ଚଟିଘରେ ଯାତ୍ରୀମାନେ ରୋଷେଇ କରନ୍ତି ଓ ଖିଆପିଆ ସାରି ଶୋଇପଡନ୍ତି । ପ୍ରାଣକୃଷ୍ଣଙ୍କ ଘରଠାରୁ ରେଭେନ୍ସା କଲେଜିଏଟ୍ ସ୍କୁଲ ପର୍ଯ୍ୟନ୍ତ ୬ଟି ଚଟିଘର ଥାଏ ଯାତ୍ରୀଙ୍କ ବିଶ୍ରାମ ନିମନ୍ତେ । ସ୍କୁଲରେ ପଢ଼ିବା ସମୟରେ ପ୍ରାଣକୃଷ୍ଣ ପ୍ୟାଂଟ୍ ବଦଳରେ ତନ୍ତବୁଣା ଖଦୀ ପିନ୍ଧିଥାନ୍ତି ଓ ଚଦରଟିଏ ବେକରେ ପକାଇ ଥାଆନ୍ତି । ବିଦ୍ୟାଳୟରେ ପ୍ରାଣକୃଷ୍ଣଙ୍କ ଏହିପରି ପରିଧାନ ନେଇ ପଣ୍ଡିତ ମହାଶୟ କହିଲେ ତୁ ଦିନେ ବଡ ମଣିଷ ହେବୁ । ଭବିଷ୍ୟତରେ ତାଙ୍କ ପଣ୍ଡିତଙ୍କ କଥା ସତରେ ପରିଣତ ହେଲା । ପତ୍ରପତ୍ରିକାରେ ପ୍ରବନ୍ଧ ଲେଖି ସେ ଚାରିଶହ ଟଙ୍କ ପୁରସ୍କାର ପାଇଥିଲେ । ଏହି ଟଙ୍କାର ମୂଲ୍ୟ ସେତେବେଳେ ଖୁବ୍ ବେଶୀ । ଶେଷରେ ସେ ହାଇସ୍କୁଲ ପରୀକ୍ଷାରେ ସଢ଼ିଶାରେ ପ୍ରଥମ ହୋଇ ପାସ୍ କଲେ । ତେଣୁ ତାଙ୍କୁ ମାସିକ ୨୦ ଟଙ୍କା ସରକାରୀ ବୃତି ମିଳିଲା । ରେଭେନ୍ସା କଲେଜରେ ସେ ଆଇ.ଏସ୍‌ସି ପାସ୍ କଲେ । ରେଭେନ୍ସା କଲେଜରେ ବି.ଏସ୍‌ସି. ନଥିବାରୁ କଲିକତାର ପ୍ରେସିଡେନସି କଲେଜରେ ବି.ଏସ୍‌ସି ପାଠ ପଢ଼ିଲେ । ଚଳିବା ପାଇଁ ଅର୍ଥର ଅବଶ୍ୟକତାରୁ ସେ କଲିକତାରେ ଟିଉସନ୍ କଲେ । ବି.ଏସ୍‌ସି ପାସ୍ ପରେ ଏମ.ଏସ୍‌ସି. ପଢ଼ିଲେ । ପ୍ରାଣକୃଷ୍ଣ ଏମ୍.ଏସ୍.ସି.ରେ ପାସ୍ କରିପାରିଲେ ନାହିଁ। ଏହାଥିଲା ତାଙ୍କ ଜୀବନର ପ୍ରଥମ ବିଫଳତା । ପ୍ରାଣକୃଷ୍ଣ ବିହାର - ଓଡ଼ିଶା ଛାତ୍ରବୃତି ପାଇ ବିଲାତ ପଢ଼ିବାକୁ ଗଲେ। କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କ୍ରାଏଷ୍ଟ କଲେଜରେ ଉଦ୍ଭିଦ ବିଜ୍ଞାନ ପଢ଼ିଲେ । ଉଦ୍ଭିଦ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିବାରୁ ତାଙ୍କୁ ଗବେଷଣା ପାଇଁ ଛାତ୍ରବୃତି ମିଳିଥିଲା ।

ପ୍ରାଣକୃଷ୍ଣ ଅଧ୍ୟାପକ ବ୍ଲାକ୍‌ମ୍ୟାନ୍‌ଙ୍କ ଅଧୀନରେ ଚେରିଲ ପତ୍ର ଉପରେ ଗବେଷଣା କଲେ । ଗଛର ଶ୍ୱାସକ୍ରିୟା ଉପରେ ସେ ଯେଉଁ ନୂଆ ତତ୍ତ୍ୱ ବାହାରକଲେ ତାହା 'ପରିଜା-ବ୍ଲାକ୍‌ମ୍ୟାନ' ଥିଓରି ଭାବେ ପରିଚିତ । ଏହାପରେ ସେ ପୃଥିବୀର ଖ୍ୟାତନାମା ବୈଜ୍ଞାନିକ ହୋଇଗଲେ । ବିଲାତରେ ସାତ ବର୍ଷକାଳ ସାହେବମାନଙ୍କ ମେଳରେ ରହି ସେମାନଙ୍କଠାରୁ ଭଲଗୁଣ ଗ୍ରହଣ କରିଥିଲେ । ଗାଁରୁ ଶିଖିଥିବା ଦୟା, କ୍ଷମା, ସରଳତା ଓ ସାଧୁତା ସାଙ୍ଗରେ ବିଲାତର ଭଲଗୁଣ ଗୁଡିକ ମିଶିଯିବାରୁ ସେ ଏକ ନୂଆ ମଣିଷ ପାଲଟିଗଲେ । ନାମହେଲା 'ପରିଜା ସାହେବ' ।

ପରିଜା ସାହେବ ରେଭେନ୍ସା କଲେଜରେ ଉଦ୍ଭିଦ ବିଜ୍ଞାନରେ ମୁଖ୍ୟ ଅଧ୍ୟାପକ ରୂପେ ଯୋଗଦେଲେ । ତାଙ୍କ ଚେଷ୍ଟାରୁ ରେଭେନ୍ସା କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ସମଗ୍ର ଭାରତବର୍ଷରେ ଗବେଷଣାର କେନ୍ଦ୍ରସ୍ଥଳୀ ପାଲଟିଗଲା । ବିଭିନ୍ନ ପ୍ରକାର ଦଳ ଉପରେ ଗବେଷଣା କରି ସେ ଅନେକ ନୂଆ କଥା ବାହାର କରିଥିଲେ । ମରୁଡ଼ି, ବନ୍ୟା ଓ ଲୁଣିପାଣି ଯୋଗୁଁ ବହୁ ସମୟରେ ଧାନ ଫସଲ ନଷ୍ଟ ହୋଇଯାଇଥାଏ । ଧାନ ଉପରେ ଗବେଷଣାକରି ସେ ବହୁ ନୂଆ ତତ୍ତ୍ୱ ବାହାର କଲେ । ଅଳ୍ପଦିନ ମଧ୍ୟରେ ସେ ପ୍ରଖ୍ୟାତ ବୈଜ୍ଞାନିକ ହୋଇଗଲେ ।

ମହାନ୍ ବୈଜ୍ଞାନିକ ପରିଜା ସାହେବ ବାଲିପାଟଣା ଗାଁର ଗୌରାଙ୍ଗ ଚରଣ କାନୁନ୍‌ଗୋଙ୍କ ବଡ଼ଝିଅ ସୁନ୍ଦରମଣିଙ୍କୁ ବିବାହ କଲେ । ସୁନ୍ଦରମଣି ଅଳ୍ପ ପାଠ ପଢ଼ିଥିବାରୁ ତାଙ୍କୁ ପାଠପଢ଼ାଇ ଠିକ୍ ଓଡ଼ିଆ ଘରର ବୋହୂ ପରି ଗଢ଼ିଦେଲେ । ବାହାରକୁ ଗଲେ ପରିଜା ସାହେବ ଯାଆନ୍ତି ଠିକ୍ ସାହେବ ପରିଧାନରେ କିନ୍ତୁ ସୁନ୍ଦରମଣି ଯାଉଥିଲେ ଖାଂଟି ଓଡ଼ିଆଣୀ ପୋଷାକ ପିନ୍ଧି । ଘରର ଚଳଣି ଓ ଖାଦ୍ୟପେୟ ଠିକ୍ ଓଡିଆର ଦହିପଖାଳ, ଶାଗ, ବଡ଼ି, କାଁପାଣି, ଚକୁଳି, ପିଠା । ସେ କେବେ ନିଜ ଗାଁର ପାଣିପବନ ଓ ଓଡ଼ିଆର ସଂସ୍କୃତି ଓ ପରମ୍ପରାକୁ ଭୁଲନ୍ତି ନାହିଁ ।

ରେଭେନ୍ସା କଲେଜରେ ଅଧ୍ୟାପକରୁ ଅଧ୍ୟକ୍ଷ ପଦ ଅଳଙ୍କୃତ କରିଥିଲେ । ଅଧ୍ୟକ୍ଷ ପଦରୁ ଯାଇ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପଦରେ ବସିଲେ । ବିଭିନ୍ନ ସମୟରେ ସେ କୁଳପତି ରୂପେ ଦୀର୍ଘ ୧୮ ବର୍ଷ କାର୍ଯ୍ୟ କରିଥିଲେ । ବନାରସ 'ହିନ୍ଦୁ' ବିଶ୍ୱବିଦ୍ୟାଳୟର ଉପକୁଳପତି ପଦରେ କିଛି କାଳ କାର୍ଯ୍ୟ କରିଥିଲେ । ସେ କୁଳପତି ପାଇଁ ମନୋନିତ ହୋଇ ମଧ୍ୟ ହୋଇପାରିଲେ ନାହିଁ । କାରଣ ସେ ହିନ୍ଦି ଭାଷାଭାଷୀ ଅଂଚଳର ଲୋକ ନଥିଲେ। ବନାରସରୁ ଫେରି ପରିଜା ସାହେବ ନିଜ ଗାଁ ଇଛାପୁରରେ ରହି ଲୋକମାନଙ୍କର ସୁବିଧା ଓ ଅସୁବିଧା ବୁଝିଲେ । ବାଲିକୁଦାରୁ ସ୍ୱାଧୀନ ପ୍ରାର୍ଥୀ ରୂପେ ଠିଆହୋଇ ବିଜୟ ଲାଭକରି ବିଧାୟକ ହେଲେ । ସଭାସମିତି ହେଉ ବା ଘରକାର୍ଯ୍ୟ ହେଉ ସବୁ କାମରେ ସେ ଥିଲେ ସମୟ ଅନୁବର୍ତ୍ତୀତା । ଠିକ୍ ସମୟରେ ଠିକ୍ କାମ ସର୍ବଦା କରୁଥିଲେ।

ସଦାସର୍ବଦା ପରିଜା ସାହେବ ନିଜ କାମ ନିଜେ କରୁଥିଲେ । ସେ କୌଣସି କାର୍ଯ୍ୟପାଇଁ କାହା ଉପରେ ନିର୍ଭର କରୁନଥିଲେ । ଜଣେ ବୈଜ୍ଞାନିକ ହେଲେ ବି ରାମାୟଣ, ମହାଭାରତ, ଭାଗବତ ଆଦି ବିଭିନ୍ନ ପୁରାଣ ଓ ଇତିହାସ ପାଠ କରୁଥିଲେ । ସେ ଥିଲେ ଜ୍ଞାନର ପ୍ରତୀକ। ସେ ମେଧାବୀ ଛାତ୍ରମାନଙ୍କୁ ନିଜ ଦରମାରୁ ସାହାଯ୍ୟ କରୁଥିଲେ । କୌଣସି ଛାତ୍ର ଅସୁବିଧାରେ ପଡ଼ିଲେ ପରିଜା ସାହେବ ସାହାଯ୍ୟ କରୁଥିଲେ।

ନିଜ ଦେହ କଥା ପଛକୁ ରଖି କର୍ତ୍ତବ୍ୟକୁ ସେ ପ୍ରଥମ ସ୍ଥାନ ଦେଉଥିଲେ। ତାଙ୍କର ସହକର୍ମୀ ତଥା ବନ୍ଧୁମାନେ ସେଥିପାଇଁ ଭାବନ୍ତି ପରିଜା ସାହେବ ମଣିଷ ନା ଦେବତା । ସେ କୁଳପତି ପଦବୀଠାରୁ ପଦ୍ମଭୂଷଣ ଉପାଧି ଯାଏଁ ଅନେକ ସମ୍ମାନ ପାଇଛନ୍ତି । ସେଥିରେ ପ୍ରଥମ ଓଡ଼ିଆ ଯେ ଭାରତୀୟ ବିଜ୍ଞାନ କଂଗ୍ରେସର ସଭାପତି ପଦ ମଣ୍ଡନ କରିଥିଲେ ।

ଆଗେ ତ ସୁନ୍ଦରମଣି ଯାଇଥିଲେ ତାପରେ ସେହି ମହାନ୍ ବୈଜ୍ଞାନିକ ୧୯୭୯ ମସିହା ଜୁନ୍ ମାସ ୨ ତାରିଖରେ ଶୁକ୍ରବାର ସକାଳ ୧୧.୫୫ ମିନିଟ୍‌ରେ ଚିରନିଦ୍ରାରେ ଶୋଇଗଲେ।

+ପାରାଦ୍ୱୀପଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ - ୯୯୩୭୬୯୧୪୭୫

# ଉତ୍କଳ ଦିବସର ଅନୁଚିନ୍ତା



## ଅଲେଖ ଚନ୍ଦ୍ର ସାମଲ

୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ସ୍ୱରୂପ ଆତ୍ମପ୍ରକାଶ କଲା। ଉତ୍କଳ ଦିବସ ନାମରେ ପରିଚିତ ଏପ୍ରିଲ ପହିଲା ହେଉଛି ଓଡ଼ିଆ ଜାତୀୟ ଜୀବନର ଅନେକ ସ୍ମୃତିକୁ ବହନ କରିଥିବା ଏକ ଐତିହାସିକ ଦିନ। ଆଜି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପୂର୍ତ୍ତି ଦିବସ। ବର୍ତ୍ତମାନ ୩୦ଟି ଜିଲ୍ଲାକୁ ନେଇ ଓଡ଼ିଶାର କ୍ଷେତ୍ରଫଳ ୧,୫୫,୭୦୭ ବର୍ଗ କିଲୋମିଟର। ଏହା ସତ୍ତ୍ୱେ ଆଜି ମଧ୍ୟ ବହୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଯଥା ଝାଡ଼ଖଣ୍ଡର ମେଦିନୀପୁର, ଦାନ୍ତୁନ, ସିଂହଭୂମ, ବୀରଭୂମି, ରାଞ୍ଚି, ଷେଢ଼ଇକଳା ଓ ଖରସୁଆଁ ଆଦି ଓ ଛତିଶଗଡ଼ର ସରିଆ, ଚନ୍ଦ୍ରପୁର, ସୁରେଇପାଲି, ବାସନା ଆଦି ବହୁ ନିରୋଳା ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବିଚ୍ଛିନ୍ନାଞ୍ଚଳ ହୋଇ ରହିଯାଇଛି। ଏବେ ମଧ୍ୟ ସେସବୁ ଅଞ୍ଚଳରେ ପ୍ରାୟ ୭୦ ଲକ୍ଷ ଲୋକ ଭାଇଚାରା ସହ ସମୟ ଅତିବାହିତ କରୁଥିଲେ ମଧ୍ୟ ଓଡ଼ିଆ ଭାଷା ଓ ସଂସ୍କୃତିକୁ ବଞ୍ଚାଇରଖି ଜଗନ୍ନାଥ ଦାସଙ୍କ ଭାଗବତ ପଢୁଛନ୍ତି, ରଜପର୍ବ ପାଳନ କରୁଛନ୍ତି, କୁମାରୀ ଝିଅମାନେ ଭାଇମାନଙ୍କ ମଙ୍ଗଳ କାମନା କରି ଖୁଦୁରୁକୁଣୀ ଓଷା କରୁଛନ୍ତି, ଘୋଡ଼ାନାଚ, ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟରେ ନିଜକୁ ହଜାଇ ଦେଇ ଓଡ଼ିଆ ଭାଷା ଓ ସଂସ୍କୃତିର ଚିହ୍ନକୁ ଏପର୍ଯ୍ୟନ୍ତ ମଧ୍ୟ ଅକ୍ଷୁର୍ଣ୍ଣ ରଖିଛନ୍ତି। ତଥାପି ଆଜି ଅତୀତ ଉତ୍କଳର ସେ ଗୌରବମୟ ଇତିହାସ କଥା ମନେପଡ଼େ।

୧୮୦୩ ମସିହାରେ ବ୍ରିଟିଶମାନେ ମରହଟ୍ଟାଙ୍କଠାରୁ ଓଡ଼ିଶାର ଶାସନଭାର ଗ୍ରହଣ କଲେ। ଦୃଷ୍ଟିରୁ କେବଳ ଅବିଭକ୍ତ କଟକ, ପୁରୀ ଓ ବାଲେଶ୍ୱରକୁ ନିଜ ଶାସନାଧୀନରେ ରଖି ଦେଶୀୟ ରାଜ୍ୟମାନଙ୍କ ସହ ସ୍ୱତନ୍ତ୍ର ଚୁକ୍ତି କରିଥିଲେ। ଫଳତଃ ଓଡ଼ିଶାର ବିଭକ୍ତିକରଣ ପୂର୍ଣ୍ଣତା ଲାଭ କରିଥିଲା। ପରବର୍ତ୍ତୀ ସମୟରେ ବ୍ରିଟିଶମାନେ କଳାହାଣ୍ଡି, ପାଟଣା, ସୋନପୁର, ସମ୍ବଲପୁର ଓ ବାମଣ୍ଡା ରାଜ୍ୟ ସମୂହକୁ ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ କରିଦେଲେ। ଉପରୋକ୍ତ ବିଭକ୍ତିକରଣ ଦ୍ୱାରା ଓଡ଼ିଆମାନେ ସୁଦୂର କଲକାତା, ମାନ୍ଦ୍ରାଜ ଓ ନାଗପୁର ଠାରୁ ଶାସିତ ବୃହତ୍ ପ୍ରଦେଶଗୁଡ଼ିକରେ ସଂଖ୍ୟାନ୍ୟୁନ ହୋଇଗଲେ। ଆମେ ଭୁଲିଗଲୁ ଆମ ଦାମ୍ଭିକତା ଓ ସ୍ୱାଭିମାନ। ଆଫଗାନ, ମୁସଲମାନ, ମରହଟ୍ଟା ଓ ଇଂରେଜ ଶାସନ ସମୟରେ ଏ ଜାତି କିଳବିଳ ହୋଇଯାଇଛି। ଅନେକ ସ୍ୱପ୍ନ ଓ ପ୍ରତାରଣାକୁ ପଥେୟ କରି ଆମକୁ ଦୀର୍ଘଦିନ ଧରି ଅପେକ୍ଷା କରିବାକୁ ପଡ଼ିଛି। ଓଡ଼ିଶାର ବିଭକ୍ତିକରଣ ଫଳରେ ପ୍ରାଦେଶିକ ସରକାରମାନେ ଓଡ଼ିଆ ଲୋକଙ୍କ ସ୍ୱାର୍ଥରକ୍ଷା ପାଇଁ ଉଦାସୀନ ହେଲେ। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଉନ୍ନବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଚକ୍ରାନ୍ତକରି ସମୃଦ୍ଧ ଥିବା ଓଡ଼ିଆ ଭାଷାକୁ ସରକାରୀ ଦପ୍ତର, କଚେରି ଓ ବିଦ୍ୟାଳୟମାନଙ୍କୁ ବିଲୋପ କରାଗଲା। ସୁତରାଂ ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଯଥାକ୍ରମେ ହିନ୍ଦୀ, ତେଲଗୁ ଓ ବଙ୍ଗଳା ଭାଷାର ପ୍ରଚଳନ ହେଲା। ପ୍ରଥମେ ମେଦିନୀପୁର ଓ ବାଙ୍କୁଡ଼ା ଅଞ୍ଚଳରୁ ୧୮୫୦ ମସିହାରୁ ୧୮୭୦ ମସିହା ମଧ୍ୟରେ ପ୍ରାୟ ୨୦ ବର୍ଷ ଭିତରେ ଓଡ଼ିଆ ଭାଷାକୁ ସମ୍ପୂର୍ଣ୍ଣ ରୂପେ ବିଲୋପ କରିଦିଆଗଲା। ଏଥିରେ କୃତକାର୍ଯ୍ୟ ହେବାରୁ ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଆ ଭାଷାକୁ ବିଲୋପ କରିବା ନିମନ୍ତେ ବିଧିବଦ୍ଧ ଉଦ୍ୟମ ହେଲା। ଏ ଦିଗରେ ସର୍ବପ୍ରଥମେ ନେତୃତ୍ୱ ନେଲେ ରାଜେନ୍ଦ୍ରଲାଲ ମିତ୍ର। ନିଆଁରେ ଘିଅ ଢ଼ାଳିଲା ଭଳି ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ କାନ୍ତି ଭଟ୍ଟାଚାର୍ଯ୍ୟ। ସେ କହିଲେ, ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ। ଫକିରମୋହନ ସେନାପତି, ରାଧାନାଥ ରାୟ, ଗୌରୀଶଙ୍କର ରାୟ ପ୍ରମୁଖ ଓଡ଼ିଆ ଭାଷାର ପ୍ରାଚୀନତା ଓ ସ୍ୱତନ୍ତ୍ରତାର ପ୍ରମାଣ ଦେବା ପାଇଁ ପୁରୁଣା ତାଳପତ୍ର ପୋଥି ଉପସ୍ଥାପନ କଲେ।

ଭାଷା ଆନ୍ଦୋଳନରୁ ଓଡ଼ିଆ ଜାତୀୟତାର ଜନ୍ମ। ଏହିଠାରୁ ହିଁ ଜନ୍ମ ନେଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ବିଧିବଦ୍ଧ ଉଦ୍ୟମ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସବୁଶ୍ରେଣୀର ବ୍ୟକ୍ତି ଏବଂ ବିଭିନ୍ନ ପ୍ରଦଶେରେ ଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଲୋକମାନଙ୍କ ଦୀର୍ଘଦିନର ତପସ୍ୟା ଓ ସଂଗ୍ରାମର ଫଳ। ଏଥିରେ ବିଦ୍ୟମାନ ବିଭିନ୍ନ ସଂଗଠନ, ପତ୍ରପତ୍ରିକା, ବୁଦ୍ଧିଜୀବୀ, ସାହିତ୍ୟ ସାଧକ, ଜନନେତା, ରାଜା ଓ ଜମିଦାରଙ୍କ ଠାରୁ ଆରମ୍ଭ କରି ସାଧାରଣ ପ୍ରଜା ଓ ଉତ୍କଳ ହିତୈଷୀ, ଇଂରେଜ ପ୍ରଶାସକ ଏବଂ ବିଭିନ୍ନ ଅଣଓଡ଼ିଆ ବ୍ୟକ୍ତିବିଶେଷଙ୍କ ମହତ୍ତ୍ୱପୂର୍ଣ୍ଣ ଅବଦାନ। ମଧୁସୂଦନ ଦାସ ଓଡ଼ିଆ ଜାତୀୟତାର ଜନକ। ସେ ମୁମୂର୍ଷୁ ଓଡ଼ିଆ ପ୍ରାଣରେ ଭରିଦେଇଗଲେ ଜାତିପ୍ରେମ ବହ୍ନି। ଆଜି ଉତ୍କଳ ଦିବସ ପାଳନ ଅବସରରେ ସେହି ମହାପୁରୁଷଙ୍କ ସ୍ମୃତିଚାରଣ କରିବା ଓ ଆମ ଭାଷାକୁ ନେଇ ସ୍ୱାଭିମାନୀ ହେବାକୁ ପଡ଼ିବ। ସ୍ୱାଭିମାନୀ ଓଡ଼ିଆଙ୍କ ପାଇଁ ଭାଷା ଏକ ଆତ୍ମପରିଚୟ। ବିଦେଶୀମାନେ ଏ ରାଜ୍ୟକୁ ଓ ଭାଷାକୁ ଚିହ୍ନି ନଥିଲେ। ଏବେ ସୁଦ୍ଧା ଶାସ୍ତ୍ରୀୟମାନ୍ୟତା ଲାଭ କରିଥିବା ଭାଷା ମଧ୍ୟରେ ସଂସ୍କୃତକୁ ଛାଡ଼ି ଅନ୍ୟ ଚାରୋଟି ଭାଷା ହେଉଛି ଦ୍ରାବିଡ଼ ପରିବାରର ଭାଷା। ଭାରତବର୍ଷରେ ମୁଖ୍ୟତଃ ତିନୋଟି ବଡ଼ ଭାଷା ପରିବାର ଅଛି। ଗୋଟିଏ ସଂସ୍କୃତ ଭାଷା ପରିବାର, ଗୋଟିଏ ଦ୍ରାବିଡ଼ ଭାଷା ପରିବାର ଓ ଅନ୍ୟଟି ଅଷ୍ଟ୍ରିକ ଭାଷା ପରିବାର। ପ୍ରଥମ ଭାଷା ପରିବାରର ଭାଷା ଭାବେ ଓଡ଼ିଆ ପରିଚିତ। ଆମ ପୂର୍ବସୂରୀଙ୍କ କଥା ଓ ଗାଥା ଯେତେ ବଖାଣିଲେ ମଧ୍ୟ ଅସରା ଲାଗେ। ସେମାନେ ଥିଲେ ବୀର, ଯୋଦ୍ଧା ଓ ସାହସୀ, ଯାହା କଳିଙ୍ଗ ଯୁଦ୍ଧ ଓ ପାଇକ ବିଦ୍ରୋହରୁ ଇତିହାସ ପ୍ରମାଣ କରେ। ରାଜାରାଜୁଡ଼ା ଶାସନ କାଳେ ବହୁ ବ୍ୟକ୍ତିଙ୍କ ପାଣ୍ଡିତ୍ୟ ଓଡ଼ିଆ ଜାତିକୁ ସ୍ୱତନ୍ତ୍ର ପରିଚୟ ଦେବା ସଙ୍ଗେ ସଙ୍ଗେ ଆମ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ଯଦି ସାରଳା ଦାସ, ଫକିରମୋହନ ସେନାପତି, ମଧୁସୂଦନ ଦାସ ଓ ଗୋପବନ୍ଧୁ ଦାସଙ୍କ ପରି ବ୍ୟକ୍ତିତ୍ୱ ନଥାନ୍ତେ, ତାହେଲେ ଓଡ଼ିଆଙ୍କ ପରିଚୟ ଆଜି କ'ଣ ହୋଇଥାନ୍ତା, ତାହା ସହଜରେ ଅନୁମେୟ। ଆଜି ଉତ୍କଳ ଦିବସ ପରିପ୍ରେକ୍ଷୀରେ ଏହା ସାରା ଓଡ଼ିଶାବାସୀଙ୍କ ଚିନ୍ତନ ହେବା ବିଧେୟ।

+ପୂର୍ବତନ ଡିଏଫଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ: ୯୪୩୭୨୫୭୧୨୩




## ଓଡ଼ିଶା

### ପତିତପାବନ ଗିରି



ଓଡ଼ିଶା
ମୋ ମାଆ ଓଠରେ ପ୍ରାଣମୟ ଭାଷା
ଅନୁଭବ ଓ ଅଭିବ୍ୟକ୍ତିରେ
ଯିଏ ମେହେସୁସ୍ କରିଦିଏ
ଜୀବନ ବଂଚିବାର ନୂଆ ଆଶା !
ଓଡ଼ିଶା,
ସୁଖରେ ସ୍ୱପ୍ନରେ, ସ୍ନେହ ଶ୍ରଦ୍ଧାରେ
ଯିଏ ଭେଟି ଦିଏ
ଭିନ୍ନ ଭିନ୍ନ ଋତୁରେ
ନୂଆ ନୂଆ ଭାବଧାରା !

ଓଡ଼ିଶା,
ଶ୍ରୀ ଜଗନ୍ନାଥଙ୍କ ଦିବ୍ୟଭାବ ଧାରା
ଯାର ଛୋଟବଡ଼ ଆଲିଙ୍ଗନରେ
ସମସ୍ତଙ୍କୁ ଭେଟି ହୁଏ
ଜନ୍ମ ଜନ୍ମାନ୍ତର ବ୍ୟାପି
ଖୋଜୁଥିବା ଠିକଣା !
ଓଡ଼ିଶା,
ଅସରାଏ ବର୍ଷା ପରେ ପୁଣି
ଟାଇଁ ଟାଇଁ ଖରା
ପୁଣି ହଳଦିଆ ସୋରିଷ କିଆରିରେ
କେତେବେଳେ ଟପ୍‌ଟପ୍ ଝରୁଥିବା
ମିଠା ମିଠା ଜ୍ୟୋତ୍ସ୍ନା
ଗହଳ ତରୁ ଲତାରେ
ବିନ୍ଦୁ ବିନ୍ଦୁ ବସନ୍ତର
କୁହୁ କାକଳି ଭରା ଖରା
ଦୁଃସାଧ୍ୟ ଗ୍ରୀଷ୍ମ ଝାଞ୍ଜିରେ
ଆଉ କାହା ଛାଇ ତଳେ
ଠିଆ ହେବା ଆଶ୍ରା !

ଓଡ଼ିଶା,
ପଲିଥିନ୍ ବ୍ୟାଗ୍‌ରେ
ବିକ୍ରି ହେଉଥିବା ତରଭୁଜ,
କାକୁଡ଼ି, ଲଙ୍କା
ସିନ୍ଦୂରା ଫାଟିବା ଆଗରୁ ତତଲା କଡ଼ାରୁ
ଛଣା ହେଉଥିବା ଆଳୁଚପ୍,
ପକୁଡ଼ି, ବରା !

ଓଡ଼ିଶା,
ଆଉ ଏକ ଜନ୍ମରେ ଭେଟ ହେବା
ପ୍ରତିଶ୍ରୁତି ଦେଇ
କାହାକୁ ଖୋଜୁଥିବ କୋଣାର୍କ କି
ଚନ୍ଦ୍ରଭାଗା !

ଓଡ଼ିଶା,
ଅବାଂଛିତ ଭାଗ୍ୟ ମଝିରେ
ସୁଖ ଦୁଃଖର ସଂସାର ଖୋଜୁଥିବା
ସଂନ୍ଧ୍ୟା ତାରା !
ଓଡ଼ିଶା,
ଓଡ଼ିଶୀ ନାଚ- ଚମ୍ପୁ ଛନ୍ଦରେ
ନାଚୁ ନାଚୁ ମନ୍ଦିରା ଗାତ୍ରରେ
ପଥର ପାଲଟିଥିବା
ପ୍ରୋଷିତ ଭର୍ତ୍ତୃକା ନାୟିକାର
ତଥାସ୍ତୁ ମୁଦ୍ରା !
ଓଡ଼ିଶା,
ଦୟାନଦୀ କୂଳରେ ହାତରୁ
ତରବାରୀ ଓ ଢାଲ
ଓହ୍ଲାଇ ଦେଇଥିବା
ବୀର ଯୋଦ୍ଧାଙ୍କ ଶକ୍ତି-ଅହିଂସାର
ବିଶ୍ୱ ବିଜୟୀ ବାର୍ତ୍ତା !

ଓଡ଼ିଶା,
ସବାରୀରେ ବସି
ଶତ୍ରୁ ସୈନ୍ୟଙ୍କ ରଣସଜ୍ଜା କ୍ଷମତାକୁ
କାବୁ କରିଥିବା ବୀରାଙ୍ଗନା !
ଓଡ଼ିଶା,
ଦୁଃଖ ଦୁନିଆଁରେ ଅର୍ଗଳି ଡେଇଁ
ଦେହ ମନକୁ ଛୁଇଁ
ରଙ୍ଗ ଖେଳୁଥିବା ମଳୟର ଯାତ୍ରା ନିଶା !

ଓଡ଼ିଶା,
ଅସନା ଖଙ୍କାର ମାଛି ମୁହଁ
ଲୁହ ଲେଞ୍ଜରା ବୁଢ଼ା
ଜାଲୁ ଜାଲୁଆ ଦିଶୁଥିବା ଆଖିରେ
ସୁଭଦ୍ରା ଟଙ୍କାର ନୂଆ ଆଶା !
ଓଡ଼ିଶା,
କଳିଙ୍ଗ ନଗର-
ପାରାଦ୍ୱୀପ- ରାଉରକେଲା କି
ନିୟମଗିରି- କେସିଙ୍ଗା- ଟିକାବାଲିରେ
ମମତା ଖୋଜୁଥିବା ମାନବିକତା
କାରଖାନାର ଦୂଷିତ ଲାଂଛନାରେ
ମହମହ ମହକି ଉଠୁଥିବା
ଟଗର, ମନ୍ଦାର, ମଲ୍ଲୀ, ଚମ୍ପା
ଅଶୋକ କି ଅପରାଜିତା !

ଓଡ଼ିଶା,
ଅନ୍ଧାର ସାଥୀରେ କି
ଆଲୁଅ ପ୍ରତିପକ୍ଷରେ
ସହଭାଗିତାରେ ବି ସବୁକିଛି ସୁଖଦୁଃଖ
ନିଜର କରିନେବା
ପ୍ରତିଟି ସହୃଦୟତା
ଏକବଳା ଏକ ଦକ୍ଷତା !

ଓଡ଼ିଶା,
ନିଆଁ- ପାଣି- ତୋଫାନର
ଫୁଟାଣିକୁ ଡରୁନଥିବା ହୁଲି ଡଙ୍ଗା !
ଓଡ଼ିଶା,
ଛପନ ପଉଟି ଭୋଗଖିଆ ଠାକୁରଙ୍କ
ରାମାୟଣ ମହାଭାରତ
ଭାଗବତ ଗୀତା !

+କରଂଜିଆ, ମୟୂରଭଞ୍ଜ

# ୯୦ ବର୍ଷରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ

ଡ଼ଃ.ଅରୁନ୍ଧତୀ ଦେବୀ



ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ଆଜି ଅଶାନବେ ପୁରି ନବେ ଚାଲିଲା । ପ୍ରାୟ ପାଞ୍ଚ ଶହ ବର୍ଷ ସୀମାହୀନ, ଜାତିହୀନ ଓ ଭାଷାହୀନ ଅବସ୍ଥାରେ ଖଣ୍ଡ-ବିଖଣ୍ଡିତ ହୋଇ ରହିବା ପରେ ଏହି ଦିନରେ ଓଡ଼ିଶା ଏକତ୍ର ହୋଇଥିଲା । ଏକଦା ନିଜର କଳା-ସଂସ୍କୃତି, ଭାଷା-ସାହିତ୍ୟ, ବାଣିଜ୍ୟ-ବ୍ୟବସାୟ ଓ ସାମାଜିକ-ସାମରିକ ପରମ୍ପରା ପାଇଁ ଓଡ଼ିଆ ଜାତି ବିଶେଷ ଭାବେ ପରିଚିତ ଥିଲା ଏପରିକି ସାତ ସମୁଦ୍ର ସେପାରିରେ । କ୍ରମେ ଏକାଧିକ କାରଣରୁ ପ୍ରଥମେ ଏହାର ସ୍ୱାଧୀନତା ଏବଂ ପରେ ଆଞ୍ଚଳିକ ସଂହତି, ଭାଷା ଓ ସଂସ୍କୃତି ଆଦି ସବୁକିଛି ବିପନ୍ନ ହୋଇଥିଲା । ଶାସନର ଆଳରେ ତତ୍କାଳୀନ ବ୍ରିଟିଶ ସରକାର ଏହାକୁ ଖଣ୍ଡ-ବିଖଣ୍ଡିତ କରିଦେଇଥିଲେ । ପ୍ରଭାବଶାଳୀ ପଡ଼ୋଶୀଙ୍କ ଦ୍ୱାରା ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନ ଚକ୍ରାନ୍ତର ଶିକାର ହେଲା । ଓଡ଼ିଆ ଭାଷାର ଅସ୍ତିତ୍ୱ ବିପନ୍ନ ହୋଇପଡ଼ିଥିଲା । ଏପରିକି ଜନୈକ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ପ୍ରକାଶ୍ୟରେ ମତ ଦେଇଥିଲେ, 'ଓଡ଼ିଆ ଏକଟା ସ୍ୱତନ୍ତ୍ର ଭାଷା ନଏ' । କିନ୍ତୁ ଏହି ମନ୍ତବ୍ୟ ଓଡ଼ିଆ ଭାଷା ଆନ୍ଦୋଳନକୁ କେବଳ ଇନ୍ଧନ ଯୋଗାଇ ନଥିଲା ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନକୁ ମଧ୍ୟ ତ୍ୱରାନ୍ୱିତ କରିଥିଲା । ସ୍ୱତନ୍ତ୍ର ପ୍ରଦେଶ ଗଠନର ମୂଳଦୁଆ ପକାଇଥିଲେ ଓଡ଼ିଆ ଜାତୀୟତାର ପିତାମହ କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସ । ଏହି ଆନ୍ଦୋଳନର ଅନ୍ୟ ମହାରଥୀମାନେ ହେଲେ ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ବ୍ୟାସକବି ଫକୀର ମୋହନ ସେନାପତି, ପଣ୍ଡିତ ନୀଳକଣ୍ଠ ଦାଶ, କବିବର ରାଧାନାଥ ରାୟ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ, ସ୍ୱଭାବ କବି ଗଙ୍ଗାଧର ମେହେର, ବିଚିତ୍ରାନନ୍ଦ ଦାସ, କର୍ମବୀର ଗୌରୀଶଙ୍କର ରାୟ ଓ ହରିହର ମର୍ଦ୍ଦରାଜ ଦେବ । ଦୀର୍ଘ ଆନ୍ଦୋଳନ ପରେ ସେମାନଙ୍କର ତ୍ୟାଗ ଓ ନିଷ୍ଠାର ସୁଫଳ ସ୍ୱରୂପ ୧୯୩୬ ଏପ୍ରିଲ ପହିଲା ଦିନ ଭାରତର ପ୍ରଥମ ଭାଷା-ଭିତ୍ତିକ ରାଜ୍ୟ ଭାବେ ମାନ୍ୟତା ପାଇଥିଲା ଓଡ଼ିଶା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନେଇ କିଛି ପ୍ରମୁଖ ଘଟନାକ୍ରମ ଓ ପ୍ରମୁଖ ବ୍ୟକ୍ତିଙ୍କ ଅବଦାନ ସଂପର୍କରେ ଏହି ବିଶେଷ ଉପସ୍ଥାପନା ।

ମୁଖ୍ୟ ସ୍ଥପତି କୁଳବୃଦ୍ଧ ମଧୁସୂଦନ : ଉତ୍କଳ ଗୌରବ ମଧୁସୂଦର ଥିଲେ ଓଡ଼ିଆ ଜାତୀୟତାର ପ୍ରମୁଖ ମନ୍ତ୍ରଦାତା । ସ୍ୱତନ୍ତ୍ର ଉତ୍କଳ ଗଠନରେ ତାଙ୍କର ଭୂମିକା କୌଣସି ପ୍ରକୃତ ଓଡ଼ିଆ ପକ୍ଷେ କେବେ ହେଁ ଭୁଲିବା ପରି ନୁହେଁ । ତାଙ୍କର ନିଷ୍ଠାପୂର୍ଣ୍ଣ କାର୍ଯ୍ୟଧାରା, ତ୍ୟାଗ, ବିଚକ୍ଷଣ ଚିନ୍ତାଧାରା ଓ ଅନ୍ତହୀନ ଜାତିପ୍ରୀତି ଅବିସ୍ମରଣୀୟ । ତାଙ୍କ ଚିନ୍ତାଚେତନାକୁ ସଦା ସର୍ବଦା ଆଚ୍ଛାଦିତ କରିରଖିଥିଲା ମୁଖ୍ୟତଃ ଦୁଇଟି ପ୍ରସଙ୍ଗ ଓଡ଼ିଶା ଏବଂ ଓଡ଼ିଆ । ଜାତିଗଠନ ଦିଗରେ ଓଡ଼ିଶାବାସୀଙ୍କୁ ଅନୁପ୍ରାଣୀତ କରିବା ପାଇଁ କବିତା ଲେଖୁଥିବା ମଧୁବାବୁ ସର୍ବଦା କହୁଥିଲେ, ଜାତି ହେଉଛି ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପରି ବିରାଟ ଓ ମହାନ୍ । ଜାତିରୂପକ ନନ୍ଦିଘୋଷକୁ ଆଗକୁ ନେବା ପାଇଁ ସମସ୍ତେ ନିଃସ୍ୱାର୍ଥପର ଭାବେ ଏକ ମନ ଏକ ପ୍ରାଣ ହୋଇ କାର୍ଯ୍ୟ କରିଚାଲିବା ଏକାନ୍ତ ଆବଶ୍ୟକ ।



ପ୍ରଥମ ସ୍ମାରକ - ପତ୍ର : ସାର୍ ଷ୍ଟାଫୋର୍ଡ଼ଙ୍କ ଗସ୍ତର ପ୍ରାୟ ଏକ ଦଶନ୍ଧି ପରେ ବଙ୍ଗଳା ପ୍ରେସିଡେନ୍ସିର ଲେଫଟନାଣ୍ଟ ଗଭର୍ନର ଓଡ଼ିଶା ଗ୍ରସ୍ତ କରିଥିଲେ । ସେ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କୁ ବିଧିବଦ୍ଧ ଭାବେ ଏକତ୍ର କରିବା ପାଇଁ କୌଣସି ରାଜନୈତିକ ମଞ୍ଚ ଗଠିତ ହେଇ ନଥିଲା; ଓଡ଼ିଶାବାସୀ ମଧ୍ୟ ନିଜର ଅଧିକାର ସଂପର୍କରେ ସଚେତନ ନଥିଲେ । ସେତେବେଳେ ବାଲେଶ୍ୱରର ରାଜା ଶ୍ୟାମାନନ୍ଦ ଦେ ଏବଂ ଜାତିପ୍ରେମୀ ବିଚିତ୍ରାନନ୍ଦ ଦାସ ଗଭର୍ଣ୍ଣରଙ୍କୁ ସାକ୍ଷାତ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିଗରେ ପଦକ୍ଷେପ ନେବା ପାଇଁ ଏକ ସ୍ମାରକ ପତ୍ର ଦେଇଥିଲେ । ଓଡ଼ିଆଙ୍କ ପକ୍ଷରୁ ସେହି ଦିଗରେ ତାହା ହିଁ ପ୍ରଥମ ଦାବି ପତ୍ର । ତାହା ୧୮୭୫ ମସିହା କଥା ।

ନ'ଅଙ୍କ ପୃଷ୍ଠ ଭୂମିରେ ଷ୍ଟାଫୋର୍ଡ଼ଙ୍କ ପ୍ରସ୍ତାବ : ୧୮୦୩ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡ଼ିଶା ଦଖଲ କରିଥିଲା । ସେତେବେଳକୁ ଭାରତର ଅଧିକାଂଶ ଅଞ୍ଚଳ କମ୍ପାନୀ ଅଧିକାରରେ ଥିଲା । ତେବେ ଭାଷା ଭିତ୍ତିରେ ଭାରତକୁ ଅଲଗା ଅଲଗା ପ୍ରଦେଶରେ ବିଭକ୍ତ କରି କମ୍ପାନୀ କର୍ତ୍ତୃପକ୍ଷ ଶାସନ କରୁନଥିଲେ । ବହୁ ଭାଷାଭାଷୀ ଏକାଧିକ ବଡ଼ ବଡ଼ ଅଞ୍ଚଳକୁ ମିଶାଇ ସେମାନେ ଗଠନ କରିଥିଲେ ଗୁଡ଼ିଏ ପ୍ରେସିଡେନ୍ସି । ଓଡ଼ିଶାକୁ ସଂପୂର୍ଣ୍ଣ ଦଖଲ କରିବା ପରେ, ତାହାକୁ ଭାଗ ଭାଗ କରି ଏକାଧିକ ପ୍ରେସିଡେନ୍ସି ସହ ମିଶାଇ ଦିଆଯାଇଥିଲା । ମୁଖ୍ୟ ଉପକୂଳବର୍ତ୍ତୀ ଅଞ୍ଚଳ ଅର୍ଥାତ୍ କଟକ, ପୁରୀ ଏବଂ ବାଲେଶ୍ୱରକୁ ବଙ୍ଗଳା ପ୍ରେସିଡେନ୍ସି ଅନ୍ତର୍ଭୁକ୍ତ କରାଯାଇଥିଲା । ସେହିପରି ସମ୍ବଲପୁର ସମେତ ପଶ୍ଚିମାଞ୍ଚଳର ବ୍ୟାପକ ଅଂଶକୁ ମଧ୍ୟପ୍ରଦେଶ ସହ ଓ ଅନ୍ୟ ଉପକୂଳବର୍ତ୍ତୀ ଅଞ୍ଚଳ ଗଞ୍ଜାମକୁ ସାମିଲ କରାଯାଇଥିଲା । ମାନ୍ଦ୍ରାଜ ପ୍ରେସିଡ଼େନସିରେ ଏବଂ ସେଥି ସହିତ ଓଡ଼ିଶା ପ୍ରଥମ ଥର ପାଇଁ ଖଣ୍ଡ ବିଖଣ୍ଡିତ ହୋଇଥିଲା । ସେତେବେଳେ ଓଡ଼ିଶା ବସ୍ତୁତଃ ପରିଚାଳିତ ହେଉଥିଲା ସୁଦୂର କଲିକତାରୁ । ଓଡ଼ିଶାବାସୀଙ୍କ ଅଗୋଚରରେ ଏଠାକାର ଜମି-ବାଡ଼ି ନିଲାମ ହେଇଯାଉଥିଲା କଲିକତାରେ ଏବଂ ବଙ୍ଗୀୟ ଜମିଦାରମାନେ ଏଠାରେ ପ୍ରଭାବ ବିସ୍ତାର କରିବାକୁ ଆରମ୍ଭ କରିଥିଲେ । ଏହାର କୁ-ପରିଣାମ ସ୍ୱରୂପ ଓଡ଼ିଶା ନିଜର ଅସ୍ତିତ୍ୱ ହରାଇ କ୍ରମେ ପରିଣତ ହୋଇଥିଲା ଏକ ଦରିଦ୍ର ଅଞ୍ଚଳରେ ସାମାଜିକ ଓ ସାଂସ୍କୃତିକ ଅବକ୍ଷୟ ମଧ୍ୟ ଦେଖାଦେଇଥିଲା ।

ଓଡ଼ିଶା ମିଶ୍ରଣରେ ଓଡ଼ିଆ ଭାଷା : ଉତ୍କଳ, କଳିଙ୍ଗ ଏବଂ ଉଡ୍ର ଭଳି ବିଭିନ୍ନ ନାମରେ ବିଭିନ୍ନ ସମୟରେ ପରିଚିତ ଥିଲେ ହେଁ ଓଡ଼ିଶା ଶତାବ୍ଦୀ ଶତାବ୍ଦୀ ଧରି ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଆସିଥିଲା । ୧୭୬୬ରେ ଗଞ୍ଜାମ ବ୍ରିଟିଶ ଶାସନାଧୀନ ହେବା ପରେ ଏହି ମହାନ୍ ଜାତିର ରାଜନୈତିକ ସାମାଜିକ ସାଂସ୍କୃତିକ ପତନ ଆରମ୍ଭ ହୋଇଥିଲା । ୧୮୦୩ ବେଳକୁ କଟକ, ପୁରୀ ଏବଂ ବାଲେଶ୍ୱର ବ୍ରିଟିଶ ହାତକୁ ଯାଇସାରିଥିଲେ ଏବଂ ସେଥି ସହିତ ଓଡ଼ିଶା ହରାଇଥିଲା ନିଜର ସ୍ୱତନ୍ତ୍ରତା । ବିଦେଶୀମାନେ ଏହି ପ୍ରାଚୀନ ଜାତିର ମହାନ୍ ଇତିହାସ ସହ ପରିଚିତ ନଥିଲେ । ନିଜ ସୁବିଧାକୁ ଦୃଷ୍ଟିରେ ରଖି ସେମାନେ ଏହାକୁ ଭାଗ ଭାଗ କରି ବିଭିନ୍ନ ଅଞ୍ଚଳ ସହ ମିଶାଇ ଦେଇଥିଲେ । ସେଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଗୌରୀଶଙ୍କର ତାହାର ତୀବ୍ର ପ୍ରତିବାଦ କରି ଉପକୂଳବର୍ତ୍ତୀ ଓଡ଼ିଶାରେ ଓଡ଼ିଆ ଭାଷାକୁ ସୁରକ୍ଷିତ କରିଥିଲେ । ପ୍ରାୟ ଏକ ସମୟରେ ଗଞ୍ଜାମ ଅଞ୍ଚଳରେ ମଧ୍ୟ ଭାଷା ଆନ୍ଦୋଳନ ଆରମ୍ଭ ହୋଇଥିଲା । ୧୮୯୦ରେ ସେଠାକାର କୋର୍ଟ କଚେରିରେ ଓଡ଼ିଆ ଭାଷା ପୁନଃ ପ୍ରତିଷ୍ଠିତ ହେଇଥିଲା । ସମ୍ବଲପୁରବାସୀ ମଧ୍ୟ ହିନ୍ଦୀ ଭାଷା ବିରୋଧରେ ଯାଇ ନିଜ ଅଞ୍ଚଳରେ ମାତୃଭାଷାକୁ ସୁରକ୍ଷିତ କରିଥିଲେ । ଭାଷା ପାଇଁ ଭାବପ୍ରବଣତାରୁ ଜନ୍ମ ହୋଇଥିଲା ଗଠନର ଭାବନା । ବହୁ ବିରୋଧ ସତ୍ତ୍ୱେ ଶେଷରେ ନିଜର ଲକ୍ଷ୍ୟ ହାସଲ କରିବାରେ ସଫଳ ହେଇଥିଲା ଓଡ଼ିଆ ଜାତୀୟତାବାଦୀମାନେ । ଭାଷା ଭିତ୍ତିରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟର ମାନ୍ୟତା ପାଇଥିଲା। ୧୯୩୬ରୁ ୨୦୨୬ ଏହି ନବେ ବର୍ଷର ଲମ୍ବା ଯାତ୍ରା ଭିତରେ ଆମେ ଭାଷା ଠାରୁ ସଂସ୍କୃତି, ସାହିତ୍ୟ ଠାରୁ ଜନଚେତନା, ପ୍ରାକୃତିକ ସମ୍ପଦ ପର୍ଯ୍ୟନ୍ତ ଅନେକ କିଛିକୁ ଉପଯୋଗ ବିନିଯୋଗ କରି ଏ ଜାତି ଅନେକ ଉପଲବ୍ଧି ହାସଲ କରି ଆଗେଇ ଚାଲିଛି। କହିବାକୁଗଲେ ନବେ ବର୍ଷର ସ୍ୱତନ୍ତ୍ର ଓଡ଼ିଶା କଥା ବିଚାର କଲେ ଏହା ଏକ ବିରାଟ ଉପଲବ୍ଧି କହିଲେ ଅତ୍ୟୁକ୍ତି ହେବନାହିଁ।

+ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ
ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦

## ମୋ ଓଡ଼ିଶା

ଜଗମୋହନ ପ୍ରଧାନ



ଜନମ ଭୂଇଁ ମୋ
ଜନନୀ ଜଗତେ
ଶୁଭୁ ଥାଏ ତା'ର ଜୟ
ଶୋଭିତ ବନ୍ଦିତ
ହର୍ଷିତ ମଣ୍ଡିତ
ଏହି ତା'ର ପରିଚୟ ।

କୋଣାର୍କ ଧଉଳି
ବଖାଣନ୍ତି କୀର୍ତ୍ତି
ଗର୍ବିତ ହୁଅଇ ଛାତି
ଝର ନିର୍ଝରଣୀ
ବହେ କଳ କଳ
ପ୍ଲାବିତ ହୁଅଇ ମାଟି ।

ତରଙ୍ଗେ ବିହଙ୍ଗେ ଚିଲିକାର ଛାତି
ସମ୍ମୋହିତ କରୁଥାଏ
ଶସ୍ୟ ଶ୍ୟାମଳେ ବନଭୂମି ଅଙ୍ଗେ
ସୁଶୋଭିତ ଦିଶୁଥାଏ ।

ଜଗନ୍ନାଥ ସମଲେଇଙ୍କ କୃପାରେ
ମୋ ଉତ୍କଳ ହସୁଥାଇ
ମହୋଦଧି ଆଉ ମହାପ୍ରସାଦରେ
ଏ ମାଟି ମୋ ବାସୁଥାଇ ।

ବାରବାଟୀ ଦୁର୍ଗ ଇତିହାସ କହେ
କେତେ ସଂଗ୍ରାମର ଗାଥା
ରଣକ୍ଷେତ୍ରରେ ଯେ ବୀର ବଳିଦାନ
ପାଇକର ସାହସତା ।

ମାତୃଭାଷା ପାଇଁ ବରପୁତ୍ରଙ୍କର
ଅଛି କେତେ ମହାନତା
କବିଙ୍କ କଲମେ ଲେଖା ତ ହୋଇଛି
ମୋ ଓଡ଼ିଶାର ଅସ୍ମିତା ।

+ ଶକୁନ୍ତଳାପୁର, ଯାଜପୁର
(ମୋ) ୮୨୪୯୦୮୫୦୪୮

# ଉତ୍କଳ ଦିବସ



ସୌଭାଗ୍ୟ ରଂଜନ ମହାନ୍ତି



ଏପ୍ରିଲ ୧, ଉତ୍କଳ ଦିବସ। ଓଡିଆ ଜାତିର ସ୍ୱାଭିମାନ ଓ ଅସ୍ମିତାକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିବା ଦିନ। ୧୯୩୬ ମସିହା ଏପ୍ରିଲ ପହିଲାରେ ଭାଷା ଭିତିରେ ଗଠିତ ପ୍ରଥମ ପ୍ରଦେଶ ଭାବେ ଓଡିଶାର ଜନ୍ମ ହୋଇଥିଲା । ଆଜି ଏହି ପବିତ୍ର ଦିବସରେ ଆସନ୍ତୁ ଆମର ଗୌରବମୟ ଇତିହାସ, ଭାଷା, ସଂସ୍କୃତି ଏବଂ ଓଡିଆ ଅସ୍ମିତାର'ର ସୁରକ୍ଷା ପାଇଁ ଏକ ସଂକଳ୍ପ ନେବା।

ଉତ୍କଳ ଦିବସ : ଏକ ସଂଗ୍ରାମର ସ୍ମୃତି
ଏହି ସ୍ୱତନ୍ତ୍ର ପ୍ରଦେଶର ଗଠନ ପଛରେ ରହିଥିଲା ଦୀର୍ଘ ବର୍ଷର ତ୍ୟାଗ ଓ ସଂଘର୍ଷ। ଓଡିଆ ଭାଷାକୁ ବିଲୋପ କରିବାର ଚକ୍ରାନ୍ତ ହେଉ କିମ୍ବା ଓଡିଶାକୁ ପଡୋଶୀ ରାଜ୍ୟ ସହ ମିଶାଇ ଦେବାର ପ୍ରୟାସ, ଏସବୁ ବିରୁଦ୍ଧରେ ଲଢିଥିଲେ ଆମର ବରପୁତ୍ରମାନେ। ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ରାମଚନ୍ଦ୍ର ଭଞ୍ଜଦେଓ ଏବଂ ଫକୀର ମୋହନ ସେନାପତିଙ୍କ ଭଳି ମହାନାୟକଙ୍କ ଅଦମ୍ୟ ସାହସ ଯୋଗୁଁ ଆଜି ଆମେ ଏକ ସ୍ୱତନ୍ତ୍ର ଭୂଖଣ୍ଡରେ ନିଶ୍ୱାସ ନେଉଛେ।

ଓଡିଆ ଅସ୍ମିତା : ଆମର ପରିଚୟ
'ଅସ୍ମିତା'ର ଅର୍ଥ ହେଉଛି ନିଜର ସ୍ୱତନ୍ତ୍ରତା ଓ ଆତ୍ମସମ୍ମାନ। ଓଡିଆ ଅସ୍ମିତା କେବଳ ଭାଷା ମଧ୍ୟରେ ସୀମିତ ନୁହେଁ, ଏହା ଆମର ପରମ୍ପରା, କଳା, ଭାସ୍କର୍ଯ୍ୟ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିରେ ପରିବ୍ୟାପ୍ତ।

ଭାଷା : ଓଡିଆ ଭାଷା ଏକ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଭାଷା। ଏହାର ଶବ୍ଦକୋଷ ଓ ସାହିତ୍ୟ ଅତ୍ୟନ୍ତ ସମୃଦ୍ଧ।

ଜଗନ୍ନାଥ ସଂସ୍କୃତି : ଓଡିଆ ଅସ୍ମିତାର ମୂଳ ପିଣ୍ଡ ହେଉଛନ୍ତି ଚକାନୟନ। ତାଙ୍କର ସମଭାବନା ଓ ଭାତୃଭାବ ହିଁ ଓଡିଆ ଜାତିର ଶ୍ରେଷ୍ଠ ପରିଚୟ।

କଳା ଓ ସାହିତ୍ୟ : କୋଣାର୍କର ଚକଠାରୁ ଆରମ୍ଭ କରି ଓଡିଶୀ ନୃତ୍ୟ ପର୍ଯ୍ୟନ୍ତ, ସବୁଠି ଓଡିଆର ସ୍ୱାଭିମାନ ଝଲସି ଉଠେ।

ଆଜିର ଆହ୍ୱାନ ଏବଂ ଆମର କର୍ତ୍ତବ୍ୟ
ସମୟ ବଦଳୁଛି ଏବଂ ବଦଳୁଥିବା ସମୟ ସହିତ ଓଡିଆ ଅସ୍ମିତା ସମ୍ମୁଖରେ କିଛି ଆହ୍ୱାନ ମଧ୍ୟ ଦେଖାଦେଉଛି। ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଏବଂ ନିଜ ଭାଷା ପ୍ରତି ଅବହେଳା ଆମ ପାଇଁ ଚିନ୍ତାର ବିଷୟ। ଆଜିର ଯୁବପିଢିକୁ ଏହି ବିଷୟରେ ସଚେତନ ଦେବାକୁ ପଡିବ।

୧. ଭାଷାର ପ୍ରୟୋଗ : ଦୈନନ୍ଦିନ ଜୀବନରେ ଓଡିଆ ଭାଷାର ବ୍ୟବହାର ବୃଦ୍ଧି କରିବା ଆବଶ୍ୟକ।

୨. ସଂସ୍କୃତିର ପ୍ରସାର : ଆମର ପର୍ବପର୍ବାଣୀ ଯଥା-ରଥଯାତ୍ରା, ବାଲିଯାତ୍ରା ଏବଂ ନୂଆଖାଇ ପରି ପରମ୍ପରାକୁ ଆଗାମୀ ପିଢି ପାଖରେ ପହଂଚାଇବା।

୩. ଆର୍ଥୀକ ସଶକ୍ତିକରଣ : ସ୍ଥାନୀୟ ଶିଳ୍ପ ଓ କାରିଗରୀକୁ ପ୍ରୋତ୍ସାହନ ଦେଇ ଓଡିଶାକୁ ଏକ ସମୃଦ୍ଧ ରାଜ୍ୟ ଭାବେ ଗଢିତୋଳିବା

ଓଡିଆ ହେବା ଏକ ଗର୍ବର ବିଷୟ। ଅମର ପୂର୍ବଜମାନେ ଯେଉଁ ସ୍ୱପ୍ନ ଦେଖିଥିଲେ, ତାକୁ ସାକାର କରିବା ପାଇଁ ଆମକୁ ଏକଜୁଟ ହେବାକୁ ପଡିବ। ଆସନ୍ତୁ ଆମର ଭାଷା ଓ ପରମ୍ପରାକୁ ସମ୍ମାନ ଦେବା ଏବଂ 'ବନ୍ଦେ ଉତ୍କଳ ଜନନୀ'ର ସ୍ୱରକୁ ସାରା ବିଶ୍ୱରେ ପ୍ରତଧ୍ୱନିତ କରିବା। ଓଡିଶା କେବଳ ଏକ ଭୌଗୋଳିକ ସୀମାରେଖା ନୁହେଁ, ଏହା ଏକ ଶାଶ୍ୱତ ଚେତନା। ଆମର ଅସ୍ମିତା ବା ଓୟରଭସ୍ୱସସ୍ୱଛ ସେହି ଦିନଠାରୁ ସମୃଦ୍ଧ, ଯେଉଁଦିନ କଳିଙ୍ଗର ବୀର ସନ୍ତାନମାନେ ସମୁଦ୍ର ଲଂଘି ସୁଦୁର ବାଲି, ଜାଭା, ସୁମାତାରେ ବାଣିଜ୍ୟ କରି ଓଡିଆ ଜାତିର ପତାକା ଉଡାଇଥିଲେ।

୧. ଭାଷା : ଅସ୍ମିତାର ମେରୁଦଣ୍ଡ
କୌଣସି ଜାତିର ପରିଚୟ ତାର ଭାଷାରୁ ହିଁ ଜଣାପଡେ। ଓଡିଆ ଭାଷା କେବଳ କଥାବାର୍ତ୍ତାର ମାଧ୍ୟମ ନୁହେଁ, ଏହା ଆମ ସଂସ୍କାରର ପ୍ରତିଫଳନ।

ଶାସ୍ତ୍ରୀୟ ମାନ୍ୟତା : ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷା ଏବେ ଓଡିଆର ସ୍ୱୀକୃତି ଆମ ପାଇଁ ଗର୍ବର ବିଷୟ। କିନ୍ତୁ କେବଳ ସରକାରୀ ମାନ୍ୟତା ଯଥେଷ୍ଟ ନୁହେଁ।

ଘରେ ଘରେ ଓଡିଆ : ଆଜିର ଶିକ୍ଷିତ ସମାଜରେ ନିଜ ପିଲାଙ୍କ ସହ ଓଡିଆରେ କଥା ହେବାକୁ କେହି କେହି କୁଣ୍ଠାବୋଧ କରୁଛନ୍ତି। ଓଡିଆ ଅସ୍ମିତାର ସୁରକ୍ଷା ପାଇଁ ପ୍ରଥମେ ନିଜ ଭାଷାକୁ ଆପଣେଇବାକୁ ହେବ।

୨. ଶ୍ରୀଜଗନ୍ନାଥ : ଓଡିଆର ପ୍ରାଣକେନ୍ଦ୍ର
ଓଡିଆ ଅସ୍ମିତା କହିଲେ 'ଜଗନ୍ନାଥ ସଂସ୍କୃତିକୁ ହିଁ ବୁଝାଏ। ଏହି ସଂସ୍କୃତି ଶିଖାଏ - ସବୁ ମଣିଷ ସମାନ। ଏଠି କେହି ବଡ ନୁହେଁ କି କେହି ସାନ ନୁହେଁ।

ଭାତୃଭାବ : ମହାପ୍ରସାଦର ସେହି ଅମୃତ ବାସନା ପରି ଓଡିଆର ହୃଦୟ ସମସ୍ତଙ୍କ ପାଇଁ ଖୋଲା।

ସେବା ମନୋଭାବ ପୃଥିବୀର ଅନ୍ୟ କୌଣସି ପ୍ରାନ୍ତରେ ରାଜା ଜଣେ ସେବକ ସାଜି ଛେରା ପହଁରା କରନ୍ତି ନାହିଁ। ଏହା ଓଡିଆର ସେହି ଅଦମ୍ୟ ବିନମ୍ରତା ଓ ଅସ୍ମିତାର ନିଦର୍ଶନ।

୩. ଉତ୍କଳ ଦିବସର ଲକ୍ଷ୍ୟ : ଆମର ଦାୟିତ୍ୱ
୧୯୩୬ ମସିହାରେ ଯେଉଁ ଲକ୍ଷ୍ୟ ନେଇ ପ୍ରଦେଶ ଗଠିତ ହୋଇଥିଲା, ତାହା କେତେଦୂର ସଫଳ ହୋଇଛି ? ଆଜି ଆମକୁ ଆତ୍ମସମୀକ୍ଷା କରିବାକୁ ପଡିବ।

ସାହିତ୍ୟର ସୁରକ୍ଷା : ଆମେ କେତେଜଣ ସାରଳା ଦାସ, ରାଧାନାଥ ରାୟ କିମ୍ବା ଗଙ୍ଗାଧର ମେହେରଙ୍କ କବିତା ପଢୁଛୁ। ଆଧୁନିକ ବୈଷୟିକ କୌଶଳ ବ୍ୟବହାର କରି ଓଡିଆ ସାହିତ୍ୟକୁ ଡିଜିଟାଲ ଦୁନିଆରେ ପହଂଚାଇବା ଆବଶ୍ୟକ।

ଶକ୍ତିଶାଳୀ ଅର୍ଥନୀତି : ଓଡିଆ ଅସ୍ମିତା ସେତେବେଳେ ଆହୁରି ମଜବୁତ ହେବ, ଯେତେବେଳେ ଓଡିଶାର ଯୁବକ କର୍ମ ନିଯୁକ୍ତି ପାଇଁ ବାହାର ରାଜ୍ୟକୁ ଯିବା ବଦଳରେ ନିଜ ମାଟିରେ ସୁଯୋଗ ପାଇବେ।

ଉତ୍କଳ ଦିବସ ପାଇଁ ଶପଥ ପାଠ
ଆସନ୍ତୁ ଏହି ଉତ୍କଳ ଦିବସରେ ନିଜକୁ ଏବଂ ଆମ ସମାଜକୁ ଏହି ତିନୋଟି କଥା କହିବା -

୧. ଓଡିଆ କହିବି, ଓଡିଆ ପଢିବି ଏବଂ ଓଡିଆ ଭାଷାକୁ ସମ୍ମାନ ଦେବି।

୨. ଆମର କଳାକାର ଓ କାରିଗରଙ୍କୁ ସମର୍ଥନ କରିବି, ଯାହାଦ୍ୱାରା 'ଓଡିଶୀ କଳା' ଜୀବନ୍ତ ରହିବ।

୩. ଜାତି, ଧର୍ମ ନିର୍ବିଶେଷରେ ସବୁ ଓଡିଆଙ୍କୁ ନିଜର ଭାଇ-ଭଉଣୀ ମାନିବି।

ନୂତନ ଓଡିଶା - ଉଜ୍ଜ୍ୱଳ ଭବିଷ୍ୟତ
ଆଜି ଓଡିଶା କ୍ରୀଡାଠାରୁ ଆରମ୍ଭ କରି ମହାକାଶ ବିଜ୍ଞାନ ପର୍ଯ୍ୟନ୍ତ ସବୁଠୁ ନିଜର ସ୍ଥାନ ସ୍ୱତନ୍ତ୍ର କରିପାରିଛି। 'ଓଡିଆ ଅସ୍ମିତା'ର ଏହି ମଶାଲ ଯେପରି କେବେ ନ ଲିଭୁ। ଏହା କେବଳ ଗୋଟିଏ ଦିନର ପର୍ବ ନୁହେଁ, ବରଂ ବର୍ଷସାରା ପାଳନ କରାଯାଉଥିବା ଏକ ଉତ୍ସବ ହେଉ।

'ନିଜ ଭାଷା ନିଜ ଜାତିର ଉନ୍ନତି, କରିବାକୁ ହେଲେ ହେବାକୁ ହେବ ଏକାଠି'।

ଭାଷା ଓ ଜାତୀୟତା ପାଇଁ ସଂଗ୍ରାମୀ
ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ପାରଳାଖେମୁଣ୍ଡି) : ସେ ଥିଲେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଅନ୍ୟତମ ମୁଖ୍ୟ କାର୍ପଟଦାର। ଓଡିଆ ଭାଷାଭାଶୀ ଅଂଚଳକୁ ଏକତ୍ରିତ କରିବା ପାଇଁ ସେ ନିଜର ସମସ୍ତ ସମ୍ପତି ଓ ସାମର୍ଥ୍ୟ ବିନିଯୋଗ କରିଥିଲେ। ଗୋଲ୍ ଟେବୁଲ ବୈଠକରେ ତାଙ୍କର ଯୁକ୍ତି ଓଡିଶାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା।

ଫକୀର ମୋହନ ସେନାପତି (ବ୍ୟାସକବି): ଓଡିଆ ଭାଷାକୁ ବଙ୍ଗୀୟ ଭାଷାର ପ୍ରଭାବରୁ ରକ୍ଷା କରିବା ପାଇଁ ସେ କଲମ ଧରିଥିଲେ। ତାଙ୍କର ଲେଖନୀ ଓଡିଆ ମାନସପଟରେ ନିଜ ଭାଷା ପ୍ରତି ଗର୍ବ ଓ ଅସ୍ମିତା ଜାଗ୍ରତ କରିଥିଲା।

ଜନଜାତି ବିପ୍ଲବୀଙ୍କ ଅଦମ୍ୟ ସାହସ
ଓଡିଶାର ପାହାଡ ଜଙ୍ଗଲ ମଧ୍ୟରୁ ହିଁ ବ୍ରିଟିଶ ବିରୋଧୀ ସ୍ୱର ପ୍ରଥମେ ଉଠିଥିଲା।

ବୀର ସୁରେନ୍ଦ୍ର ସାଏ : ସମ୍ବଲପୁରର ଏହି ବୀର ସନ୍ତାନ ଦୀର୍ଘ ୩୭ବର୍ଷ ଧରି ଇଂରେଜ ମାନଙ୍କ ବିରୁଦ୍ଧରେ ଗରିଲା ଯୁଦ୍ଧ କରିଥିଲେ। ପଶ୍ଚିମ ଓଡିଶାର ଅସ୍ମିତା ଓ ମାଟିର ସୁରକ୍ଷା ପାଇଁ ସେ କାରାଗାରରେ ମୃତ୍ୟୁବରଣ କରିଥିଲେ ମଧ୍ୟ ହାର ମାନିନଥିଲେ।

ଶହୀଦ ଲକ୍ଷ୍ମଣ ନାୟକ : କୋରାପୁଟର ଏହି ଜନଜାତି ନେତା 'ଭାରତ ଛାଡ' ଆନ୍ଦୋଳନରେ ଓଡିଆ ଜାତିର ସାହସ ଦେଖାଇଥିଲେ। 'ଗାନ୍ଧୀ ମହାରାଜ କି ଜୟ କହି ସେ ହସି ହସି ଫାଶୀ ଖୁଂଟରେ ଝୁଲି ପଡିଥିଲେ।

ସଂକ୍ଷେପରେ ଉତ୍କଳ ଦିବସର ସନ୍ଦେଶ
ଓଡିଶା ହେଉଛି କଳା, ସାହିତ୍ୟ, ସଂଗୀତ ଓ ବୀରତ୍ୱର ମିଶ୍ରଣ। ଯଦି ଆମେ ଆମର ପୂର୍ବପୁରୁଷଙ୍କ ତ୍ୟାଗକୁ ମନେ ରଖିବା, ତେବେ ଓଡିଆ ଅସ୍ମିତା କେବେ ବି ମ୍ଳାନ ପଡିବ ନାହିଁ। "ଜୟତୁ ଉତ୍କଳ ଜନନୀ, ଜୟ ଓଡିଶା !"

+ ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,- ୭୫୧୦୦୨
ମୋ:୯୪୩୭୯୯୪୩୭୯



## ଉତ୍କଳ

ଦିନେଶ ମେହେର



ସବୁଆଡ଼େ ଖୋଜି ଦେଖିଲି
ହେଲେ କେଉଁଠି ବି ପାଇଲିନି
ତା ଭଳି ଅତ୍ମୀୟତା,

ଯେବେ ବଡ଼ଦାଣ୍ଡରେ ଗଡ଼ି ଗଡ଼ି
ମହୋଦଧିର ଲହରୀରେ ନିଜକୁ ଭସେଇ ଦେଇ,
କୋଣାର୍କର ଭଗ୍ନସ୍ତୁପରେ
କାନଡେରି ତା' ଇତିହାସ ଶୁଣିବାକୁ ଭାରି ଇଚ୍ଛାହୁଏ,
ଭାବେ, ଧର୍ମପଦର ଅତୀତକୁ ଓଲଟେଇ
ଲେଖି ଦିଅନ୍ତି କି ନୂଆ ଏକ ଅତୀତ.. ?
ନିଜକୁ ସଜେଇ ଦିଅନ୍ତି ଛୋଟିଆ ମୋଟିଆ ଏକ ଚରିତ୍ର
ସେଇ ଇତିହାସ ବହିରେ;

ଶୁଣିଛି, ଏଠି କୁଆଡ଼େ ଶୁଭୁଥିଲା
ଭୋକର ଆର୍ତ୍ତ ଚିତ୍କାର,
ଅଧାଲଙ୍ଗଳା ଫୁଙ୍ଗୁଳା ଦେହ
ଆଉ ଛିଣ୍ଡା କପଡ଼ାରେ ଆଦିବାସୀ ଜୀବନ
ବୋଧେ ଏବେ ବି ଲୁଚି ରହିଛି
କଳାହାଣ୍ଡିରୁ କୋରାପୁଟ ଯିବା ବାଟରେ,
ତଥାପି ଏଇ ମାଟି ଧନଧାନ୍ୟରେ ପରିପୂର୍ଣ୍ଣ
ଶସ୍ୟ ଶ୍ୟାମଳରେ ପରିପୂର୍ଣ ତ୍ରିକୋଣ.......!

ଏଠି, ସକାଳ ହେଲେ ଆକାଶରୁ ସୁନା ଝରେ
ଇନ୍ଦ୍ରଧନୁର ସାତରଙ୍ଗରେ ସଜେଇ ହୁଏ ଆକାଶ,
ଆଷାଢର ବର୍ଷା ଆଉ ରଥଯାତରା
ବର୍ଷରେ କଦମ୍ବବନ ଆଉ ଶ୍ରାବଣ
ଲଗାଲଗି ହେଇ କେଜାଣି କେଉଁ ଜନ୍ମରୁ
ବାଟ ଭୁଲେଇ ନେଇ ଯାଆନ୍ତି
ବାରମାସର ତେର ଯାତରା ଭିତରକୁ,

କଳିଙ୍ଗରୁ କଙ୍ଗୋଡ଼
ଉଡ୍ରଦେଶରୁ ଓଡ଼ିଶା
ନିନାଦିତ ହେଉଥାଏ ବିରତ୍ୱର ଗୁଞ୍ଜନରେ,
ସୁଭାଷ, ସୁରେନ୍ଦ୍ର, ବିଦ୍ୟାଧର,ଗଙ୍ଗାଧର
ଗୋପୀନାଥ, ରାଧାନାଥ, ଜଗନ୍ନାଥ
ବଳରାମ, ଅଚ୍ୟୁତ, ଅନନ୍ତ
ଯା' ର ସ୍ତବକରେ ରଚିଦେଲେ ନୂଆ ଏକ ଅତୀତ
ଯା' ର ଅନାଗତ ଦ୍ୱନ୍ଦ ଭିତରେ
ଭରି ଦେଇଛନ୍ତି ସଂସ୍କୃତିର ପରିକଳ୍ପନା
ସେଇ ବୀରଭୂଇଁ, ଆଦ୍ୟଭୂଇଁ ,ଦେବଭୂଇଁ
କୋଟିକିରୀଟିନି ସମାହିତ ଯା ବକ୍ଷରେ
ସେଇ ଓଡ଼ିଶା
ଓଡ଼ିଆ ମନର ପରିଭାଷା.....!

ସ୍ନାତକୋତ୍ତର ଇତିହାସ ବିଭାଗ
ଜୁନାଗଡ଼, କଳାହାଣ୍ଡି, ଓଡ଼ିଶା
ମୋ - ୮୦୧୮୮୨୮୪୫୬

# ଉତ୍କଳ ଦିବସ



## ବିଷ୍ଣୁ ପ୍ରସାଦ ଦାସ

ବଙ୍ଗୋପସାଗର କୂଳରେ ଓଡ଼ିଶା ରାଜ୍ୟ ଅବସ୍ଥିତ, ଏହା ଏକ ସମ୍ପୂର୍ଣ୍ଣ ରାଜ୍ୟ, ଏହାର ପରିସୀମା ପଶ୍ଚିମବଙ୍ଗ, ଛତିଶଗଡ଼, ଆନ୍ଧ୍ର ପ୍ରଦେଶ, ଝାଡ଼ଖଣ୍ଡ ପ୍ରଦେଶକୁ ଛୁଇଁଛି । ଏହାର ସାମୁଦ୍ରିକ ରେଖା ପ୍ରାୟ ୪୫୦ କିଲୋମିଟର, କ୍ଷେତ୍ରଫଳ ପ୍ରାୟ ୧,୫୫,୭୦୭ ବର୍ଗ କିଲୋମିଟର, ପ୍ରଧାନ ନଦୀ ମହାନଦୀ। ବର୍ତ୍ତମାନର ଓଡିଶା ପ୍ରଦେଶ ଅତୀତରେ କଳିଙ୍ଗ, ଉତ୍କଳ, ଉଡ୍ର ଇତ୍ୟାଦି ଅନେକ ନାମରେ ପରିଚିତ ଥିଲା ସମୟ ସହିତ ତାଳଦେଇ ଅନେକ ଉତ୍ଥାନ ପତନ , ଅନେକ ଶାସକଙ୍କ ଦ୍ୱାରା ଶାସିତ ହୋଇ ଓଡିଶା ନିଜର ଗୌରବ ଆଜି ମଧ୍ୟ ବଜାୟ ରଖିଛି ବୋଲି ବହୁଳ ଭାବେ ପ୍ରଚାରିତ ହେଉଛି । ଭାରତ ବର୍ଷରେ ଯେତେ ରାଜ୍ୟ ଅଛି ତନ୍ମଧ୍ୟରୁ ଶାନ୍ତି ପ୍ରିୟ ରାଜ୍ୟ ହିସାବରେ ଓଡିଶା ଅନ୍ୟତମ । ଓଡ଼ିଶାର କଳା, ସଂସ୍କୃତି, ମନୋରମ ପ୍ରାକୃତିକ ପରିବେଶ, ସୁଦୀର୍ଘ ବେଳାଭୂମି, ସୁଉଚ୍ଚ ପର୍ବତମାଳା ସବୁଜ ଅରଣ୍ୟ ପରିବେଷ୍ଟିତ ଜିଲ୍ଲା ସମୂହ , ମନ୍ଦିର ମାଳିନୀ ସହର ବିଶ୍ୱ ପ୍ରସିଦ୍ଧ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର, ଖଣିଜ ସମ୍ପଦରେ ପରିପୂର୍ଣ୍ଣ । କୃଷି ଶିଳ୍ପରେ ଅଗ୍ରଣୀ, ବାଣିଜ୍ୟ ବ୍ୟବସାୟର ପେଣ୍ଠ ସ୍ଥଳ ଏହି ଓଡିଶା ମାଟିରେ ଜନ୍ମିତ ଅନେକ ଗୁଣି ଜ୍ଞାନୀ ମହାନ ବ୍ୟକ୍ତିତ୍ୱଙ୍କ ସହିତ ସାଢେ ଚାରି କୋଟିରୁ ଉର୍ଦ୍ଧ୍ୱ ଓଡିଶା ବାସୀ ଆଜି ନିଜ ରାଜ୍ୟ ପାଇଁ ଗର୍ବିତ ହେବା ସ୍ୱାଭାବିକ କଥା । ଓଡ଼ିଶା ରେ ବିଭିନ୍ନତାରେ ଏକତା ପରିଲକ୍ଷିତ ହୁଏ, ଅତୀତର ସ୍ମୃତିକୁ ଯଦି ରୋମନ୍ଥନ କରିବା ତେବେ ଓଡିଶାକୁ ଆମେ ହୃଦୟରୁ ଅଧିକରୁ ଅଧିକ ଭଲପାଇବା । କାନ୍ତକବି ଲକ୍ଷ୍ମୀ କାନ୍ତ ମହାପାତ୍ରଙ୍କ ଦ୍ୱାରା ରଚିତ ଓଡିଶା ପ୍ରଦେଶର ରାଜ୍ୟ ସଂଗୀତର ମାନ୍ୟତା ପାଇଥିବା ' ବନ୍ଦେ ଉତ୍କଳ ଜନନୀ ... କର୍ଣ୍ଣ ଗହ୍ୱରରେ ପ୍ରବେଶ କରିବା ମାତ୍ରେ ଭକ୍ତିରେ ଲୋମ ମୂଳ ଟାଙ୍କୁରି ଉଠେ । ପ୍ରଦେଶର ସ୍ୱତନ୍ତ୍ରତା ପାଇଁ ପ୍ରାଣବଳି ଦେଇଥିବା ସହିଦ, ଜୀବନକୁ ବିପନ୍ନ କରି ସଂଗ୍ରାମ କରିଥିବା ମନୀଷୀ ମାନେ ଆମର ସର୍ବଦା ପୂଜ୍ୟ ।

୧୯୩୬ ମସିହା ଏପ୍ରିଲ ମାସ ୦୧ ତାରିଖ ଆମ ପାଇଁ ଏକ ସ୍ମରଣୀୟ ଦିବସ, ମିଳିତ ବିହାର- ଓଡିଶା ପ୍ରଦେଶକୁ ଅଲଗା କରି ତଥା ମାଡ୍ରାସ ପ୍ରସିଡେନ୍ସି ରୁ ଗଂଜାମ ଏବଂ କୋରାପୁଟ ଜିଲ୍ଲାକୁ ଆଣି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ କରା ଯାଇଥିଲା । ଏଥିପାଇଁ ଅନେକ ସଂଗ୍ରାମ କରା ହୋଇଛି , ଉତ୍କଳ ଗୌରବ ମଧୁସୂଦନ ଦାସ ମହାଶୟଙ୍କ ଦ୍ୱାରା ୬୨ ଜଣ କର୍ମକର୍ତ୍ତାଙ୍କୁ ନେଇ ୧୯୦୩ ମସିହାରେ ଗଠିତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ହୋଇଥିଲା । ପ୍ରାୟ ତିନି ଦଶନ୍ଧି ଧରି ନିରବଚ୍ଛିନ୍ନ ସଂଗ୍ରାମ, ବ୍ରିଟିଶ୍ ଶାସକଙ୍କ ସହିତ ବାଦାନୁବାଦ, ତ୍ୟାଗ, ବଳିଦାନର ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଆଜି ଗର୍ବର ସହିତ ଛିଡା ହୋଇଛି । ଉତ୍କଳଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ, ମହାରାଜା ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି, ପଣ୍ଡିତ ନୀଳକଣ୍ଠ ଦାସ , ଫକୀର ମୋହନ ସେନାପତି ,ଗଙ୍ଗାଧର ମେହେର, ଦିୱାନ ଅଥର୍ ମହମ୍ମଦ୍ , ସୟିଦ୍ ମହମ୍ମଦ୍ , ଭୁବନାନନ୍ଦ ଦାସ, ବାସୁଦେବ ସୁଢ଼ଳଦେବ ଇତ୍ୟାଦି ଅନେକ ମହାନ୍ ଦେଶପ୍ରେମୀ ଯୋଗ ଦେଇଥିଲେ , ସ୍ୱତନ୍ତ୍ର ଓଡିଶା ପ୍ରଦେଶରେ ସେତେବେଳେ ଛଅ ଗୋଟି ଜିଲ୍ଲା ଥିଲା ସେଗୁଡିକ ହେଲା କଟକ, ପୁରୀ, ବାଲେଶ୍ୱର, ଗଂଜାମ, କୋରାପୁଟ ଏବଂ ସମ୍ବଲପୁର ଜିଲ୍ଲା । ସ୍ୱତନ୍ତ୍ର ଓଡିଶା ପ୍ରଦେଶର ପ୍ରଥମ ରାଜ୍ୟପାଳ ଭାବେ ଜନ୍ ଅଷ୍ଟିନ୍ ଶପଥ ଗ୍ରହଣ କରିଥିଲେ, ସୁଶାସକ ଏବଂ ସୁ ସଂଗଠିତ ନେତୃବୃନ୍ଦଙ୍କ ଆନ୍ତରିକତା, ଦେଶପ୍ରେମ, ନିଃସ୍ୱାର୍ଥପର ସେବା ଦ୍ୱାରା ଓଡିଶା ପ୍ରଦେଶ ଆଜି ତା'ର ଗରିମା ବଜାୟ ରଖିଛି । କାଳକ୍ରମେ ପ୍ରଶାସନିକ ସୁବିଧା ପାଇଁ ଜିଲ୍ଲା ସଂଖ୍ୟା ବଢି ବର୍ତ୍ତମାନ ୩୦ ରେ ପହଞ୍ଚିଛି । ଓଡିଶା ଆଜି ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇ ଦେଶର ଗୌରବ ପାଲଟିଛି ଆସନ୍ତୁ ଆମେ ସମସ୍ତେ ଶପଥ ନେବା ଓଡ଼ିଶାର ମାନ, ସମ୍ମାନ , ସଂସ୍କୃତିକୁ ସଦା ସର୍ବଦା ବଜାୟ ରଖିବା । ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେବା ସମୟ ଉପନୀତ, ଅନ୍ୟ ଭାଷା ଶିକ୍ଷା କରିବା କିଛି ଅପରାଧ ନୁହେଁ ତେବେ ମାତୃଭାଷାକୁ ପ୍ରାଧାନ୍ୟ ଦେବା ଆମର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ ।

ସ୍ୱାଧୀନତା ପ୍ରାପ୍ତିର ୭୯ ବର୍ଷ ବିତିଗଲା, ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହେବାର ନବେ ବର୍ଷ ବିତିଗଲା ତଥାପି ସରକାରୀ ଅଫିସ୍ କଚେରୀ ସବୁ ଇଂରାଜୀ ଭାଷାରେ ଚାଲେ । ଗୋରା ସାହେବ ବଦଳରେ ଏବେ କଳା ସାହେବ ମାନେ ଏହି ପ୍ରକ୍ରିୟାକୁ ଖୁବ୍ ଯତ୍ନ ସହକାରେ ଆଗେଇ ନେଉଛନ୍ତି । ଏହା କ'ଣ ଓଡ଼ିଆ ଅସ୍ମିତାର ଲକ୍ଷଣ ? ଅନେକ ଅଣ ଓଡ଼ିଆ ଉଚ୍ଚ ପଦ ପଦବୀରେ ଅଛନ୍ତି ସେମାନେ ଓଡ଼ିଆ ଭାଷା ପ୍ରତି ସେତେଟା ଗୁରୁତ୍ୱ ଦିଅନ୍ତି ନାହିଁ । ଯଦିଓ ଓଡିଶା ପ୍ରଦେଶରେ ନିଯୁକ୍ତି ପାଉଥିବା ସର୍ବ ଭାରତୀୟ ଅଧିକାରୀ ମାନେ ଅତି କମରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ପଢିବାକୁ ପଡିଥାଏ । ଏହି ପରି କିଛି ବ୍ୟକ୍ତି ମାନଙ୍କ ପାଇଁ ତଥା ଆମ ମାନସିକତା ପାଇଁ ହୁଏତ ଓଡ଼ିଆ ଭାଷାକୁ ସରକାର ଆପଣେଇ ପାରୁ ନାହାନ୍ତି । ଓଡ଼ିଶାର ନେତୃତ୍ୱ ନେଉଥିବା ସର୍ବ ଦଳୀୟ ନେତା , ଅଭିନେତା, ସାଧାରଣ ଜନତା, ସରକାରୀ କର୍ମଚାରୀ , ଆଇନ ଅଦାଲତ ସବୁଠାରେ ଯଦି ଭାଷା ଆନ୍ଦୋଳନ ହୋଇ ନିଜ ମାତୃଭାଷାକୁ ଗୁରୁତ୍ୱ ଦିଆ ଯାଇ ପାରିବ ତେବେ ମୋ ଓଡିଶା , ଆମ ଓଡିଶା ଇତ୍ୟାଦି ଇତ୍ୟାଦି ର ଯଥାର୍ଥତା ପ୍ରତିପାଦନ ହୋଇ ପରିବ। ମଧୁ ବାବୁଙ୍କ ସ୍ୱତନ୍ତ୍ର ଓଡିଶା ପ୍ରଦେଶର ଗୌରବ ବହନ କରିପାରିବ କିନ୍ତୁ ଏହା କ'ଣ ଆଗାମୀ ଦଶନ୍ଧିରେ ସମ୍ଭବ ହେବ କି ? ଏଠାରେ ସବୁ କାର୍ଯ୍ୟ କେବଳ ସ୍ୱାର୍ଥ ପାଇଁ ଚାଲେ 'ଜିରୋରୁ ହିରୋ'( ଶୂନ୍ୟରୁ ପୂର୍ଣ୍ଣ ) ପର୍ଯ୍ୟନ୍ତ, ଜନତାରୁ ସର୍ବ ଶକ୍ତିମାନ ନେତା ପର୍ଯ୍ୟନ୍ତ , ସେବା ପ୍ରଦାନକାରୀ ସରକାରୀ କର୍ମଚାରୀ ଠାରୁ ସ୍ୱାସ୍ଥ୍ୟ , ଶିକ୍ଷା, ତଥା ଯେତେ ବିଭାଗ ଅଛି ସବୁଠାରେ ଦୁର୍ନୀତି କ୍ୟାନ୍ସର /କର୍କଟ ରୋଗ ପରି ମାଡି ଯାଇଛି । ଏହି ପରିପ୍ରେକ୍ଷୀରେ ମଧୁ ବାବୁଙ୍କ ଲିଖିତ କେଇ ପଦ ମନେ ପଡି ଯାଏ ... 'ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥୀ କଲେ ? ଟାଣେ କିରେ ଗାଡି ଦାନାର ତୋବଡ଼ା ଘୋଡା ମୁହେଁ ବନ୍ଧା ଥିଲେ ?'

ବୃଥା ରାଜନୀତି ଦ୍ୱାରା ନିଜ ଗୋଡ଼କୁ ନିଜେ କୁରାଢି ମାରିବା ଦ୍ୱାରା ନିଜର କ୍ଷତି ସହିତ ରାଜ୍ୟ ବାସୀଙ୍କର ମଧ୍ୟ କ୍ଷତି ହେବ । ଉତ୍କଳ ଦିବସ ଅବସରରେ ସରକାରଙ୍କୁ ଅନୁରୋଧ ସରକାର ପ୍ରତ୍ୟେକ ସ୍ତରରୁ/ ବିଭାଗରୁ ଦୁର୍ନୀତିକୁ ଲୋପ କରିବାକୁ ଚେଷ୍ଟା କରନ୍ତୁ । ଦରଦାମ ଉପରେ ନିୟନ୍ତ୍ରଣ ରଖନ୍ତୁ, ବେକାରୀ ସମସ୍ୟା ଦୂର କରନ୍ତୁ। ଶହ ଶହ ବର୍ଷ ଧରି ବ୍ରିଟିଶ ଅମଳରୁ ଚାଲି ଆସୁଥିବା ତଥା ସାଧାରଣ ଲୋକଙ୍କୁ ଭୟଭୀତ କରୁଥିବା ଖାକି ପୋଷାକକୁ ସରକାରୀ ସ୍ତରରେ ବଦଳାନ୍ତୁ । ନିଶା ନିବାରଣ ଉପରେ ଗୁରୁତ୍ୱ ଦିଅନ୍ତୁ, ବଡ ବଡିଆଙ୍କ ପାଇଁ ଥିବା ଅଯଥା ପ୍ରୋଟୋକଲ କମାଇ ଦେବା ଉପରେ ବିଚାର କରନ୍ତୁ । ଗରିବ ଜନତାଙ୍କ ଟିକସ /କର ଟଙ୍କାରେ ରାଜକୀୟ ଖର୍ଚ୍ଚରେ ସେବା ଉପଭୋଗ କରିବା ଗଣତନ୍ତ୍ର ସରକାରକୁ ହୁଏତ ବିପଦରେ ପକାଇ ପାରେ । ଉତ୍କଳ ଦିବସର ଅନୁଚିନ୍ତା ଏହାହିଁ ହେବା ଉଚିତ୍ । ସମସ୍ତ ନେତୃବୃନ୍ଦ, ଗୁଣୀ ଜ୍ଞାନୀ ମାନଙ୍କର ଆଚରଣ ଉଚ୍ଚାରଣ ଏକ ପ୍ରକାର ହେବା ଉଚିତ୍ । ଖବର କାଗଜ, ଟିଭି, ରେଡିଓ ପ୍ରତ୍ୟେକ ସଂସ୍ଥା ଦେଶ ପ୍ରେମକୁ ଗୁରୁତ୍ୱ ଦେଇ ଖବର ପରିବେଷଣ କରିବା ସହିତ ରାଜ୍ୟ ବିରୋଧି ଖବରକୁ ଖଣ୍ଡନ କରନ୍ତୁ । ସନ୍ଥ ଭୀମ ଭୋଇଙ୍କ ଲେଖାର ଗୁରୁତ୍ୱ ମନେ ପଡ଼ିଯାଏ 'ମୋ ଜୀବନ ପଛେ ନର୍କେ ପଡି ଥାଉ ଜଗତ ଉଦ୍ଧାର ପାଉ' କିନ୍ତୁ ଏଠି ତ' ନେତା ମାନେ ଓଲଟା କାର୍ଯ୍ୟରେ ଲିପ୍ତ ଥିବା ପରି ମନେ ହୁଏ । ସମାଜର ଗୁଣି, ଜ୍ଞାନୀ, ବରିଷ୍ଠ ନାଗରିକ ଯୁବପିଢ଼ି ଆଗେଇ ଆସନ୍ତୁ ଓଡ଼ିଶାର ଅସ୍ମିତା ସୁନାମକୁ ବଜାୟ ରଖନ୍ତୁ, ବନ୍ଦେ ଉତ୍କଳ ଜନନୀ, ଜୟ ହିନ୍ଦ୍।

ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ-୯
ମୋ: ୯୯୩୭୧୭୪୦୯୭

## ଉତ୍କଳ ଦିବସ
### ସରସ୍ୱତୀ ମେହେର

ଉତ୍କଳର ମାଟି ମୋ ପାଇଁ ଚନ୍ଦନ
ଏଇ ମାଟି ରେ ଲୁଚିଛି ସ୍ନେହ
ନଦୀ, ପାହାଡ,ସମୁଦ୍ରରେ ଘେରିଛି
ଗାଉଛି ଉତ୍କଳର ସଙ୍ଗୀତ ।

ପ୍ରଭାତ ହେଲେ ରବି କିରଣ ପଡେ
ଧରିତ୍ରୀ ଚମକେ ମୋତି ପରି
କୃଷକ ଝାଳ ବୁହାଇ ଦିଏ ଶସ୍ୟ
ଚାଷ କରଇ ଭଳିକି ଭଳି ।

ଉତ୍କଳର ବୀର ସନ୍ତାନ ମାନଙ୍କର
ତ୍ୟାଗ ଓ ଆହୁତି କଥା
ସଂଗ୍ରାମ କରି,ଦେଲେ ଜୀବନକୁ ବାଜି
କହେ ଇତିହାସ ଗାଥା ।

ଓଡ଼ିଆ ଭାଷା ମୋ ପରିଚୟ
ମୋର ଗର୍ବ ଗୌରବ
ସାହିତ୍ୟ,ସସ୍କୃତି , କଳା,ନୃତ୍ୟ
ସଙ୍ଗୀତ ରେ ବୈଭବ ।

ଜୟ ଉତ୍କଳ, ଜୟ ଓଡ଼ିଶା
ଆମର ଗର୍ବ ଆମର ଆଶା
ଉଚ୍ଚ ରେ ରହୁ ତୁମର ନାମ
ଓଡ଼ିଆ ହୃଦୟର ଦୀପ ଶିଖା ।

ଯୋଗିବାହାଲ, ସିନାପାଲି,ନୂଆପଡ଼ା



## କଥାତ ଏତିକି ଓଡ଼ିଶା ମାଟିର
### ପ୍ରଶାନ୍ତ କୁମାର ଦାଶ



ମାଟି ବାଲି କାଠ ପଥର ଯାହାର
ସାଜନ୍ତି ଦେବତା ଦେବୀ
ସେଇ ରାଇଜର ମାଟିରେ ଜିଇଁଚି
ଦିନେ ସୁନାପିଲା ହେବି ।

ଦାରୁରେ ଦେବତା ପୂଜା ପାଉଛନ୍ତି
ଜଗତ ମଉଡମଣି
ରାଇଜ ନୁହେଁତ ବିଶ୍ୱ ପୂଜା କରେ
କାଳିଆ ଦୟାର ଖଣି ।

ପାହାଡ଼ ଝରଣା ନଈତ ଗାଆନ୍ତି
ଶାନ୍ତି ପ୍ରୀତି ଗୀତ ଏଠି
ଆମରି ଓଡ଼ିଶାମାଟି ଗଛ ଦେହେ
କେତେ ଫୁଲ ଯାଏ ଫୁଟି ।

କୁଞ୍ଜ ସୁନ୍ଦର ବଣର ସୁଷମା
ମିଠା ଚଢେଇର ସୁର
ଥାଏ ଧରି ସ୍ନେହ ସମତା ମମତା
ଗାଆଁ ସାହି ପଲ୍ଲୀ ପୁର ।

ପବିତ୍ର ଏ ଦେବ ଭୂମିର କୋଳକୁ
ଦେବତା ଆସନ୍ତି ଧାଇଁ
ଆକାଶ ବରଷା ଖରା ଢାଳିଦେଇ
ମାଟିକୁ ରହଇ ଚାହିଁ ।

କଥା କହୁଅଛି ଓଡ଼ିଶା ମାଟିର
ଛାତିରେ ରଖି ମୋ ପାଦ
ଯାଉ ଦୂରେ ହଟି ମଣିଷ ଯାତନା
ହିଂସା ଘନଘଟା ବାଦ ।

ମାଆ ମାତୃଭାଷା ମାତୃଭୂମି ମୋର
ସାରା ଜୀବନକୁ ସାହା
ଜଗା କାଳିଆର ଅବଢ଼ା ଅମୃତ
କି ସୁଆଦ ସତେ ଆହା ।

କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ -୯୬୬୮୮୨୨୧୯୦

## ଉତ୍କଳ ଜନ୍ମ ଜୟନ୍ତୀ
### ରାମଚନ୍ଦ୍ର ବେହେରା



ଜାତି ପ୍ରାଣ ମଧୁ ପ୍ରିୟ ଗୋପବନ୍ଧୁ
କୃଷ୍ଣଚନ୍ଦ୍ର ଗଜପତି
ଫକୀର ମୋହନ କବି ଗଂଗାଧର
ଅଭୁଲା ତାଂକରି ସ୍ମୃତି
ନୀଳକଣ୍ଠ ରାଧାନାଥ
ମା'ରମାଦେବୀଂକ ସଫଳ ପ୍ରୟାସେ
ଖୋଲିଥିଲା ନୂଆ ପଥ।

କେତେ ଦୁଃଖ ଆଉ କଷଣ ସହି ସେ
ଲଢିଥିଲେ ରାଜ୍ୟ ପାଇଁ
ଭାଷା ଆଧାରରେ ସ୍ୱତନ୍ତ୍ର ରାଜ୍ୟରେ
ହସିଲା ଉତ୍କଳ ଭୂଇଁ
ଏପ୍ରିଲ୍ ଏକ ତାରିଖ
ଅତୀତର ସେହି ସ୍ମୃତି ଚାରଣରେ
ମିଳିଥାଏ ସ୍ୱର୍ଗ ସୁଖ।

ସୁଜଳା ସୁଫଳା ଖଣି ରାଜଜେମା
ସମୃଦ୍ଧିର ବାର୍ତ୍ତା ଦିଏ
ପୁରୀ କୋଣାରକ ନୀଳାମ୍ବୁ ଚିଲିକା
ଦର୍ଶକଂକ ମନ ମୋହେ
ଧନ୍ୟ ତା'କଳା ସ୍ଥାପତ୍ୟ
ଧନ୍ୟ ତା'ସଭ୍ୟତା ଧନ୍ୟ ତା'ସଂସ୍କୃତି
ଧନ୍ୟ ତା'ଭାଷା ସାହିତ୍ୟ।

ଆଜି ପରା ତା'ର ଜନମ ଜୟନ୍ତୀ
ପାଳିବେ ରାଇଜବାସୀ
ବନ୍ଦେ ମା'ଉତ୍କଳ ଜନନୀ ସଂଗୀତ
ଭରିବ ପରାଣେ ଖୁସି
ଭୁଲି ମାନ ଅଭିମାନ
ବୀର ସନ୍ତାନଂକ ସ୍ମୃତିକୁ ସାଉଁଟି
କରିବେ ତାଂକ ପୂଜନ।

ଆମରି ଅସ୍ମିତା ଆମରି ଐତିହ୍ୟ
ବିଜୟର ଗାଥା ଗାଏ
ମାତୃଭୂମି ପାଇଁ ଶ୍ରଦ୍ଧା ମନୋଭାବ
ଉତ୍କଳୀୟ ପ୍ରାଣେ ଶୋହେ
ଆସ ତା'ଜନ୍ମ ଦିବସେ
ଶ୍ରମଦାନ କରି ତା'ଟେକ ରଖିବା
ସମଗ୍ର ଭାରତ ବର୍ଷେ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଉତ୍କଳ ଦିବସ
### ସୁଧାକର ରାଉତ



ଏ ଓଡ଼ିଶା ମୋହର ଜନମ ଭୂଇଁ
ଜଗତ ମଧ୍ୟରେ ସାର
କଳାରେ ଉତ୍କର୍ଷତା ଯୋଗୁ ବହିଛି
ଉତ୍କଳ ନାମଟି ତାର ।

ସୁଜଳା, ସୁଫଳା ଶସ୍ୟ ଶ୍ୟାମଳା
ଅଟଇ ରାଜ୍ୟ ମୋର
ମହୋଦଧି ନିତି ଚରଣ ଆନନ୍ଦେ
ପଖାଳି ଥାଏ ତ ଯାର ।

ତାର ନଦନଦୀ ପାହାଡ ଝରଣା
ନିରବେ ତା ଗାଥା ଗାଏ
ମନ୍ଦିର, ସ୍ତୁପ, ଗୁମ୍ଫା ସବୁ ତାହାର
ଐତିହ୍ୟ ବଖାଣି ଥାଏ ।

ଅତୀତେ ମୋ ଜନ୍ମଭୂମି ରହିଥିଲା
ବଙ୍ଗ ଓ ବିହାରେ ମିଶି
ଖଣ୍ଡ ବିଖଣ୍ଡିତ ଶିରୀହୀନ ହୋଇ
କାନ୍ଦୁଥିଲା ମୋ ମା ବସି ।

ଜନନୀ ମୁଖେ ହସ ଭରିବା ଲାଗି
ମଧୁ, ଗୋପ ପରି ବୀର
ସଂଗ୍ରାମ କରିଲେ ଫକୀରମୋହନ
କୃଷ୍ଣଚନ୍ଦ୍ର, ଗଙ୍ଗାଧର ।

ଉଣେଇଶ ଛତିଶ ଅପ୍ରେଲ ଏକରେ
ସେ ସ୍ୱତନ୍ତ୍ର ରାଜ୍ୟ ହେଲା
କୋଟି କୋଟି ଓଡ଼ିଆଙ୍କ ପ୍ରାଣରେ
ହସ ଫୁଲ ଫୁଟାଇଲା ।

ସେହି କଷ୍ଟଲବ୍ଧ ସ୍ୱତନ୍ତ୍ରତା ଆମ
ହୋଇଛି ଗୌରବ ଗର୍ବ
ଆସ ତା ବିକାଶ ବାନା ଉଡାଇବା
ଭୁଲି ମନୁ ଭେଦ ଭାବ ।

+ ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

# ଉତ୍କଳ ପ୍ରଦେଶ ଗଠନର ଅନୁଚିନ୍ତା



## ଦଶରଥ ହେମ୍ବ୍ରମ୍



ଏପ୍ରିଲ ୧ ତାରିଖକୁ ଓଡ଼ିଶା ଇତିହାସର ଏକ ଅବିସ୍ମରଣୀୟ ଦିନ, ଯାହାକୁ ନେଇ ପ୍ରତ୍ୟେକ ଓଡ଼ିଆ ଆଜି ଗର୍ବ ଅନୁଭବ କରୁଛନ୍ତି। ଆଜି ଦିନରେ ଓଡ଼ିଶା ପାଇଥିଲା ନିଜର ଏକ ସ୍ୱତନ୍ତ୍ର ପରିଚୟ। କିନ୍ତୁ ଏହା ପୂର୍ବରୁ ରାଜ୍ୟର ପଶ୍ଚିମ ଭାଗ ଅର୍ଥାତ୍ ଆଜିର ପଶ୍ଚିମ ଓଡ଼ିଶା ସମ୍ବଲପୁର ମଧ୍ୟପ୍ରଦେଶ ସହିତ ଏବଂ ଉତ୍ତରରେ ଥିବା ଓଡ଼ିଶାର ବାଲେଶ୍ୱର ବଙ୍ଗ ପ୍ରଦେଶରେ ସାମିଲ ହୋଇ ରହିଥିଲା। ସେହିପରି କିଛି ଅଂଶ ବିହାର ଏବଂ ମାଡ୍ରାସ ପ୍ରେସିଡେନ୍ସି ଅଧୀନରେ ରହିଥିବା ବେଳେ ଇଂରେଜ କବଳରେ କବଳିତ ଉତ୍କଳ ସନ୍ତାନଗଣ। ଅହେତୁକ ଶୋଷଣ, ଅତ୍ୟାଚାର ଓ ନିର୍ଯ୍ୟାତନାରେ ଶିକାର ହେବାକୁ ପଡ଼ିଲା। ଉତ୍କଳ ପ୍ରଦେଶର ସମୃଦ୍ଧ ଅତୀତର ଇତିହାସ, କଳା ସଂସ୍କୃତି ଓ ପରମ୍ପରା ମାଟିରେ ମିଶିବାକୁ ଯାଉଥିବା ବେଳେ ଉତ୍କଳୀୟ ବୀରମାନେ ଜାଗ୍ରତ ହୋଇଉଠିଲେ ଏବଂ ଉତ୍କଳପ୍ରଦେଶକୁ ଏକ ସ୍ୱତନ୍ତ୍ର ପରିଚୟ ଦେବାରେ କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସମେତ ଉତ୍କଳମଣି ଗୋପବନ୍ଧୁ ଦାଶ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ପଣ୍ଡିତ ନୀଳକଣ୍ଠ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, ସ୍ୱଭାବ କବି ଗଙ୍ଗାଧର ମେହେର, ସାର୍ ବାସୁଦେବ ସୁଢଳଦେବ, କବିବର ରାଧାନାଥ ରାୟ, ଭୂବନାନନ୍ଦ ଦାସ, କର୍ମବୀର ଗୌରୀଶଙ୍କର ରାୟ, ପ୍ୟାରୀମୋହନ ଆଚାର୍ଯ୍ୟ, ନୀଳମଣି ବିଦ୍ୟାରତ୍ନ, ଚନ୍ଦ୍ରଶେଖର ବେହେରା, ବିକ୍ରମ ଦେବବର୍ମା, ଯଦୁମଣି ମଙ୍ଗରାଜ, ପଣ୍ଡିତ ଗଦାବରିଶ ମିଶ୍ର, ସାମ୍ବାଦିକ ଶଶୀଭୂଷଣ ରଥ, ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ଏବଂ ଆହୁରି ଅନେକ ବୀର ପୁରୁଷ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଦୀର୍ଘଦିନର ସଂଘର୍ଷ ପରେ ୧୯୩୬ ଏପ୍ରିଲ ୧ ତାରିଖରେ ଭାଷା ଭିତ୍ତିରେ ଆମ ଓଡ଼ିଶାକୁ ମିଳିଥିଲା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଏବଂ ଭାଷା ଭିତ୍ତିରେ ଓଡ଼ିଶା ଥିଲା ଭାରତର ପ୍ରଥମ ରାଜ୍ୟ। ତେଣୁ ଏହାକୁ ଉତ୍କଳ ଦିବସ ଭାବରେ ପାଳନ କରାଯାଏ।

ଇତିହାସକୁ ଦେଖିଲେ ଆମେ ଜାଣିପାରିବା ଯେ, ୧୯୩୬ ପୂର୍ବରୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ସ୍ୱତନ୍ତ୍ର ପରିଚୟ ନ ଥିଲା କହିଲେ ହୁଏତ ଭୁଲ ହେବ ନାହିଁ। ସେହି ସମୟରେ ଉତ୍କଳର ବିଭିନ୍ନ ଅଞ୍ଚଳ ବ୍ରିଟିଶ ଅମଳର ବିଭିନ୍ନ ପ୍ରେସିଡେନସିରେ ମିଶି ରହିଥିବାରୁ ଓଡିଆ ଭାଷା ବଦଳରେ ଓଡିଆମାନେ ତେଲୁଗୁ, ହିନ୍ଦୀ ଏବଂ ବଙ୍ଗାଳୀ ଭାଷା କହିବାକୁ ପଡୁଥିଲା। ଏହି ପରିପ୍ରେକ୍ଷୀରେ ବଙ୍ଗଳାର କିଛି ଶିକ୍ଷିତ ବ୍ୟକ୍ତି ଓ କେତେକ ବଙ୍ଗାଳୀ ପଣ୍ଡିତ ମାନେ 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ' ବୋଲି ଦାବି କରିଥିଲେ। ଏହା ବଙ୍ଗଳା ଭାଷାର ଏକ ଉପଭାଷା ଏବଂ 'ଓଡିଆ ଏକ ଜାତି ନୁହନ୍ତି' ବୋଲି ବଙ୍ଗାଳୀମାନେ କହିଥିଲେ। ଏଣୁ ଏହାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ନ ଦେଇ, ବଙ୍ଗାଳୀ ଭାଷାଭାଷୀ ଅଞ୍ଚଳରେ ମିଶାଇଦେବା ପାଇଁ ସେମାନେ ଦାବି ଉପସ୍ଥାପନ କରିଥିଲେ। ଏହାକୁ ନେଇ ସେତେବେଳେ ଏକ ବଡ଼ ବିବାଦ ଉତ୍କଳ ପ୍ରଦେଶରେ ଛିଡା କରିଦେଇଥିଲା। ଇତିମଧ୍ୟରେ ଓଡ଼ିଶାର ସ୍କୁଲମାନଙ୍କରୁ ଓଡ଼ିଆ ଭାଷା ଉଠାଇ ବଙ୍ଗଳା ଭାଷାର ପ୍ରଚଳନ କରି ଓଡ଼ିଶାକୁ ବଙ୍ଗରେ ସାମିଲ କରିବାର ବିରାଟ କୂଟଚକ୍ରାନ୍ତ ହୋଇଥିଲା। ସେହିପରି ତେଲୁଗୁମାନେ ମଧ୍ୟ ଦକ୍ଷିଣ ଓଡ଼ିଶାରେ ଆଧିପତ୍ୟ ବିସ୍ତାର ପାଇଁ କୂଟନୀତି ପ୍ରୟାଗ କରିଥିଲେ। ୧୮୯୫ରେ ପଶ୍ଚିମ ଓଡିଶାର ସମ୍ବଲପୁରରେ ହିନ୍ଦୀ ଭାଷାକୁ ସରକାରୀ କାର୍ଯ୍ୟ ଓ ଶିକ୍ଷାର ମାଧ୍ୟମ କରାଯାଇଥିଲା। ଏହାର ପ୍ରତିବାଦରେ ଓଡ଼ିଆ ଭାଷାପ୍ରେମୀମାନେ ଏକତ୍ର ହୋଇ ଭାଷା ସାହିତ୍ୟ ଆନ୍ଦୋଳନ ତୀବ୍ର କରିଥିଲେ। କର୍ମବୀର ଗୌରୀଶଙ୍କର ରାୟଙ୍କ 'ଉତ୍କଳ ସଭା' ମାଧ୍ୟମରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା ନିମନ୍ତେ ଏବଂ ଉତ୍କଳ ଗୌରବ ମଧୁସୂଦନ ଦାସ ଓ କର୍ମବୀର ଗୌରିଶଙ୍କରଙ୍କ ଦ୍ୱାରା 'ଉତ୍କଳ ଦୀପିକା' ପ୍ରତିଷ୍ଠା କରି ଭାଷା ସାହିତ୍ୟର ପ୍ରଚାର ପ୍ରସାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। କବି ଓ ଲେଖକଙ୍କର ସାହିତ୍ୟ ସାଧନା ଅବ୍ୟାହତ ରହିବାରୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଏକ ବିଶାଳ ଭୂଖଣ୍ଡରେ ତିଷ୍ଠିବା ସହିତ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକର ଏକତ୍ରୀକରଣ ପାଇଁ ଆନ୍ଦୋଳନ ଆରମ୍ଭ ହୋଇଥିଲା। କିନ୍ତୁ ପାଶ୍ଚାତ୍ୟ ଶିକ୍ଷା ଓ ଛାପାଖାନାର ପ୍ରଚାର ପ୍ରସାର ଫଳରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିପନ୍ନ ହୋଇପଡ଼ିଥିଲା, ଯାହା ଆଜି ଆମେ ମରମେ ମରମେ ଅନୁଭବ କରିପାରୁଛୁ।

ଉତ୍କଳ ପ୍ରଦେଶ ଗଠନ ଏବଂ ଭାଷା ସାହିତ୍ୟ ଲକ୍ଷ୍ୟ ହାସଲ ପାଇଁ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠିତ ହୋଇଥିଲା। କୁଳବୃଦ୍ଧ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱ ତଥା ମହାରାଜା, ରାଜା, ପ୍ରଜା, ଚାଷୀ, ମୂଲିଆ ଓ ଜମିଦାରଙ୍କ ସହଯୋଗରେ ସ୍ୱତନ୍ତ୍ର ରାଜ୍ୟ ଗଠନ ଏବଂ ଭାଷା ସାହିତ୍ୟ ଆନ୍ଦୋଳନ ହୋଇଥିଲା। ଏହି ଆନ୍ଦୋଳନରେ ଆଦିବାସୀ ମଧ୍ୟ ସାମିଲ ରହି ଉତ୍କଳ ପ୍ରଦେଶ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ପରିଶେଷରେ ଜନ୍ମ ନେଇଥିଲା ଭାଷାଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ, ବର୍ତ୍ତମାନର ଓଡ଼ିଶା। ତେବେ ଆଧୁନିକ ଓଡ଼ିଶା ଇତିହାସର ଏହା ଥିଲା ଅନ୍ୟତମ ଉଲ୍ଲେଖନୀୟ ଘଟଣା। ଓଡ଼ିଆଙ୍କର ସ୍ୱତନ୍ତ୍ର ପରିଚୟ ଏବଂ ପ୍ରତିଷ୍ଠା ଦିବସକୁ ମନେ ରଖିବା ପାଇଁ କୋଟି କୋଟି ଓଡ଼ିଆ ଏହି ଦିନକୁ ପାଳନ କରିଥାନ୍ତି। ଅନେକ ସ୍ଥାନରେ ଉତ୍କଳ ପ୍ରସଙ୍ଗ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ପରସ୍ପର ମଧ୍ୟରେ ଏକତା, ଭ୍ରାତୃତ୍ୱ ତଥା ଓଡ଼ିଶାର ଗୌରବମୟ ଭାଷା ସାହିତ୍ୟ, ଇତିହାସ, ଐତିହ୍ୟ ଓ ପରମ୍ପରାର ସ୍ମୃତିଚାରଣ କରିବାର ପ୍ରମୁଖ ଉଦ୍ଦେଶ୍ୟ ବହନ କରିଥାଏ। ଓଡ଼ିଶାର ରାଜନୈତିକ, ସାମାଜିକ, ଅର୍ଥନୈତିକ ବ୍ୟବସ୍ଥାକୁ ସୁଦୃଢ଼ କରି ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେବା ମଧ୍ୟ ଆଜିର ଏହି ଖାସ ଦିନ ଅବସରରେ ଓଡ଼ିଆମାନେ ସଂକଳ୍ପ ନେଇଥାନ୍ତି। ତେଣୁ ଏପ୍ରିଲ ୧ ତାରିଖକୁ ଉତ୍କଳ ଦିବସ ପ୍ରତି ବଦଳରେ ସଂକଳ୍ପ ଦିବସ ମଧ୍ୟ କୁହାଯାଇପାରେ। ଏହିଭଳି ଐତିହାସିକ ଦିନକୁ ଓଡ଼ିଶାବାସୀ କେବେ ଭୁଲି ପାରିବେ ନାହିଁ।

+ ବାଲେଶ୍ୱର,
ମୋ-୯୩୩୭୪୦୪୨୫୪

# ଜନଗଣନା -୨୦୨୭ ନିମନ୍ତେ ଜନଗଣନାକାରୀ ଏବଂ ନିରୀକ୍ଷକ ମାନଙ୍କ ଜିଲାଓ୍ୱାରୀ ପ୍ରଶିକ୍ଷଣ ଚାଲୁ

ଖୋର୍ଦ୍ଧା , ୩୧/୩ (ନି.ପ୍ର): ଆଗାମୀ ୨୦୨୭ ମସିହାରେ ଭାରତ ସରକାରଙ୍କ ପକ୍ଷରୁ ସମଗ୍ର ଦେଶରେ ଜନଗଣନା କାର୍ଯ୍ୟ ସମ୍ପାଦିତ ନିମନ୍ତେ କାର୍ଯ୍ୟ ଆରମ୍ଭ ହୋଇଯାଇଅଛି । ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ତହସିଲ, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ମାନଙ୍କରେ ତା ୨୩.୦୩.୨୦୨୬ ରିଖ ଠାରୁ ବୋଲଗଡ଼ ତହସିଲ ରେ ଗଣନା କାରୀ ଏବଂ ନିରୀକ୍ଷକ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଜାଇଆସୁ ଥିବା ବେଳେ ଆସନ୍ତା ଏପ୍ରିଲ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପିଚୁକୁଳି ଠାରେ ପ୍ରଦାନ କରାଯିବ । ସେହିପରି ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ମିଳନୀ କକ୍ଷରେ ଏପ୍ରିଲ ୨ ,୪ ଓ ୬ ତାରିଖ, ଟାଙ୍ଗୀ ବିଜ୍ଞାପିତ ଅଞ୍ଚଳ ପରିଷଦ ନିମନ୍ତେ ଟାଙ୍ଗୀ ବ୍ଲକ ସମ୍ମିଳନୀ କକ୍ଷରେଏପ୍ରିଲ ୬ ତାରିଖରୁ ୮ ତାରିଖ,ଜଟଣୀ ପୌରାଞ୍ଚଳ ନିମନ୍ତେ ଆସନ୍ତା କାଲି ତା ୩୧.୦୩.୨୦୨୬ ରିଖ ଓ ଏପ୍ରିଲ୨,୪,୬,୭,୮,୯ ତାରିଖ ସୁଶୀଳା ଦେବୀ ପ୍ରଗତି ବିଦ୍ୟାପୀଠ, ବଛରା, ବାଣପୁର ତହସିଲ ନିମନ୍ତେ ମାର୍ଚ୍ଚ ୩୧ ତାରିଖ, ଏପ୍ରିଲ୍ ୨,୪ ଓ ୬ ତାରିଖରେ ପି ଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଣପୁର, ବାଲିପାଟଣା ତହସିଲ ନିମନ୍ତେ ଏପ୍ରିଲ ୨ ରୁ ୧୦ ତାରିଖ ମଞ୍ଜରୀ ଦେବୀ ମହାବିଦ୍ୟାଳୟ ଠାରେ, ଟାଙ୍ଗୀ ତହସିଲ ନିମନ୍ତେ ମାର୍ଚ୍ଚ ୩୧ ତାରିଖ,ଏପ୍ରିଲ୍ ୧ ତାରିଖରୁ ୧୦ ତାରିଖ ବଳରାମ ବିଦ୍ୟାପୀଠ, ଟାଙ୍ଗୀ ଠାରେ, ଖୋର୍ଦ୍ଧା ପୌର ପରିଷଦ ନିମନ୍ତେ ମାର୍ଚ୍ଚ ୩୧ ତାରିଖ,ଏପ୍ରିଲ୍ ୨ ରୁ ୧୦ ତାରିଖ ଖୋର୍ଦ୍ଧା ପୌର ପରିଷଦ ସମ୍ମିଳନୀ କକ୍ଷରେ, ଭୁବନେଶ୍ୱର ତହସିଲ ନିମନ୍ତେ ମାର୍ଚ୍ଚ ୩୧ ତାରିଖ,ଏପ୍ରିଲ୍ ୨,୪,୬,୭,୮,୯, ୧୦ ତାରିଖରେ ଭୁବନେଶ୍ୱର ବ୍ଲକ୍ ସମ୍ମିଳନୀ କକ୍ଷରେ, ବେଗୁନିଆ ତହସିଲ ନିମନ୍ତେ ମାର୍ଚ୍ଚ ୩୧ ତାରିଖ, ଏପ୍ରିଲ୍ ୨ ଓ ୪ ତାରିଖରେ ବେଗୁନିଆ କଲେଜ୍ ଠାରେ ଏବଂ ଏପ୍ରିଲ୍ ୫,୬,୭ ତାରିଖରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବେଗୁନିଆ ଠାରେ, ଖୋର୍ଦ୍ଧା ତହସିଲ ନିମନ୍ତେ ମାର୍ଚ୍ଚ ୩୧ ତାରିଖ, ଏପ୍ରିଲ୍ ୨,୪,୬,୭ ତାରିଖରେ ବ୍ଲକ୍ ଅଫିସ, ଖୋର୍ଦ୍ଧା ଓ ଖୋର୍ଦ୍ଧା ପୌରପରିଷଦ କାର୍ଯ୍ୟାଳୟରେ, ଜଟଣୀ ତହସିଲ ପାଇଁ ମାର୍ଚ୍ଚ ୩୧ ତାରିଖ, ଏପ୍ରିଲ୍ ୧,୪,୬,୭, ତାରିଖ ରେ ନାଇଜର ଠାରେ, ବାଲିଅନ୍ତା ତହସିଲ ନିମନ୍ତେ ଏପ୍ରିଲ୍ ୨ ରୁ ୧୦ ତାରିଖ ମଞ୍ଜରୀ ଦେବୀ ନର୍ସିଂ କଲେଜ ଠାରେ, ଚିଲିକା ତହସିଲ ନିମନ୍ତେ ଏପ୍ରିଲ୍ ୪,୬,୭ ତାରିଖ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଚିଲିକା ବ୍ଲକ୍ କାର୍ଯ୍ୟାଳୟ ଠାରେ ଏବଂ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ନିମନ୍ତେ ମାର୍ଚ୍ଚ ୩୧ ତାରିଖ ଏପ୍ରିଲ୍ ୨,୪,୬,୭ ତାରିଖରେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ । ଏଣୁ ସଂପୃକ୍ତ ସୀମାର ଗଣନା କାରୀ ଓ ନିରୀକ୍ଷକ ମାନେ ସେମାନଙ୍କ ପାଇଁ ଧାର୍ଯ୍ୟ ତାରିଖ ଓ ସ୍ଥାନ, ସମୟରେ ପ୍ରଶିକ୍ଷଣ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାଇଦିଆଗଲା ।

# ନିର୍ବାଚିତ ଜିଲ୍ଲା ବାର ଏବଂ ବେତନଟୀ ବାର ଏସୋସିଏସନର ସଭାପତିଙ୍କୁ ସମ୍ବର୍ଦ୍ଧନା



ବେତନଟୀ, ୩୧/୩ (ନି.ପ୍ର): ନବନିର୍ବାଚିତ ବାରିପଦାସ୍ଥିତ ଜିଲ୍ଲା ବାର ଏସୋସିଏସନର ସଭାପତି ଜ୍ୟୋତିପ୍ରକାଶ ରଥ ଏବଂ ବେତନଟୀ ବାର ଏସୋସିଏସନ ସଭାପତି ତଥା ବରିଷ୍ଠ ଆଇନଜୀବୀ ରବିନାରାୟଣ ମହାପାତ୍ରଙ୍କୁ ବେତନଟୀ ବଜାରସ୍ଥିତ ଜୟଶ୍ରୀରାମ ଛକରେ ଜୟଶ୍ରୀରାମ ସେନା ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । କଟକସ୍ଥିତ ଷ୍ଟେଟ ବାର କାଉନସିଲ ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ନିକଟରେ ରାଜ୍ୟର ବିଭିନ୍ନ ବାର ଏସୋସିଏସନ ମାନଙ୍କରେ ନିର୍ବାଚନ ସମ୍ପାଦନ ପୂର୍ବକ ଫଳାଫଳ ଘୋଷଣା କରାଯାଇଥିଲା । ବାରିପଦାସ୍ଥିତ ମୟୂରଭଞ୍ଜ ଜିଲ୍ଲା ବାର ଏସୋସିଏସନର ସଭାପତି ଭାବେ ଜ୍ୟୋତିପ୍ରକାଶ ରଥ ଏବଂ ବେତନଟୀ ବାର ଏସୋସିଏସନର ସଭାପତି ଭାବେ ରବିନାରାୟଣ ମହାପାତ୍ର ବିପୁଳ ଭୋଟ ବ୍ୟବଧାନରେ ବିଜୟଲାଭ କରିଥିବା ବେଳେ ଏହି ପରିପ୍ରେକ୍ଷୀରେ ବେତନଟୀ ଜୟଶ୍ରୀରାମ ସେନା ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟ କ୍ରମର ଆୟୋଜନ କରାଯାଇଥିଲା । ବେତନଟୀ ମୁଖ୍ୟବଜାରସ୍ଥିତ ଜୟଶ୍ରୀରାମସେନା କାର୍ଯ୍ୟାଳୟରେ ଜୟଶ୍ରୀରାମ ସେନାର ପ୍ରତିଷ୍ଠାତା ସଭାପତି ଯୁବଆଇନଜୀବୀ ସନ୍ଦୀପ କୁମାର ମିଶ୍ର(କାର୍ତ୍ତିକ)ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ବାର ଏସୋସିଏସନର ସଭାପତି ଜ୍ୟୋତିପ୍ରକାଶ ରଥ ଏବଂ ବେତନଟୀ ବାର ଏସୋସିଏସନର ସଭାପତି ରବିନାରାୟଣ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପାୟନ ପ୍ରଦାନ ପୂର୍ବକ ଭବ୍ୟ ସ୍ୱାଗତସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଜୟଶ୍ରୀରାମ ସେନା ପକ୍ଷରୁ ପ୍ରଦତ୍ତ ସ୍ୱାଗତ ସମ୍ବର୍ଦ୍ଧନାରେ ଉଭୟ ଅଭିଭୂତ ହୋଇଥିଲେ । ଏହି ଅବସରରେ ଆୟୋଜକ ଜୟଶ୍ରୀରାମ ସେନା ପକ୍ଷରୁ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟଗଣ ମଧ୍ୟ ଉପସ୍ଥିତ ରହିଥିଲେ।

# ନିଖିଳ ଉତ୍କଳ ଗୋଲା ସମାଜର ରାଜ୍ୟସ୍ତରୀୟ ସମ୍ମିଳନୀ

ଭଦ୍ରକ , ୩୧/୩ (ନି.ପ୍ର): ଭଦ୍ରକ ଜିଲ୍ଲା ଲକ୍ଷ୍ମୀନାରାୟଣ ଗୋଲା ମହାସଂଘ ଆନୁକୁଲ୍ୟରେ ଗତକାଲି ସୋମବାର ଇଚ୍ଛାପୁର ନିକଟସ୍ଥ ଭବାନୀବିନ୍ଧା ଗଣେଶ ମଣ୍ଡପଠାରେ ନିଖିଳ ଉତ୍କଳ ଗୋଲା ସମାଜର ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଯଶୋବନ୍ତ ବେହେରା ଅଧ୍ୟକ୍ଷତା କରିଥିବାବେଳେ ସଭା ସଂଚାଳନ କରିଥିଲେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ପ୍ରାଧ୍ୟାପକ ଶିବ ଚରଣ ଖାମୁରାଇ । ମୁଖ୍ୟ ଅତିଥି ଭାବରେ ବୋଲଗଡର ଇତିହାସର ରଚୟିତା ସାମାଜିକ କର୍ମୀ ରବୀନ୍ଦ୍ର କୁମାର ପରିଡା ଯୋଗଦେଇ ଗୋଲା ଜାତି ଏକ କୃଷିଭିତ୍ତିକ ଜାତି । ଚାଷବାସ ହେଉଛି ପ୍ରଧାନବୃତ୍ତି । ଧରିତ୍ରୀ ବକ୍ଷରେ ସୁନାର ଫସଲ ଉତ୍ପନ୍ନ କରେ ମାଟିକୁ ଶସ୍ୟଶ୍ୟାମଳ କରିବା ସହ ଦେଶକୁ ଖାଦ୍ୟଶସ୍ୟ ଯୋଗାଣ କରିଥାଏ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ସୁଦୂର ସୋନପୁର ବିନିକା ବ୍ଲକର ପୂର୍ବତନ ଚେୟାରମ୍ୟାନ୍ ଉଷତ୍ କର ଯୋଗଦେଇ କୃଷି ଓ କୃଷକ ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ବୋଲି କହିଥିଲେ । ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ହରିହର ହାସ । ସେ ତାଙ୍କ ବକ୍ତବ୍ୟରେ ବୃକ୍ଷରୋପଣ ପ୍ରକୃତି ଓ ପରିବେଶ ଉପରେ ଆଲୋକପାତ କରିଥିଲେ । ତାଙ୍କ ଦ୍ୱାରା ଲିଖିତ ଅନେକ ପୁସ୍ତକ ଉପସ୍ଥିତ ଲୋକଙ୍କୁ ବଂଟନ କରାଯାଇଥିଲା । ସମ୍ମାନିତ ଅତିଥି ଭାବରେ ନୟାଗଡ ଜିଲ୍ଲାରୁ ସମାଜସେବୀ ସ୍ନେହରଞ୍ଜନ ଜୟସିଂହ, ସେବତୀ ପରିଡ଼ା, ଗଞ୍ଜାମ ରୁ ଜୟଦେବ ଜେନା, କଳାହାଣ୍ଡିରୁ ଜୀତେନ୍ଦ୍ର କୁମାର ମହାନ୍ତି, ବାଲେଶ୍ୱରରୁ ଅଧ୍ୟାପକ ବିଜୟ ଘୋଷ, ନିରଞ୍ଜନ ଗିରି, ରୂପସୀ ନୀଳମଣି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବଂଶୀଧର ଦାସ, ପ୍ରକୃତିବନ୍ଧୁ ବଳରାମ ବେହେରା (ଗୋପାଳଗାଁ), ଯାଜପୁର ରୁ ଡଃ ନୃସିଂହ ଚରଣ ବେହେରା, କର୍ଣ୍ଣଚନ୍ଦ୍ର ଘଡାଇ, ମକରଧ୍ୱଜ ସାହୁ, ଅଭିମନ୍ୟୁ ମଲ୍ଲ, ଚିତ୍ତରଞ୍ଜନ ମହାନ୍ତି, ବାଲେଶ୍ୱର ରେମୁଣା ଜିଲ୍ଲା ପରିଷଦ ସଭ୍ୟ ଅଭିମନ୍ୟୁ ଧନ୍ଦା, ଭଦ୍ରକ, ଆଗରପଡାରୁ ଡଃ ହୃଷିକେଶ ଗିରି, କାର୍ତ୍ତିକ ଚନ୍ଦ୍ର ଗିରି, ରାମକୃଷ୍ଣ ପାଳ, ଦୋଳସାହିରୁ କାହ୍ନୁ ଚରଣ ସାହୁ, ମଧୁସୂଦନ ସାହୁ, ସୁରେନ୍ଦ୍ର ଖାମୁରାଇ, ଇଚ୍ଛାପୁରରୁ କୈଳାସ ଖାମୁରାଇ, ଗଦାଧର ଖାମୁରାଇ, ନିରଞ୍ଜନ ଖାମୁରାଇ, ମହେନ୍ଦ୍ର ଜେନା, ଗୌରାଙ୍ଗ ପାଳ, କୃଷ୍ଣଚନ୍ଦ୍ର ଜେନା, ନରହରି ମହାନ୍ତି ଓ ଅଧ୍ୟାପକ ମହେନ୍ଦ୍ର ଗିରି ପ୍ରମୁଖ ଯୋଗଦେଇଥିଲେ । ଦୁଇଜଣ ମେଧାବୀ ଗରିବ ଛାତ୍ରୀ ଭୂମିକା ପ୍ରିୟଦର୍ଶିନୀ ଓ ଦୀପାଂଶୀ ପାଳ ଓ ଦୁଇଜଣ ସଫଳ ଚାଷୀ ଗଣେଶ ଖାମୁରାଇ ଓ ସରୋଜିନୀ ଖାମୁରାଇ ମହିଳା ଚାଷୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଧନ୍ୟବାଦ ଅର୍ପଣ କରିଥିଲେ ଆଦର୍ଶ ଶିକ୍ଷକ ଦୁର୍ଯ୍ୟୋଧନ ଖାମୁରାଇ ।

# ହନୁମାନ ଜୟନ୍ତୀ ପାଇଁ ପୁରୁଣା ବସ୍ତି ଜୋନ୍ କମିଟି ଗଠିତ

ସମ୍ବଲପୁର, ୩୧/୩ (ନି.ପ୍ର): ଚଳିତ ବର୍ଷ ହନୁମାନ ଜୟନ୍ତୀକୁ ଭବ୍ୟ ଓ ବିଶାଳ କରିବା ପାଇଁ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ସମ୍ବଲପୁର ସହର୍ ର ବିଭିନ୍ନ ସ୍ଥାନରେ ବୈଠକ ମାନ ଅନୁଷ୍ଠିତ କରାଯାଉଛି । ସମ୍ବଲପୁର ମହାନଗର ନିଗମ ଅଞ୍ଚଳକୁ ବିଭିନ୍ନ ଜୋନ୍ ରେ ବିଭାଜିତ କରାଯାଇଛି। ଏହି ଅବସରରେ ପର୍ଶୁରାମ ଭବନ ଠାରେ ପୁରୁଣା ବସ୍ତି ଜୋନ୍ ର ଏକ ଗୁରୁତତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି ।

# ଜନ୍ମଦିନରେ ରକ୍ତଦାନ କଲେ ସମାଜସେବୀ ଅମର ଭାଇ: ୧୨୫ ୟୁନିଟ ରକ୍ତ ସଂଗ୍ରହ

ବାରିପଦା, ୩୧/୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାସ୍ତବ ପରିବାର ଆନୁକୂଲ୍ୟରେ ତଥା ଆର କେ ଫାଉଣ୍ଡେସନର ସହଯୋଗରେ ବିଶିଷ୍ଟ ସମାଜସେବୀ ଅମର କୁମାର ସେଠି ତାଙ୍କ ୫୮ ତମ ଜନ୍ମଦିନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ଓ ଏହି ଶିବିରରେ ଅମର ଭାଇଙ୍କ ସମେତ ମୋଟ ୧୨୫ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ ଓ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ସମ୍ମାନିତ ଅତିଥି ଭାବେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ଯୋଗଦେଇ ଏହି ଶିବିରକୁ ଉଦଘାଟନ କରିବା ସହ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ, କାଉନସିଲର ଅନନ୍ତ ଦାସ ଓ ଆର କେ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା କାଉନସିଲର ସୁକେଶିନୀ ସେଠି, ସୁନୀଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ଓ ପରବର୍ତ୍ତୀ ସମୟରେ ଏମ ସି ସି ବ୍ୟାଙ୍କ ସଭାପତି ସୁବ୍ରମନିୟମ ମହାନ୍ତି, ବାର ଏସୋସିଏସନର ଉପସଭାପତି ସତ୍ୟବ୍ରତ ଦାଶ, କାଉନସିଲର ଦେବାଶିଷ ପାତ୍ର ଉପସ୍ଥିତ ରହି ରକ୍ତଦାତା ବିଶିଷ୍ଟ ବ୍ୟକ୍ତିବିଶେଷ ସରୋଜ ସାହୁ, ଇ. ବିପ୍ଳବ ବୁଗୁଡେଇ, ତରୁଣ ମହାନ୍ତି, ଅରୁଣ ବରାଡ଼, କାଶୀନାଥ ରଣା, ଲଳିତ ସେନ, ବାସ୍ତବ ପରିବାରର ପ୍ରଦୀପ କିଶୋର ମହାନ୍ତି, ନନ୍ଦଲାଲ ମିଶ୍ର, ଅଶ୍ୱିନୀ ବ୍ରହ୍ମା, ଶାନ୍ତନୁ କୁମାର ପାଢ଼ୀ, ଅରୁଣ କୁମାର ପାତ୍ର, ପ୍ରଦୀପ ପାଣିଗ୍ରାହୀ, ଚକ୍ରଧର ମହାପାତ୍ର, ଗୌରବ ମୋଦି, କାମିନୀ କଳାକାର, ତପନ ପଟ୍ଟନାୟକ, ମିଲନ ସ୍ୱାଇଁ, ଡଃ ନିରୋଜ କୁମାର ପୋଥାଳ, ଚିତ୍ତରଞ୍ଜନ ସ୍ୱାଇଁ, ସରୋଜ ମହାପାତ୍ର ( ଲିଟନ ), ଶ୍ରବଣ କୁମାର ଗୋପ, ବାସେନ ମାର୍ଣ୍ଡି ଦ୍ରୌପଦୀ ସାହୁ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଓ ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ଛାତ୍ରଛାତ୍ରୀ , ଆଞ୍ଚଳିକ ମହିଳା ମହାମଣ୍ଡଳ, ୱାର୍ଡ ନଂ ୧, ନାରାୟଣ ସେବା ଟ୍ରଷ୍ଟ, ରେଡ ଏଣ୍ଡ ଗ୍ରୀନ, ବାସ୍ତବ ପରିବାରର ସଦସ୍ୟ ଗଣ ଉପସ୍ଥିତ ରହି ଜନ୍ମଦିନ ଅବସରରେ ଅଭିନନ୍ଦନ ଜଣାଇଥିଲେ ଓ ଏହି ଅବସରରେ ୧ ନଂ ୱାର୍ଡର ବରିଷ୍ଠ ନାଗରିକ ସତ୍ୟନାରାୟଣ ଜି, କୈଳାଶ ବେହେରା, ଗୋକୁଳାନନ୍ଦ ଦାସ, ସଚିନ କରଙ୍କ ସମେତ ୨୫ ଜଣ ତଥା ସହରର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା ଓ ବାରୁଣୀ, ବେଲଗଡ଼ିଆ ଓ ରଘୁନାଥପୁର ଶ୍ମଶାନରେ ଶବଦାହ କରୁଥିବା ସମାଜସେବୀ ମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା ଓ ସମାଜସେବୀ ସୋମନାଥ ସିଂହ, ଡଃ ଅସୀମ କୁମାର ଚକ୍ରବର୍ତ୍ତୀ, ଦୀପକ କୁମାର ମିଶ୍ର, ମଙ୍ଗଳ ହାଁସଦା, ରବିନାରାୟଣ ବେହେରା, କିଚକ ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ଓ ରକ୍ତ ଭଣ୍ଡାର ଅଧିକାରୀ ଡଃ ସୌମ୍ୟ ରଞ୍ଜନ ନାୟକ ଙ୍କ ନେତୃତ୍ୱରେ ରକ୍ତ ସଂଗ୍ରହ କରାଯାଇଥିଲା ।



# ରଙ୍ଗରାଗ ସାହିତ୍ୟ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ କବିତା ପାଠ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୩୧/୩ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ପଞ୍ଚଦଶ ବାର୍ଷିକ ଉତ୍ସବରେ ରାଜ୍ୟ ସ୍ତରୀୟ କବିତା ପାଠ ଉତ୍ସବ ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଶିଷ୍ଟ କବି ସୁରେନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। କବି ଉମାକାନ୍ତ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ କବି ଚିତ୍ତ ରଞ୍ଜନ ନାୟକ ଓ କବି ପ୍ରୀତିପଦ୍ମା ଦାସ। କବି କମଳ ଲୋଚନ ବେହେରା ଓ କବି ନିହାରିକା ରଥ କବିତା ସଂଯୋଜନା କରିଥିଲେ। ଏହି ଉତ୍ସବରେ ବିଶିଷ୍ଟ କବି ରକ୍ଷକ ନାୟକ, କବି ନୃସିଂହ ଷଡ଼ଙ୍ଗୀ,କବି ସରୋଜ ବଳ, କବି ସେନାପତି ପ୍ରଦ୍ୟୁମ୍ନ କେଶରୀ, କବି ନର୍ମଦା ନିଲୋତ୍ପଳା,କବି ପ୍ରଶାନ୍ତ ଦାସ,କବି ବନମାଳୀ ସେନାପତି, ଡକ୍ଟର ଶୁଭଶ୍ରୀ ପ୍ରଭା ସ୍ୱାଇଁ, କବି ଜିତୁ ସାବତ, କବି ସଂଘମିତ୍ରା ଭୁତିଆ, କବି ବିପ୍ଳବ ରଞ୍ଜନ ପତି, କବି ଲାବଣ୍ୟ ନାୟକ, କବି ଚିତ୍ତ ରଞ୍ଜନ ନାୟକ, କବି ଶ୍ୱେତା ରାଉତ, କବି ଶ୍ରୀ ଗୋବିନ୍ଦ, କବି ଶୁଭଶ୍ରୀ ପତି, କବି ରତ୍ନାକର ପଣ୍ଡା, କବି ଝରଣା ଦାସ, କବି ଶାନ୍ତିଲତା ପଣ୍ଡା, କବି ଅଙ୍କିତ ଧଳ, କବି କୈଳାସ ବେହେରା, କବି ଭାଗ୍ୟଶ୍ରୀ ଦେ, କବି ଦେବେନ୍ଦ୍ର ପ୍ରସାଦ ମହାନ୍ତି, କବି ତ୍ରୈଲୋଚନ ସାହୁ, କବି କଲ୍ୟାଣୀ ନନ୍ଦ, କବି ବିକାଶ କୁମାର ଶତପଥୀ,ଡକ୍ଟର ସୁରେନ୍ଦ୍ର ପ୍ରସାଦ ମହାନ୍ତି, କବି ରତିକାନ୍ତ ବିଶ୍ୱାଳ, କବି ରମେଶ ଚନ୍ଦ୍ର ମହାରଣା,କବି ମଧୁସୂଦନ ମିଶ୍ର ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଜୀ ସାର୍ଥକରେ ପୁଣି ଡବଲ ମହା ପ୍ରିମିୟର: ଭଲ ପାଇବା ଓ ବଳିଦାନର ଏକ ଅକୁହା କାହାଣୀ 'ଲାଗେ ପ୍ରେମ ନଜର' ଆସନ୍ତା ରବିବାର

ଭୁବନେଶ୍ୱର, ୩୧/୩ (ନି.ପ୍ର): ଓଡ଼ିଆ ମନୋରଞ୍ଜନ ଜଗତର ଅଗ୍ରଣୀ ଚ୍ୟାନେଲ ଜୀ ସାର୍ଥକ ପକ୍ଷରୁ ଦର୍ଶକଙ୍କ ପାଇଁ ଭେଟି ଦିଆଯାଉଛି ଏକ ହୃଦୟସ୍ପର୍ଶୀ ପାରିବାରିକ ଚଳଚ୍ଚିତ୍ର 'ଲାଗେ ପ୍ରେମ ନଜର'। ଏପ୍ରିଲ୍ ୫ ତାରିଖ ରବିବାର ଦିନ ଦିପହର ୨ଟା ଏବଂ ପୁନର୍ବାର ସନ୍ଧ୍ୟା ୬ଟା ୩୦ ମିନିଟରେ ଏହାର ମେଗା ୱାର୍ଲ୍ଡ ପ୍ରିମିୟର ହେବ।ଚଳଚ୍ଚିତ୍ରର କାହାଣୀ ଜଣେ ସଫଳ ନିର୍ଦ୍ଦେଶକ ଆକାଶ ଏବଂ ତାଙ୍କ ପତ୍ନୀ ନନ୍ଦିନୀଙ୍କ ସୁନ୍ଦର ସଂସାରକୁ ନେଇ ଗତିଶୀଳ। ମାତ୍ର ସନ୍ଦେହ, ଭୁଲ୍ ବୁଝାମଣା ଏବଂ ଅପ୍ରତ୍ୟାଶିତ ଘଟଣାକ୍ରମ କିପରି ଏକ ହସଖୁସିର ସଂସାରକୁ ଛିନ୍ନଭିନ୍ନ କରିଦିଏ, ତାହା ଏଥିରେ ଦର୍ଶାଯାଇଛି। ମେଘାର ନିଃସ୍ୱାର୍ଥପର ବଳିଦାନ ଏବଂ ନନ୍ଦିନୀ-ଆକାଶଙ୍କ ପୁନର୍ମିଳନ ମଧ୍ୟରେ ଥିବା ସଂଘର୍ଷ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ। ପ୍ରେମ, ପ୍ରତାରଣା ଏବଂ ପରିଶେଷରେ କୃତଜ୍ଞତାର ଏକ ନିଆରା ସମନ୍ୱୟ ହେଉଛି 'ଲାଗେ ପ୍ରେମ ନଜର'। ଦିଲୀପ ପଣ୍ଡାଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଓଲିଉଡ଼ର ଲୋକପ୍ରିୟ ଅଭିନେତା ଅମ୍ଲାନ, ଅଭିନେତ୍ରୀ ପ୍ରିୟା ଚୌଧୁରୀ, ରିୟା ଦେ, ରାଗିଣୀ ସୁତ୍ରଧର ଏବଂ ବିଶେଷ ଭୂମିକାରେ ରାକେଶ ଦେଓ ନଜର ଆସିବେ। ପୂର୍ବରୁ ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଳୟରେ ଦର୍ଶକଙ୍କ ମନ ଜିତିଥିବା ଚଳଚ୍ଚିତ୍ରକୁ ଛୋଟ ପରଦାରେ ପ୍ରଥମ ଥର ପାଇଁ ଦେଖିବେ ଜୀ ସାର୍ଥକର ସମସ୍ତ ଦର୍ଶକ । ଏହି ଅବସରରେ ସାରା ଭାରତରେ ଥିବା ଓଡ଼ିଆ ଦର୍ଶକଙ୍କୁ ଶୁଭେଚ୍ଛା ଜଣାଇ ଜୀ ସାର୍ଥକର ବିଜିନେସ ହେଡ୍ ଶ୍ରୀ ରାହୁଲ ରାଓ କହିଛନ୍ତି. 'ଜୀ ସାର୍ଥକ ସଦାସର୍ବଦା ଓଡ଼ିଶାର କଳା ଓ ସଂସ୍କୃତି ସହ ଯୋଡ଼ି ହୋଇ ରହିଛି। 'ଲାଗେ ପ୍ରେମ ନଜର' କେବଳ ଏକ ସିନେମା ନୁହେଁ, ବରଂ ଏହା ସମ୍ପର୍କର ଏକ ଗଭୀର ପରୀକ୍ଷା। ଓଡ଼ିଶା ଓ ସାରା ଭାରତରେ ରହୁଥିବା ଆମର ପ୍ରିୟ ଓଡ଼ିଆ ଦର୍ଶକମାନେ ନିଜ ପରିବାର ସହ ଏହି ଭାବପୂର୍ଣ୍ଣ ଚଳଚ୍ଚିତ୍ରର ଆନନ୍ଦ ନେବେ ବୋଲି ମୋର ବିଶ୍ୱାସ।'




# ଜିଲ୍ଲାସ୍ତରୀୟ ଯୁବ ମଣ୍ଡଳ ବିକାଶ ଅଭିଯାନ

ଭଦ୍ରକ , ୩୧/୩ (ନି.ପ୍ର): ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଅଧୀନରେ ଥିବା ମାଇଁ ଭାରତ ସଂଗଠନ ସହଯୋଗରେ ଶୁଭମ ସୋଚ୍ଛାସେବୀ ସଂଗଠନ ପକ୍ଷରୁ ଜିଲ୍ଲା ସ୍ତରୀୟ ଯୁବ ମଣ୍ଡଳ ବିକାଶ ଅଭିଯାନ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀ ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ଶୁଭମ ସୋଚ୍ଛାସେବୀ ସଂଗଠନର ସଭାପତି ହୃଷିକେଶ ବାରିକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜିଲ୍ଲା ସ୍ତରୀୟ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ,ସମ୍ମାନିତ ଅତିଥିଭାବେ ଜିଲ୍ଲା ଯୁବ ଅଧିକାରୀ ଏମ ବିଗ୍ନେଶ, ମୁଖ୍ୟ ବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥିଭାବେ ସମାଜସେବୀ ସୁମନ୍ତ ମହାନ୍ତି ଓ ସମ୍ମାନିତ ଅତିଥିଭାବେ ଯୁବ ସାମାଜିକ କର୍ମୀ ଅରୂପ ଦଳାଇ ପ୍ରମୁଖ ଯୋଗ ଦେଇ, ଏହି ଅଭିଯାନ କିପରି ଯୁବ ସମାଜ କୁ ଜନ ସେବାରେ ବ୍ରତି ହେବା ପାଇଁ ଉତ୍ସାହିତ କରୁଛି, ସେହି ବିଷୟରେ ଆଲୋଚନା କରିବା ସହିତ ଆଜିର ଯୁବ ସମାଜ ରାଷ୍ଟ୍ର ନିର୍ମାଣରେ ତ୍ୟାଗ ପୂର୍ଣ୍ଣ ମନ ଭାବ ନେଇ କାର୍ଯ୍ୟ କରିଲେ, ସମାଜରେ ଅନେକ କିଛି ପରିବର୍ତ୍ତନ ହୋଇ ପାରିବ ବୋଲି କହିଥିଲେ। ଏହି ଅବସରରେ ସମାଜସେବା ଏବଂ ଯୁବ ମଣ୍ଡଳର ବିକାଶ ଅଭିଯାନ କୁ ସଫଳ କରିଥିବା ସାମାଜିକ କର୍ମୀ ଦୀପ୍ତି ରଞ୍ଜନ ସାହୁ, ପ୍ରଦୀପ କୁମାର ଦାସ, ମାନସ ରଞ୍ଜନ ସାହୁ, ସତ୍ୟକାନ୍ତ ନାୟକ, ମଳୟ ମହାଳିକ, ରଶ୍ମି ରଞ୍ଜନ ସାହୁ, ତତ୍ତ୍ୱଦର୍ଶୀ ମହାନ୍ତି, ସତ୍ୟବାନ ମହାଳିକ ଓ ସମରେନ୍ଦ୍ର ଦାସ ପ୍ରମୁଖ ଙ୍କୁ ଜିଲ୍ଲାପାଳ ସାର୍ଟିଫିକେଟ ଓ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ସଂଗଠନର ମୁଖ୍ୟ ସଂଯୋଜକ ଆନନ୍ଦ ଚନ୍ଦ୍ର ପଲାଇ, ଯୁବ ମଣ୍ଡଳର ବିକାଶ ଅଭିଯାନର ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିବା ବେଳେ ସଂଗଠନର ସମ୍ପାଦକ ନରେନ୍ଦ୍ର କୁମାର ସାମଲ, ଅତିଥି ପରିଚୟ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଯୁବ ମଣ୍ଡଳ ବିକାଶ ଅଭିଯାନରେ ଜିଲ୍ଲାରେ ୫ ଗୋଟି ବ୍ଲକର ୫୨ ଗୋଟି ନୂତନ ଯୁବ ସଂଗଠନ ଗଠନ କରାଯାଇଥିଲା। ସେମାନଙ୍କର କର୍ମକର୍ତ୍ତା ମାନେ ଏହି ସମ୍ମିଳନୀ ରେ ଯୋଗ ଦେଇଥିଲେ। ଦିବସ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ କୁ ପ୍ରଭାତ ଦାସ,ଜୟନ୍ତ ବାରିକ, ଗଙ୍ଗାଧର ଦାସ, ଧନ ନାୟକ ପ୍ରମୁଖ ପରିଚାଳନା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ମୟୂରଭଞ୍ଜ ଜିଲ୍ଲା ବେତନଟୀ ଜୋନ ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ

ବୈଶିଙ୍ଗା , ୩୧/୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଜୋନ ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ପକ୍ଷରୁ ପ୍ରଥମ ବାର୍ଷିକୋତ୍ସବ ସ୍ଥାନୀୟ ବନ୍ଧନ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଅବସରପ୍ରାପ୍ତ ସାମରିକ କର୍ମଚାରୀ ସଂଘର ସଭାପତି ମହେଶ୍ୱର ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ଓ ବେତନଟୀ ଜୋନର ସଭାପତି ଦୈତାରୀ ପରିଡ଼ା - ସମ୍ପାଦକ ନରହରି ମହାନ୍ତ ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ ସ୍ଥାନୀୟ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜୁନ ଚନ୍ଦ୍ର ସିଂ, ବେତନଟୀ ଥାନାର ପୋଲିସ ସବ ଇନ୍ସପେକ୍ଟର - ସିଦ୍ଧି ନାଥ ସାହୁ ତଥା ଆଇନ ପରାମର୍ଶ ଦାତା ଆଡଭୋକେଟ ପ୍ରବୀର କୁମାର ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ଅବସର ଗ୍ରହଣ କରିଥିବା ମୟୂରଭଞ୍ଜ ଜିଲ୍ଲାସ୍ତରରେ ଏବଂ ବ୍ଲକ ସ୍ତରରେ ସେନା ବାହିନୀର କର୍ମଚାରୀମାନେ ଏବଂ ମୃତ୍ୟୁବରଣ କରିସାରିଥିବା କର୍ମଚାରୀମାନଙ୍କ ପରିବାର ଦେଶ ମାତୃକାର ସେବା କରି ସୁଦ୍ଧା ସେମାନେ ରାଜ୍ୟସରକାରଙ୍କ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ଅବହେଳାର ଶିକାର ହୋଇଆସୁଥିବା ଯୋଗୁଁ ଜିଲ୍ଲା ସ୍ତରରେ ସଂଘ ଗଠନ ହୋଇ ସୁଦ୍ଧା ଏବଂ ବେତନଟୀ ବ୍ଲକ ସ୍ତରରେ ବେତନଟୀ ଜୋନର କର୍ମଚାରୀମାନଙ୍କୁ ଆଜି ସରକାରୀ ଭାବେ ତଥା ସାମାଜିକ ସ୍ତରରେ ଗୁରୁତ୍ୱ ଦିଆଯାଉ ନଥିବା ଯୋଗୁଁ ସେମାନେ ମାନସିକ ସ୍ତରରେ ଜିଲ୍ଲା ପ୍ରଶାସନକୁ ଦାୟୀ କରିଛନ୍ତି। ଦେଶର ସୀମାନ୍ତରେ ନିଜ ଜୀବନ ସହିତ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନଙ୍କ ଠାରୁ ଦୂରରେ ଥାଇ ଶତ୍ରୁ ପକ୍ଷର ମୁକାବିଲା କରି ଦେଶବାସୀଙ୍କୁ ଶାନ୍ତି ଓ ନିରାପତ୍ତା ପ୍ରଦାନ କରି ସୁଦ୍ଧା ସେମାନେ ଅନେକ କ୍ଷେତ୍ରରେ ବଞ୍ଚିତ ଓ ଅବହେଳିତ ବୋଲି ଜିଲ୍ଲା ସଂଘର ସଭାପତି ମହେଶ୍ୱର ବେହେରା ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସେନା ନିବୃତ୍ତ ଏହି ସେନା କର୍ମଚାରୀ ମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପରିଚୟପତ୍ର ପ୍ରଦାନ କରାଯିବା ସହିତ ବ୍ୟାଙ୍କ ସେବା, ରେଳ ଓ ବସ୍ ଯାତ୍ରା ସହିତ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସରକାରୀ ଓ ବେସରକାରୀ ମେଡିକାଲ ମାନଙ୍କରେ ସ୍ୱତନ୍ତ୍ର ସୁବିଧା ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବାକୁ ଅବସର ପ୍ରାପ୍ତ ସେନା କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ପ୍ରକାଶ କରିବା ସହିତ ଗଣମାଧ୍ୟମ ସେମାନଙ୍କ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା ଏହି ସଂଘ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ଅଂଶ ଗ୍ରହଣ କରିଥିବା ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ସହିତ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟର ଏନସିସି କ୍ୟାଡେଟ ମାନେ ଅତିଥିମାନଙ୍କୁ ସଭା ମଞ୍ଚକୁ ପାଛୋଟି ନେବା ସହିତ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ବେତନଟୀ ଜୋନ ସଭାପତି ଦୈତାରୀ ପରିଡା ସମସ୍ତଙ୍କ ସହଯୋଗରେ ଏହି ପ୍ରଥମ ବାର୍ଷିକୋତ୍ସବ ଟି ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇପାରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ।

ଧ୍ୱନି ପ୍ରତିଧ୍ୱନି



# ଶକ୍ତିଶ୍ରୀ ଶାଖା ତରଫରୁ ଛାତ୍ରୀ ମାନଙ୍କର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ଉଦଳା, ୩୧/୩ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟରେ ଥିବା ଶକ୍ତିଶ୍ରୀ ଶାଖା ତରଫରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଛାତ୍ରୀ ମାନଙ୍କ ପକ୍ଷେ ଏହାର ଆବଶ୍ୟକତା ଆଜି ଜରୁରି ହୋଇ ପଡ଼ିଛି ବୋଲି ବ୍ୟକ୍ତ କରିଥିଲେ । ଶକ୍ତିଶ୍ରୀ ଶାଖାର ସଂଯୋଜିକା ଅଧାପିକା କୁମକୁମ ଦାସ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱ ତୁଲାଇବା ସହ କିଶୋରି ବାଳିକା ମାନଙ୍କ ଶରିରରେ ଦେଖାଯାଉଥିବା ସମସ୍ୟା ଓ ଏଥିପାଇଁ କିପ୍ରକାର ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଅବସରପ୍ରାପ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ଭାଗବତ ବେହେରା ଅତିଥି ଭାବରେ ଯୋଗ ଦେଇ ଶରୀରକୁ ସୁସ୍ଥ ଓ ସୁନ୍ଦର ରଖିବା ପାଇଁ ଛାତ୍ରୀ ମାନଙ୍କର ଖାଦ୍ୟାଭାଷ ଓ ଦିନଚର୍ଯ୍ୟା କିପରି ହେବା ଉଚିତ ବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ମଂଜୁଳା କଳିଆ ଓ ଡ଼ଃ. ସୁଷମା ସାହୁ ମୋବାଇଲର ବ୍ୟବହାର ଶରୀର ଉପରେ ପକାଉଥିବା କୁ ପ୍ରଭାବ ବିଷୟରେ ଅବଗତ କରାଇଥିଲେ । ଶେଷରେ ଶକ୍ତିଶ୍ରୀ ଶାଖାର ସଂଯୋଜିକା କୁମକୁମ ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ ।



## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା : ଦୁଇ ଗୁରୁତର, ମହିଳାଙ୍କୁ ରେଫର କରାଗଲା

ବୈଶିଙ୍ଗା , ୩୧/୩ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା - ମାଣତ୍ରୀ ରାସ୍ତାର ବଡାମ ଠାକୁରାଣୀ ନିକଟରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ ଆରୋହୀ ଏବଂ ଦ୍ୱିତୀୟ ବାଇକ ରେ ଥିବା ସ୍ୱାମୀ ଅକ୍ଷକେ ଆହତ ହୋଇଥିବା ବେଳେ ସ୍ତ୍ରୀ ଗୁରୁତର ହୋଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଏହି ଥାନା ଅଧିନ କାଠପାଳ ଗ୍ରାମ ର ଦେବାନନ୍ଦ କବାଟ ଏବଂ ତାଙ୍କ ସ୍ତ୍ରୀ ସଞ୍ଜୁଲତା କବାଟ ନିଜ ବାଇକ ରେ ଘରକୁ ଯାଉଥବା ବେଳେ ବିପରୀତ ଦିଗ ରୁ ଆଉ ଏକ ବାଇକ ରେ ଖଣ୍ଡଦେଉଳା ଗ୍ରାମର ଗୁହ୍ୟା ସିଂର ପୁଅ ପ୍ରଦୀପ ସିଂ (୩୨) ତାଙ୍କୁ ଧକ୍କା ଦେଇଥିଲା । ଖବର ପାଇ ବୈଶିଙ୍ଗା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ତିନି ଜଣଙ୍କୁ ବୈଶିଙ୍ଗା ଡାକ୍ତରଖାନା ନେଇଆସିଥିଲେ, ଡାକ୍ତର ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ଗୁରୁତର ଆହତ ଥିବା ସଞ୍ଜୁଲତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇ ଥିବାର ଜଣାଯାଇଛି । ପୋଲିସ ଘଟଣାର ତଦନ୍ତ କରୁଛି ।

# ଅସୀମ ଓଡ଼ିଶା ଫାଉଣ୍ଡେସନ୍ ଟ୍ରଷ୍ଟ ଦ୍ୱାରା ମହାନାୟକ-୨୦୨୬ ପୁରସ୍କାର ସମାରୋହ ଆୟୋଜିତ




ଭୁବନେଶ୍ୱର, ୩୧/୩ (ନି.ପ୍ର): ଓଡ଼ିଶାରେ ବଢୁଥିବା କର୍କଟ ରୋଗ ବିଷୟବସ୍ତୁ ଉପରେ ଏକ ମର୍ଯ୍ୟାଦା ଜନକ ସ୍ୱାସ୍ଥ୍ୟ ସମ୍ମିଳନୀ ସଫଳତାର ସହିତ ଭୁବନେଶ୍ୱରର ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରରେ 'ମହାନାୟକ - ୨୦୨୬' ମହାନ ପୁରସ୍କାର ସମାରୋହ ସୋମବାର ଦିନ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡକ୍ଟର ହରି ବାବୁ କାୟମପତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସେ ତାଙ୍କ ଭାଷଣରେ ପ୍ରାରମ୍ଭିକ ଚିହ୍ନଟ, ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଏବଂ କର୍କଟ ରୋଗର ମୁକାବିଲାରେ ସାମୂହିକ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଆକାଶ ଦାସ ନାୟକ, ମାନ୍ୟବର ବିଧାୟକ, କୋରେଇ, ରବୀନ୍ଦ୍ର କୁମାର ଜେନା, ମାନ୍ୟବର ପୂର୍ବତନ ସାଂସଦ, ବାଲେଶ୍ୱର ଓ ପ୍ରିୟଦର୍ଶୀ ମିଶ୍ର, ମାନ୍ୟବର ପୂର୍ବତନ ବିଧାୟକ, ଭୁବନେଶ୍ୱର ଉତ୍ତର, ସ୍ୱାସ୍ଥ୍ୟସେବା ସଚେତନତା ଏବଂ ସୁଗମତାକୁ ସୁଦୃଢ଼ କରିବା ଉପରେ ଆଲୋକପାତ କରିଥିଲେ । ସମାବେଶକୁ ସମ୍ବୋଧିତ କରି, ଅସୀମ ଓଡ଼ିଶା ଫାଉଣ୍ଡେସନ୍ ଟ୍ରଷ୍ଟର ଅଧକ୍ଷ ଏବଂ ପରିଚାଳନା ଟ୍ରଷ୍ଟି ଅସୀମା ଦାସ, ସମଗ୍ର ଓଡ଼ିଶାରେ ଜନସ୍ୱାସ୍ଥ୍ୟ ସଚେତନତା ଏବଂ ସାମାଜିକ କଲ୍ୟାଣ ପଦକ୍ଷେପ ପ୍ରତି ସଂଗଠନର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲେ । ଏହି କନକ୍ଲେଭରେ ସ୍ୱାସ୍ଥ୍ୟସେବା ବୃତ୍ତିଗତ, ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ସାମାଜିକ ନେତାମାନେ ଏକତ୍ରିତ ହୋଇ ବର୍ଦ୍ଧିତ କର୍କଟ ରୋଗ ଏବଂ ସଚେତନତାର ଜରୁରୀ ଆବଶ୍ୟକତା, ସମୟୋଚିତ ରୋଗ ନିର୍ଣ୍ଣୟ ଏବଂ ଉନ୍ନତ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା 'ମହାନାୟକ - ୨୦୨୬' ପୁରସ୍କାର ସମାରୋହ । ଯେଉଁଠାରେ ସମାଜ ପ୍ରତି ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା ।

# ରାଜ୍ୟସ୍ତରରେ ଚିନ୍ମୟ ଦାସ ପଟ୍ଟନାୟକ ସମ୍ବର୍ଦ୍ଧିତ

ବାରିପଦା, ୩୧/୩ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଜୟଦେବ ଭବନଠାରେ କଳିଙ୍ଗ ଗୌରବ ଫାଉଣ୍ଡେସନ ଓ ରାଷ୍ଟ୍ରୀୟ ପତ୍ରକାର ମହାସଂଘ ଦ୍ୱାରା ଅନୁଷ୍ଠିତ ହୋଇଥିବା ଜାତୀୟ ମିଡ଼ିଆ କୋନକ୍ଲେଭ - ୨୦୨୬ ଅବସରରେ ଓଡ଼ିଆ ନାଟକ ତଥା ଚଳଚ୍ଚିତ୍ର ଜଗତରେ ସୁନାମ ଅର୍ଜନ କରିଥିବା ବାରିପଦା ତଥା ମୟୁରଭଞ୍ଜର ଗର୍ବ ଗୌରବ ବିଶିଷ୍ଟ ଲେଖକ, ଅଭିନେତା ଓ ନିର୍ଦ୍ଦେଶକ ଚିନ୍ମୟ କୁମାର ଦାସ ପଟ୍ଟନାୟକଙ୍କୁ ତାଙ୍କର ଉଲ୍ଲେଖନୀୟ ଅବଦାନ ନିମନ୍ତେ ରାଜ୍ୟର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ତଥା ଗଣମାଧ୍ୟମର ବିଶିଷ୍ଟ ଗୁଣିଜନଙ୍କ ଗହଣରେ ଉଚ୍ଚ ପ୍ରଶଂସିତ କରିବା ସଙ୍ଗେସଙ୍ଗେ ଉପଢୌକନ ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରୀ ଦାସ ପଟ୍ଟନାୟକ ସମେତ ମଞ୍ଚରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ବର୍ଷୀୟାନ ଅଭିନେତା, ଉପସ୍ଥାପକ ଓ ନିର୍ଦ୍ଦେଶକ ଅଶ୍ରୁମୋଚନ ମହାନ୍ତି, ଅଭିନେତା ଲେଖକ ଓ ନିର୍ଦ୍ଦେଶକ ହରିହର ମହାପାତ୍ର, ଉପସ୍ଥାପିକା, ଅଭିନେତ୍ରୀ ଓ ପ୍ରଯୋଜିକା ନୈନା ଦାସ ଓ ବର୍ଷୀୟାନ ଅଭିନେତା ତଥା ସମାଜସେବୀ ଡକ୍ଟର ରୁଷି ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପ୍ରଖ୍ୟାତ ଡାକ୍ତର ଓ ସମାଜସେବୀ ଡଃ ଚିଦାତ୍ମିକା ଖଟୁଆ, ମେଜର ଡକ୍ଟର କଳ୍ପନା ଦାସ, ଡଃ ରଜନୀକାନ୍ତ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ଏହି ଭବ୍ୟ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିବା 'ବିକଶିତ ଓଡ଼ିଶା ୨୦୨୬/ ଭାରତ - ୨୦୪୭ ନିମନ୍ତେ ଗଣମାଧ୍ୟମର ଭୂମିକା' ଶୀର୍ଷକ ଆଲୋଚନାରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ମାନଙ୍କର ଉଚ୍ଚକୋଟିର ବକ୍ତବ୍ୟ ପାଇଁ ଉପସ୍ଥିତ ବୁଦ୍ଧିଜୀବୀ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ତଥା ପ୍ରତିଭାଧର ଗୁଣିଜନମାନେ ଅଭିନନ୍ଦନ ଜଣାଇବା ସହ ଏହି ନିଆରା କାର୍ଯ୍ୟକ୍ରମ ପାଇଁ ଆୟୋଜକଙ୍କ ପ୍ରଶଂସା କରିଥିଲେ ।



# ଶ୍ରୀ ଓ.ପି. ଜିନ୍ଦଲଙ୍କ ଶ୍ରାଦ୍ଧ ବାର୍ଷିକୀରେ ଜେଏସଡବ୍ଲ୍ୟୁ ଷ୍ଟିଲ୍, ଓଡ଼ିଶାର ପକ୍ଷରୁ ଅନନ୍ୟ ଶ୍ରଦ୍ଧାଞ୍ଜଳି

ବାର୍ବିଲ୍, ୩୧/୩ (ନି.ପ୍ର): O.P. ଜିନ୍ଦଲ ଗ୍ରୁପ୍ ର ସ୍ଥପତି ଏବଂ ପ୍ରତିଷ୍ଠାତା ଶ୍ରୀ ଓମ୍ ପ୍ରକାଶ ଜିନ୍ଦଲ (ସମ୍ମାନର ସହିତ ବାଉଜି ନାମରେ ଜଣା)ଙ୍କୁ ତାଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ cwkaଈ \ ô JSW ଷ୍ଟିଲ୍, ଓଡ଼ିଶା ଖଣି ବିଭାଗର କର୍ମଚାରୀ, ଶ୍ରମିକମାନେ ଏକତ୍ରିତ ହୋଇଥିଲେ। ବାର୍ବିଲ୍ କାର୍ଯ୍ୟାଳୟ, ନାରାୟଣପୋଷି ଖଣି, ନୂଆଗାଁ ଖଣି, ଗଣୁଆ ଖଣି ଏବଂ ଭୁବନେଶ୍ୱର କାର୍ଯ୍ୟାୟରେ ସ୍ମାରକୀ ସେବା ଅନୁଷ୍ଠିତ ହୋଇଥିଲା। ଏହି ଦିନଟି ତାଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ସ୍ଥାୟୀ ଐତିହ୍ୟର ପ୍ରତି ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି ଏବଂ ସାମୂହିକ ସ୍ମୃତିରେ ପାଳନ କରାଯାଇଥିଲା। ବାର୍ବିଲ୍ କାର୍ଯ୍ୟାଳୟରେ, ଶ୍ରୀ ପ୍ରସନ୍ନ ପଣ୍ଡା (JSW ଷ୍ଟିଲ୍, ଓଡ଼ିଶା ଖଣି ବିଭାଗର ବ୍ୟବସାୟ ମୁଖ୍ୟ), ଶ୍ରୀ ଚିତ୍ତରଞ୍ଜନ ବାହାନୀପତି (HR ମୁଖ୍ୟ- JSW ଷ୍ଟିଲ୍, ଓଡ଼ିଶା ଖଣି ବିଭାଗ), ଏବଂ ଶ୍ରୀ ରାମ ଶଙ୍କର ଶର୍ମା (ଅପରେସନ୍ସ ଏବଂ ପ୍ରୋଜେକ୍ଟ ମୁଖ୍ୟ- JSW ଷ୍ଟିଲ୍, ଓଡ଼ିଶା ଖଣି ବିଭାଗ) ସମେତ ବିଶିଷ୍ଟ ବ୍ୟକ୍ତିମାନେ ବାଉଜିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାରେ କର୍ମଚାରୀମାନଙ୍କ ସହିତ ଯୋଗ ଦେଇଥିଲେ। ଏକ ସ୍ମାରକୀ ସେବା ଅନୁଷ୍ଠିତ ହୋଇଥିଲା ଯେଉଁଠାରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ଏବଂ କର୍ମଚାରୀମାନେ ଇସ୍ପାତ ଶିଳ୍ପ ଏବଂ ସମାଜ ପ୍ରତି ତାଙ୍କର ଅବଦାନ ଉପରେ ପ୍ରତିଫଳିତ ହୋଇଥିଲେ। ନାରାୟଣପୋଷି, ନୂଆଗାଁ, ଗଣୁଆ ମାଇନ୍ସ ଏବଂ ଭୁବନେଶ୍ୱର କାର୍ଯ୍ୟାଳୟରେ ସମାନ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ କର୍ମଚାରୀମାନେ ବାଉଜିଙ୍କ ସ୍ମୃତିକୁ ସମ୍ମାନ ଜଣାଇବା ଏବଂ ତାଙ୍କ ଆଦର୍ଶକୁ ଆଗକୁ ବଢ଼ାଇବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିବା ପାଇଁ ଏକତ୍ରିତ ହୋଇଥିଲେ। ବାଉଜିଙ୍କ ନୀତିଗୁଡ଼ିକୁ ବଜାୟ ରଖିବା ଏବଂ JSW ର କାର୍ଯ୍ୟର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷତା ପାଇଁ ପ୍ରୟାସ ଜାରି ରଖିବା ପାଇଁ ଏକ ସାମୂହିକ ପ୍ରତିଜ୍ଞା ସହିତ ଏହି ଉତ୍ସବ ଶେଷ ହୋଇଥିଲା।



# ରାମକୃଷ୍ଣ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୩୧/୩ (ନି.ପ୍ର): ରାମକୃଷ୍ଣ ବିଦ୍ୟା ନିକେତନର ପଞ୍ଚଦଶ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟା ନିକେତନର ପରିଚାଳନା କମିଟି ଉପ ସଭାପତି ବିଜୟ କୁମାର ବଳ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ବିଷ୍ଣୁ ମୋହନ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ବାଲେଶ୍ୱର ବଳାଙ୍ଗୀ କଲେଜର ଇଂରାଜୀ ବିଭାଗ ଅଧ୍ୟାପକ ବିଦ୍ୟାଧର ପ୍ରଧାନ । ଏହି ଉତ୍ସବରେ ସ୍ୱତନ୍ତ୍ର ବକ୍ତା ଭାବେ ଯୋଗ ଦେଇଥିଲେ କବି ରମଣୀ ରଞ୍ଜନ ମିଶ୍ର। ସମସ୍ତ ଅତିଥି ଶିକ୍ଷା, ସାହିତ୍ୟ, ଧର୍ମ, କଳା ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଉତ୍ସବରେ ବିଦ୍ୟା ନିକେତନର ପ୍ରଧାନ ଆଚାର୍ଯ୍ୟ ଧୀରେନ୍ଦ୍ର କୁମାର ବାରିକ୍ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ତପନ କୁମାର ବାରିକ୍ ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁମା ମିନତୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।ପ୍ରଥମ ଅଧିବେଶନରେ କବି ବିକାଶ ଶତପଥୀ ଓ କବି ସଦାନନ୍ଦ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ବସ୍ତା ମଥାନୀ ଛକରେ ଟୋଟୋ ଦୁର୍ଘଟଣାଗ୍ରସ୍ତ: ୩ ଆହତ

ବସ୍ତା, ୩୧/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ମଥାନୀ ଛକ ନିକଟରେ ଆଜି ଏକ ବଡ଼ ଦୁର୍ଘଟଣା ଅଳ୍ପକେ ବାର୍ତ୍ତି ଯାଇଛନ୍ତି।ଘଟଣାରୁ ପ୍ରକାଶ, ରୂପସା ଥାନା ଅନ୍ତର୍ଗତ ଆଙ୍କ ଗ୍ରାମରୁ ଏକ ଟୋଟୋ ଯୋଗେ ୬ ଜଣ ଯାତ୍ରୀଙ୍କୁ ନେଇ ବସ୍ତା ଥାନା ତାପଣ୍ଡା ଗ୍ରାମ ଅଭିମୁଖେ ଯାଉଥିଲେ। ମଥାନୀ ଛକ ନିକଟରେ ଥିବା ଏକ ଅଧା ନିର୍ମିତ ପୋଲ ନିକଟରେ ଟୋଟୋଟି ଭାରସାମ୍ୟ ହରାଇ ନାଳକୁ ଖସି ପଡ଼ିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି। ରାସ୍ତାରେ ସୁରକ୍ଷା ବେରିକେଡ୍ ନଥିବାରୁ ଏହି ଅଘଟଣ ଘଟିଥିବା ନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଦୀର୍ଘ ଦିନ ଧରି ପୋଲ କାମ ଅଧାରୁ ବନ୍ଦ ପଡ଼ିଥିବା ବେଳେ, ନିମ୍ନମାନର ବାୟ ପାସ ରାସ୍ତା ଯୋଗୁଁ ଦୁର୍ଘଟଣା ଘଟିଥିବା ଚର୍ଚ୍ଚା ହେଉଛି।

# ବିଦ୍ୟୁତ ବିଭାଗ ଏସଡିଓଙ୍କ ଦବଙ୍ଗଗିରି: ନିଜ କର୍ମଚାରୀଙ୍କୁ ପିଟି ଲହୁଲୁହାଣ କଲେ, ଥାନାରେ ଅଭିଯୋଗ

ନୀଳଗିରି, ୩୧/୩ (ନି.ପ୍ର): ଗାଡି ଆସିବାରେ ବିଳମ୍ବ ହେବାରୁ ନିଜ କର୍ମଚାରୀଙ୍କୁ ପିଟି ଲହୁଲୁହାଣ କଲେ ବିଦ୍ୟୁତ ବିଭାଗ ଏସଡିଓ। ନୀଳଗିରି ବିଦ୍ୟୁତ ବିଭାଗ ଏସଡିଓଙ୍କ ଦବଙ୍ଗିରିର ଶିକାର ହେଲେ ନିଜର କର୍ମଚାରୀ। ସୂଚନା ମୁତାବକ ଗତ ଶନିବାର ୨୮ ତାରିଖରେ ବିଳମ୍ବିତ ରାତିରେ ବିଦ୍ୟୁତ ବିଭାଗ କର୍ମଚାରୀ ସନ୍ତୋଷ ବେହେରା ହାତୀ ଆସିବା କାରଣରୁ ସହଯୋଗୀଙ୍କ ସହ ବିଦ୍ୟୁତ କାଟ କରିବାକୁ ବରହମପୁର ଅଞ୍ଚଳକୁ ଆସିଥିଲେ। ବିଦ୍ୟୁତ ବିଭାଗର ଏସଡିଓ ଲକ୍ଷ୍ମୀକାନ୍ତ ଷଡଙ୍ଗୀ ନିଶାଶକ୍ତ ହୋଇ ତୁରନ୍ତ ଗାଡି ନେଇ ଆସିବାକୁ ଫୋନ କରିଥିଲେ। ହେଲେ ଗାଡି ଆସିବାରୁ ବିଳମ୍ବ ହେବାରୁ ଲକ୍ଷ୍ମୀକାନ୍ତ ସନ୍ତୋଷଙ୍କୁ ନିସ୍ତୁକ ମାଡ ମାରିବା ସହ ଅନ୍ୟ କର୍ମଚାରୀଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ବିନା କୌଣସି ଭୁଲରେ ତାଙ୍କୁ ଏସିଡିଓ ମଦ ପିଇ ନିଜର ଦବଙ୍ଗଗିରି ଦେଖାଇ ମାଡ ମାରିବାରୁ ନ୍ୟାୟ ଦାବୀରେ ସନ୍ତୋଷ ନୀଳଗିରି ଥାନା ଓ ଶ୍ରମ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି।ଏ ନେଇ ସେ ନୀଳଗିରି ବିଦ୍ୟୁତ ବିଭାଗ ଜେଇ ପାର୍ଥ ସାରଥୀ ବାରିକ ଓ ବିଭାଗୀୟ ଏଜେନ୍ସିଙ୍କୁ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି।ଏ ନେଇ ପାର୍ଥ ସାରଥି ବାରିକଙ୍କୁ ପଚାରିବାରୁ ଘଟଣା ସତ୍ୟ ସେଦିନ ରାତିରେ ଯେଉଁ ଅଧିକାରୀ ଥିଲେ ସେମାନଙ୍କୁ ପଚାରିଛି ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଛି ବୋଲି କହିଛନ୍ତି।ଅପରପକ୍ଷରେ ଏ ନେଇ ଏସଡିଓ ଲକ୍ଷ୍ମୀକାନ୍ତ ଷଡଙ୍ଗୀଙ୍କୁ ବରମ୍ବାର ଫୋନ କରିଥିଲେ ମଧ୍ୟ ସେ ଉଠାଇନଥିଲେ।

# ପ୍ରକାଶ ପାଇଲା ଦିବଂଗତ ସାମ୍ବାଦିକ ସ୍ମୃତି କମିଟି ବାଲେଶ୍ୱରର ସଦସ୍ୟତା ତାଲିକା



ବାଲେଶ୍ୱର, ୩୧/୩ (ନି.ପ୍ର): ସ୍ୱର୍ଗତ ନରେନ୍ଦ୍ର କୁମାର ବାରିକଙ୍କ ଶ୍ରାଦ୍ଧ ସ୍ମୃତି ଚାରଣ ସଭାରେ ପ୍ରକାଶ ପାଇଛି ଦିବଂଗତ ସାମ୍ବାଦିକ ସ୍ମୃତି କମିଟି ର ଆଜୀବନ ସଦସ୍ୟତା ଗ୍ରହଣ କରିଥିବା ତାଲିକା। ମୁଖ୍ୟ ଅତିଥି ଭାବେ ସ୍ମୃତି ଚାରଣ ସଭାରେ ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା ଯୋଗ ଦେଉଥିଲେ। ଏହି ଅବସରରେ ତାଲିକା ଲୋକାର୍ପିତ ହୋଇଥିଲା। ତାଲିକା ରେ ସର୍ବଶ୍ରୀ ନାରାୟଣ ଚନ୍ଦ୍ର ପ୍ରଧାନ, ମାନସ କୁମାର ଦତ, ରବି ରାଉତ, ଶିବ ଦାସ କୁଣ୍ଡୁ, ଯାଦବେସ ମିଶ୍ର, ସନ୍ଦିପ୍ତ କୁମାର ଦାସ, ସୃଷ୍ଟିଧର ପରିଡା, ନିର୍ମାଲ୍ୟ ମହାନ୍ତି, ଉଜ୍ଜଳ ଚନ୍ଦ୍ର କର, ଅଭୟ କୁମାର ଦାସ, ରତିକାନ୍ତ ପାତ୍ର, ଧୂରଜ କୁମାର ଦାସ,ବାସୁଦେବ ରାଉଳ ସୀତା ରାମ ପାତ୍ର, ବଂଶୀଧର ଦଳେଇ, ମଲ୍ଲିକ୍ ରିଓ୍ୱାନ୍, ସେଖ୍ ଅବଦୁଲ ଅଜିମ୍ (ଅଜିମ୍ ବାଲେଶ୍ୱରୀ) ପଦ୍ମଲୋଚନ ଦତ, ସମ୍ବିଦ କୁମାର ବେହେରା, କମଳାକାନ୍ତ ନାୟକ, ଲୋକନାଥ ପିରି ଭଗବାନ ଚନ୍ଦ୍ର ଦାସ, ଶିବଶଙ୍କର ଭୋଇ ସୁରେନ୍ଦ୍ର ମୋହନ ଜେନା, ଶରତ କୁମାର ବାରିକ ପୂର୍ଣଚନ୍ଦ୍ର ବେହେରା, ତ୍ରୀଲୋଚନ ମହାନ୍ତି, ଗଗନ କୁମାର ସେଠୀ,ଦେବବ୍ରତ ପାଣିଗ୍ରାହୀ, ସୁଶାନ୍ତ କୁମାର ଦାସ, ମହେଶ୍ୱର ପ୍ରଧାନ, ସର୍ବେଶ୍ୱର ଦାଶ, ଅର୍ଦ୍ଧେନ୍ଦୁ କୁମାର ମିଶ୍ର, ବିଦ୍ୟାଧର ମହାନ୍ତି, ହରିଶଙ୍କର ଜେନା ପ୍ରମୁଖ ସଦସ୍ୟତା ଗ୍ରହଣ କରିଥିବା ଜଣା ପଡ଼ିଛି।

# ଜାଠିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସମାରୋହ

ବାଲିଆପାଳ, ୩୧/୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାଠିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଜୟଶ୍ରୀ ସାହୁଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସମାରୋହ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱନାଥ ଦାସଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ବ୍ଲକ ସହ ଗୋଷ୍ଠୀ ଶିକ୍ଷାଧିକାରୀ ନମିତାପ୍ରଭା ସାମଲ, ମୁଖ୍ୟ ବକ୍ତା ଭାବେ ଦେଉଳା ଗ୍ରାମପଞ୍ଚାୟତ ସରପଞ୍ଚ ସରୋଜ କୁମାର ପିଳା, ସମ୍ମାନିତ ଅତିଥି ଭାବେ ସମାଜ ସେବୀ ଜୟନାରାୟଣ ଦାସ , ରାଷ୍ଟ୍ରପତି ତଥା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ ନିତାଇ ଚରଣ ରାଉଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଷ୍ଣୁପ୍ରିୟା ଜେନା, ବିଶିଷ୍ଟ ଶିକ୍ଷାବିତ ରବୀନ୍ଦ୍ର ସାମଲ, ଶ୍ରୀହରି ଧଳ, ବିଜୟ କୁମାର ଜେନା, ସିଆରସିସି ରବୀନ୍ଦ୍ର କୁମାର ବିଶ୍ୱାଳ ଯୋଗଦେଇ ଶ୍ରୀମତୀ ସାହୁଙ୍କର ଦୀର୍ଘ ୩୮ ବର୍ଷର ଉତ୍ସର୍ଗୀକୃତ ଶିକ୍ଷକତା ଜୀବନ ସମ୍ବନ୍ଧରେ ଆଲୋକ ପାତ କରିଥିଲେ । ଶିକ୍ଷୟିତ୍ରୀ କନକଲତା ଭୂୟାଁ, ଗୀତାଞ୍ଜଳି ବେହେରା, ରାମଚନ୍ଦ୍ର ବେଶ୍ରା, ଅଚ୍ୟୁତାନନ୍ଦ ଦାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶିକ୍ଷୟିତ୍ରୀ ଅନିବାଳା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟର ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି ତଥା ଗ୍ରାମବାସୀଙ୍କ ତରଫରୁ ମାନ ପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା ।



## ଏଆଇ ଲିଭାଇବ ଜଙ୍ଗଲ ନିଆଁ

ଭୁବନେଶ୍ୱର, ୩୧/୩ (ନି.ପ୍ର): ଜଙ୍ଗଲ ନିଆଁ ଲିଭାଇବା ପାଇଁ ଏଆଇ ଟେକନୋଲୋଜିର ବ୍ୟବହାର କରୁଛନ୍ତି ସରକାର । ରାଜ୍ୟର ସଂବେଦନଶୀଳ ଜଙ୍ଗଲ ଅଞ୍ଚଳଗୁଡିକରେ ନିଆଁର ପୂର୍ବାନୁମାନ, ନିରୀକ୍ଷଣ ଓ ପ୍ରତିରୋଧ ପାଇଁ ସରକାର କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ପ୍ରଯୁକ୍ତିବିଦ୍ୟା ଆପଣାଇଛନ୍ତି ସରକାର । ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଉତ୍ତର ଓ ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡ, ବରଗଡ ଜିଲ୍ଲାର ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ, ଅନୁଗୁଳ ଜିଲ୍ଲାର ଅନୁଗୁଳ ବନଖଣ୍ଡ, ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ଏବଂ ବଣାଇ ବନଖଣ୍ଡରେ ଏହି ଏଆଇ ଆଧାରିତ ଅତ୍ୟାଧୁନିକ ମନିଟରିଂ ବ୍ୟବସ୍ଥା କରାଯାଇଛି ।

# ମୋବାଇଲ ଚୋରିକରି ପେଶାଦାର ଚୋର ଗିରଫ : ୨ମୋବାଇଲ ଜବତ

ବେତନଟୀ, ୩୧/୩ (ନି.ପ୍ର) : ବେତନଟୀ ସାପ୍ତାହିକ ହାଟରୁ ମୋବାଇଲ ଚୋରିକରି ଚମ୍ପଟ ମାରିବାକୁ ଚେଷ୍ଟା କରୁଥିବା ଜନୈକ ଆନ୍ତଃଜିଲ୍ଲା ପେଶାଦାର ଚୋରକୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କଲା ବେତନଟୀ ପୁଲିସ । ଗିରଫ ଅଭିଯୁକ୍ତ ପେଶାଦାର ଚୋର ଜଣକ ହେଉଛି ଭଦ୍ରକ ଜିଲ୍ଲା ଧାମନଗର ଥାନା ଅଧୀନ କଣିଗାଁ ଅଞ୍ଚଳର ରମାକାନ୍ତ ଦାସର ପୁଅ ରାଜେଶ ଦାସ(୨୯) । ସୂଚନା ମୁତାବକ ସୋମବାର ବେତନଟୀ ସାପ୍ତାହିକ ହାଟରୁ ଦୁଇଟି ସ୍ମାର୍ଟଫୋନ ଚୋରିକରି ଚମ୍ପଟ ମାରୁଥିବା ବେଳେ ବେତନଟୀ ହାଟରେ ଡ୍ୟୁଟି କରୁଥିବା ପୁଲିସ ଟିମ ଚୋରକୁ କାବୁକରି ଥାନାକୁ ଆଣିଥିଲେ । ଅଧିକ ପଚରା ଉଚରା ପରେ ଅଭିଯୁକ୍ତ ରାଜେଶ ଦାସ ନିକଟରୁ ଦୁଇଗୋଟି ଚୋରି ସ୍ମାର୍ଟଫୋନ ଜବତ କରିଥିଲେ । ଅଧିକ ତଦନ୍ତ ପରେ ଅଭିଯୁକ୍ତ ରାଜେଶ ଦାସ ୨୦୨୪ମସିହାରେ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ରୁଜୁ ହୋଇଥିବା ଏକ ୨୪୪ନମ୍ବରରେ ରୁଜୁ ହୋଇଥିବା ଏକ ଚୋରି ମାମଲାରେ ମଧ୍ୟ ଅଭିଯୁକ୍ତ ରହିଛି । ବେତନଟୀ ଥାନା ଏଏସଆଇ ପଞ୍ଚାନନ ମହାନ୍ତି ୧୩୫ ନମ୍ବରରେ ମାମଲା ରୁଜୁକରି ଅଭିଯୁକ୍ତ ରାଜେଶ ଦାସର ସ୍ୱାସ୍ଥ୍ୟପରୀକ୍ଷା କରାଇ ମଙ୍ଗଳବାର ଅପରାହ୍ନରେ ବେତନଟୀ ଜେଏମଏଫସି କୋର୍ଟକୁ ଚାଲାଣ କରିଥିଲେ। ଜବତ ଦୁଇଟି ସ୍ମାର୍ଟଫୋନକୁ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା ନେଇ ମାମଲାର ତଦନ୍ତକାରୀ ଅଧିକାରୀ ଏଏସଆଇ ପଞ୍ଚାନନ ମହାନ୍ତି ସୂଚନା ଦେଇଛନ୍ତି ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida